

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୧୩ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 SEPTEMBER 2022
Vol.No. 35 ■ No. 241 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଅଟୋରେ ଡ୍ରାଇଭରଙ୍କ ଘରକୁ ଖାଇବାକୁ ଗଲେ କେଜ୍ରିୱାଲ



ଅହମ୍ମଦାବାଦ, ୧୨/୦୯ (ନି.ପ୍ର): କଥା ଦେଇ କଥା ରଖିଲେ କେଜ୍ରିୱାଲ। ଅଟୋ ଡ୍ରାଇଭରଙ୍କ ଘରକୁ ଡିନର ପାଇଁ ପ୍ରତିଶ୍ରୁତି ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ ଆବାହକ କେଜ୍ରିୱାଲ ପାଳନ କରିଛନ୍ତି। ଆଜି ଅହମ୍ମଦାବାଦରେ ଜଣେ ଅଟୋ ଡ୍ରାଇଭରଙ୍କ ଘରକୁ ଡିନର ପାଇଁ ଯାଉଥିବା ବେଳେ ପୁଲିସ ସହ ଯୁକ୍ତି ତର୍କ ହୋଇଛି। ଆଜି ସନ୍ଧ୍ୟାରେ ଅହମ୍ମଦାବାଦରେ ଏକ ଅଟୋ ଯୋଗେ କେଜ୍ରିୱାଲ ଯାଉଥିବା ବେଳେ ତାଙ୍କୁ ବାଟରେ ପୁଲିସ ଅଟକାଇଥିଲା। ସୁରକ୍ଷା ପ୍ରସଙ୍ଗ କହି ପୁଲିସ ତାଙ୍କୁ ଅଟକାଇଥିବା ବେଳେ କେଜ୍ରିୱାଲଙ୍କ ସହ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏହି ସମୟରେ କେଜ୍ରିୱାଲ ଅହମ୍ମଦାବାଦ ପୁଲିସକୁ କହିଥିଲେ ଯେ ମୋର ସୁରକ୍ଷା ଆବଶ୍ୟକ ନାହିଁ। ଆପଣ ସୁରକ୍ଷା ବ୍ୟବସ୍ଥା ହଟାଇ ନିଅନ୍ତୁ। ମୋର ଜନତାଙ୍କ ସହ ଯିବାର ଅଛି। ତାଙ୍କ ସହ ରହିବାର ଅଛି। ପୁଲିସ ସହ ଯୁକ୍ତିତର୍କ ବେଳର ଭିଡିଓ ଆପ ପକ୍ଷରୁ ଟ୍ୱିଟ୍ କରାଯାଇଛି। କେଜ୍ରିୱାଲ ଆହୁରି କହିଛନ୍ତି ଯେ, ଏଥିପାଇଁ ଗୁଜରାଟ ଲୋକେ ନାଖୁସ ଅଛନ୍ତି। ଜନତାଙ୍କ ପାଖକୁ ଯିବାକୁ ମୋତେ ଆପଣ ଅଟକାଉଛନ୍ତି। ପ୍ରୋଟୋକଲ ବାହାନା କରି ନେତାମାନେ ଜନତାଙ୍କ ପାଖକୁ ଯାଉ ନାହାନ୍ତି। ଆପଣଙ୍କ ନେତାଙ୍କୁ କୁହନ୍ତୁ ପ୍ରୋଟୋକଲ ଭାଙ୍ଗି ଜନତାଙ୍କୁ ଭେଟିବେ। ଆମେ ଆପଣଙ୍କ ସୁରକ୍ଷା ଚାହୁଁ ନାହୁଁ। ଆପଣ କାହିଁକି ଆମ ଉପରେ ଫୋକସ କରୁଛନ୍ତି । ଅନ୍ୟପଟେ ଜଣେ ପୁଲିସ ଅଫିସର କହୁଛନ୍ତି ଯେ, ଆପଣଙ୍କ ସୁରକ୍ଷା ପାଇଁ ସରକାରୀଭାବେ ଅବଗତ କରାଯାଇଛି। ତେବେ ଜବାବରେ କେଜ୍ରିୱାଲ କହିଛନ୍ତି ଯେ, ଅପାଣ ମୋତେ ଗିରଫ କରିବାକୁ ଚାହୁଁଛନ୍ତି। ଆପଣ ମୋତେ ଗିରଫ କରିପାରିବେନି। ଏହି ଘଟଣାକୁ ନେଇ ବିଜେପି କଡ଼ା ପ୍ରତିକ୍ରିୟା ରଖିଛି। ଦଳ କେଜ୍ରିୱାଲଙ୍କୁ ଏହି ଆଚରଣ ପାଇଁ କଡ଼ା ସମାଲୋଚନା କରିଛି। ଆଗକୁ ଗୁଜରାଟ ବିଧାନସଭା ନିର୍ବାଚନ ଥିବାରୁ ଆପ ଆବାହକ ଅରବିନ୍ଦ କେଜ୍ରିୱାଲ ଏଠାରକୁ ଘନ ଘନ ଗସ୍ତ କରୁଛନ୍ତି। ଆଜି ଅହମ୍ମଦାବାଦରେ କେଜ୍ରିୱାଲ ଅଟୋ ଡ୍ରାଇଭରଙ୍କ ସଭାରେ ସମ୍ବୋଧିତ କରିଥିଲେ। ଏହି ସମୟରେ ଜଣେ ଅଟୋ ଡ୍ରାଇଭର କେଜ୍ରିୱାଲଙ୍କୁ ତାଙ୍କ ଘରକୁ ଡିନର ପାଇଁ ନିମନ୍ତ୍ରଣ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କ ନିମନ୍ତ୍ରଣକୁ ହଁ ଭରିଥିଲେ କେଜ୍ରିୱାଲ। ଅଟୋ ଡ୍ରାଭର ଜଣକ କେଜ୍ରିୱାଲଙ୍କ ବଡ଼ ଫ୍ୟାନ ବୋଲି କହିଥିଲେ। ସେ କହିଥିଲେ ଯେ, ପଞ୍ଜାବରେ ଆପଣ ଜଣେ ଅଟୋ ଡ୍ରାଇଭରଙ୍କ ଘରେ ଡିନର କରୁଥିବା ସୋଶାଲ ମିଡିଆରେ ▶▶ପୃଷ୍ଠା ୭

# ଆର୍‌ଏସ୍‌ଏସ୍ ପ୍ୟାଣ୍ଟରେ ନିଆଁ ଲଗାଇଲା କଂଗ୍ରେସ, ଜବାବ ଦେଲା ବିଜେପି

ନୂଆଦିଲ୍ଲୀ, ୧୨/୦୯ : ଆର୍‌ଏସ୍‌ଏସ୍‌ର ଡ୍ରେସ୍ କୋଡ ଗେରୁଆ ପ୍ୟାଣ୍ଟରେ ନିଆଁ ଲଗାଇଲା କଂଗ୍ରେସ। ଆଉ ଟ୍ୱିଟ୍ କରି ଶେଆର କଲା ଫଟୋ। ଏଭଳି କିଛି କରି 'ଭାରତ ଯୋଡୋ' ଯାତ୍ରା ଭିତରେ କଂଗ୍ରେସ ପୁଣି ଥରେ ବିଜେପିକୁ ଉସକାଇଛି। ଆଉ ବିଜେପି ମଧ ଏହାର ମୁହଁତୋଡ ଜବାବ ଦେଇଛି। କଂଗ୍ରେସ ଶେଆର କରିଥିବା ଫଟୋକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ବିରୋଧୀ ଶାସକ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି। ଆଜି କଂଗ୍ରେସ ନିଜ ଅଫିସିଆଲ୍ ଟ୍ୱିଟର ହ୍ୟାଣ୍ଡେଲରେ ଏକ ଫଟୋ ଶେଆର କରିଛି। ଏହି ଫଟୋରେ ଅର୍‌ଏସ୍‌ଏସ୍‌ର ଡ୍ରେସ୍ ବା ପ୍ୟାଣ୍ଟରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଏଥିରୁ ଧୂଆଁ ମଧ ବାହାରୁଛି। ଏହି ଫଟୋ ଜରିଆରେ ଆର୍‌ଏସ୍‌ଏସ୍ ଓ ବିଜେପିକୁ ଟାର୍ଗେଟ୍ କରିଛି କଂଗ୍ରେସ। ଆଉ ମାତ୍ର ୧୪୫ଦିନ ମଧରେ ଦେଶ ବିଜେପି-ଆରଏସଏସ ମୁକ୍ତ ହେବ ବୋଲି କହିଛି କଂଗ୍ରେସ। ଫଟୋ ଶେଆର କରି କଂଗ୍ରେସ ଲେଖିଛି, 'ଦେଶକୁ ଘୃଣା ମୁକ୍ତ କରିବା ତଥା ଆରଏସ୍‌ଏସ୍-ବିଜେପି ଦ୍ୱାରା ହୋଇଥିବା କ୍ଷତିକୁ ପୂରଣ କରିବା ପାଇଁ ଆମେ ଗୋଟିଏ ପରେ ଗୋଟିଏ ପାଦ ଆଗକୁ ବଢ଼ାଉଛୁ। ଆମେ ଆମର ଲକ୍ଷ୍ୟ ଆଡକୁ ଗତି କରୁଛୁ।' ଏହି ଫଟୋ ପୋଷ୍ଟ ହେବା ପରେ ପରେ ଚିହିଁକି ଉଠିଛନ୍ତି ବିଜେପିର ସମସ୍ତ ନେତା। କଂଗ୍ରେସର ଭାରତ ଯୋଡୋ ଯାତ୍ରାକୁ ଭାରତ ଜଳାଓ ଯାତ୍ରା ବୋଲି କହିଛି ବିଜେପି। ନିଆଁ ଲଗାଇବା ହେଉଛି କଂଗ୍ରେସର ପୁରୁଣା ଅଭ୍ୟାସ ବୋଲି କହିଛନ୍ତି ବିଜେପି ମୁଖପାତ୍ର ଶହଜାଦ ପୁନାୱାଲା। ୧୯୮୪ ଦଙ୍ଗା ହେଉ ଅବା ଜାଲଗାଓଁ, ମୁମ୍ବାଇ, ହାସିମପୁରା, ଭାଗଲପୁର କିମ୍ବା ମେରଟ। ଏହି ତାଲିକା ବେଶ୍ ଲମ୍ବା। ୧୯୮୪ ଦଙ୍ଗାକୁ କିଭଳି ରାଜୀବ ଗାନ୍ଧି ସଠିକ୍ ବୋଲି କହିଥିଲେ, ତାହା ମଧ ମନେ ରଖିବା ଉଚିତ। କଂଗ୍ରେସ କେବଳ ଦେଶକୁ ଜଳାଇବା ପାଇଁ ଚିନ୍ତା କରୁଥିବା ସେ କହିଛନ୍ତି। ବିଜେପି ମୁଖପାତ୍ର ସମ୍ବିତ ପାତ୍ର ମଧ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି, 'ଲୋକଙ୍କୁ ଉସକାଇବା ପାଇଁ କଂଗ୍ରେସ ଏଭଳି ଟ୍ୱିଟ୍ କରିଛି।▶▶ପୃଷ୍ଠା ୭

## ଲିଙ୍ଗ ନିରୂପଣ ମାମଲାରେ ଡାକ୍ତରଙ୍କୁ ୨ ବର୍ଷ ୩ ମାସ ଜେଲ

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ବିନା ଲାଇସେନ୍ସରେ ଲିଙ୍ଗ ନିରୂପଣ ମାମଲାରେ ଜଣେ ଡାକ୍ତରଙ୍କୁ ଜେଲ ସଜା ହୋଇଛି। ଅଭିଯୁକ୍ତ ଡାକ୍ତରଙ୍କ ନାମ ରାଜ କିଶୋର ସାହୁ । ଲିଙ୍ଗ ନିରୂପଣ ମାମଲାରେ ଜେଏମଏଫସି କୋର୍ଟ ଅଭିଯୁକ୍ତଙ୍କୁ ୨ ବର୍ଷ ୩ ମାସର ଜେଲ୍ ଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଏହାସହ ୯ ହଜାର ୫୦୦ ଫାଇନ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି ୨୦୧୨ ମସିହାରେ ମାର୍କେଟ ବିଲ୍ଡିଂର ଏକ କ୍ଲିନିକରେ ଚଢ଼ାଉ ହୋଇଥିଲା।ଟେଲମା-୪୦ ଓ ଟେଲମା-ଏଏମ୍ ଔଷଧ ନକଲି ବୋଲି ଜଣାପଡିବା ପରେ ଡ୍ରଗ୍ସ କଂଟ୍ରୋଲର ଅଫିସର ଅଧିକାରୀମାନେ ଯାଂଚ ବେଳେ ଜାଣିଥିଲେ।

## ସୋନାଲି ଫୋଗଟ ମୃତ୍ୟୁ ମାମଲାର ତଦନ୍ତ କରିବ ସିବିଆଇ



ନୂଆଦିଲ୍ଲୀ, ୧୨/୦୯ : ବହୁ ଚର୍ଚ୍ଚିତ ସୋନାଲି ଫୋଗଟ ମୃତ୍ୟୁ ମାମଲାର ହେବ ସିବିଆଇ ତଦନ୍ତ । ଗୋଆ ସରକାରଙ୍କ ଗୃହମନ୍ତ୍ରାଳୟକୁ ସିବିଆଇ ତଦନ୍ତ ପାଇଁ ଚିଠି ଲେଖି ଅନୁରୋଧ କରିବା ପରେ ଏବେ ଗ୍ରୀନ ସିଗନାଲ ମିଳିଛି । ଅଭିନେତ୍ରୀ ତଥା ଭାଜପା ନେତ୍ରୀ ସୋନାଲି ଫୋଗଟଙ୍କ ରହସ୍ୟଜନକ ମୃତ୍ୟୁ ନେଇ ଚର୍ଚ୍ଚା ଜୋର ଧରିଛି । ଗୋଆ ଓ ହରିଆଣା ପୁଲିସର ତଦନ୍ତକୁ ନେଇ ସୋନାଲିଙ୍କ ପରିବାର ସଦସ୍ୟ ଓ ତାଙ୍କ ଝିଅ ଯଶୋଧରା ସନ୍ତୁଷ୍ଟ ନଥିଲେ ଓ ବାରମ୍ବାର ସିବିଆଇ ତଦନ୍ତ ଦାବି କରୁଥିଲେ । ଏପରିକି ପୋଲିସ ତଦନ୍ତରେ ବିଶ୍ୱାସ ନଥିବା ମଧ କହିଥିଲେ । କିଛି ଦିନ ପୂର୍ବରୁ ତାଙ୍କ ଝିଅ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ ।

# ଜ୍ଞାନବ୍ୟାପୀ ମସଜିଦ ମାମଲା : ହିନ୍ଦୁଙ୍କ ସପକ୍ଷରେ ଆସିଲା ରାୟ, ୨୨ରୁ ଶୁଣାଣି



ଲକ୍ଷ୍ନୌ, ୧୨/୦୯ (ନି.ପ୍ର): ବହୁ ଚର୍ଚ୍ଚିତ ଜ୍ଞାନବ୍ୟାପୀ ମସଜିଦ ପରିସରରେ ଥିବା ଶୃଙ୍ଗାର ଗୌରୀ ମନ୍ଦିର ମାମଲରେ ବାରଣାସୀ ଜିଲ୍ଲା କୋର୍ଟର ଫଇସଲା ଆସିଛି। ହିନ୍ଦୁଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି ଜିଲ୍ଲା ଜଜ୍। ଜଷ୍ଟିସ୍ ଅଜୟ କୃଷ୍ଣ ବିଶ୍ୱେଶ ୫ ଜଣ ମହିଳାଙ୍କ ଦ୍ୱାରା ଶୃଙ୍ଗାର ଗୌରୀ ମନ୍ଦିରରେ ପୂଜା ଓ ଦର୍ଶନ ଅନୁମତିକୁ ନେଇ ହୋଇଥିବା ଆବେଦନ ଶୁଣାଣି ଯୋଗ୍ୟ ବୋଲି ସେ କହିଛନ୍ତି। ଏହା ସହ ଅଞ୍ଜୁମନ ଇନ୍ତେଜାମିଆ କମିଟି ପକ୍ଷରୁ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି, ନିୟମ ୬/୧୧ ଲାଗୁ ହେବ। ୭/୧୧ ଲାଗୁ ହେବ ନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ ତାରିଖରେ ହେବ। ସେପଟେ ହିନ୍ଦୁଙ୍କ ସପକ୍ଷରେ ଫଇସଲା ଆସିବା ପରେ ମୁସଲିମ ପକ୍ଷ ଏହି ରାୟକୁ ଚ୍ୟାଲେଞ୍ଜ କରି ଉଚ୍ଚ ଅଦାଲତକୁ ଯିବେ ବୋଲି କହିଛନ୍ତି। ମୁସଲିମ ପକ୍ଷ ଏହାକୁ ବିରୋଧ କରି ହାଇକୋର୍ଟ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି। ବାରଣାସୀ ଜିଲ୍ଲା ଜଜ୍ ଅଜୟ କୃଷ୍ଣ ଅଗଷ୍ଟ ୨୪ ତାରିଖରେ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିଲେ। ସେପ୍ଟେମ୍ବର ୧୨ ତାରିଖରେ ରାୟ ଶୁଣାଇବାକୁ ଘୋଷଣା କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମେ' ୨୩ ତାରିଖରୁ ▶▶ପୃଷ୍ଠା ୭

# ନକଲି ଔଷଧ କାରବାରର ମୁଖ୍ୟ କାର୍ପଟଦାର ! ଥାନାରେ ଏତଲା ପରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ



ଭୁବନେଶ୍ୱର,୧୨/୦୯ (ନି.ପ୍ର): କଟକରେ ନକଲି ଔଷଧ କାରବାର ମୁଖ୍ୟ କାର୍ପଟଦାର ଏବେ ପୋଲିସ୍ ହେପାଜତରେ । ଥାନାରେ ଆତ୍ମସମର୍ପଣ କରିଛନ୍ତି ପୂଜା ଏଣ୍ଟରପ୍ରାଇଜେସ୍ ଓ ଭିଆର ଏଜେନ୍ସିର ମାଲିକ । ନକଲି ଟେଲମା-୪୦ ଓ ଟେଲମା-ଏଏମ୍ ଜବତ ହେବା ପରେ ଏହି ଘଟଣାରେ ପୋଲିସ୍ ଖୋଳତାଡ଼ କରୁଛି । ସଞ୍ଜୟ ଜଲାଲ ଓ ରାହୁଲ କୟାଲ । ଉଚ୍ଚ ରକ୍ତଚାପ ଔଷଧ ଟେଲମା-୪୦ ଓ ଟେଲମା-ଏଏମର ନକଲି ଔଷଧ ବିକ୍ରି କରିବାରେ ଥିଲେ ମୁଖ୍ୟ କାର୍ପଟଦାର । ପୁରୀ ଘାଟ ଥାନାରେ ଡ୍ରଗ୍ସ ଇନ୍ସପେକ୍ଟର ଅଭିଯୁକ୍ତଙ୍କ ନାଁରେ ଏତଲା ଦେଇଥିଲେ । ଏହାପରେ ଦୁଇ ଔଷଧ ବ୍ୟବସାୟୀ ଥାନାରେ ଆତ୍ମସମର୍ପଣ କରିଛନ୍ତି । ଏହାପୂର୍ବରୁ ଡ୍ରଗ୍ସ ଇନ୍ସପେକ୍ଟର କଟକ ମାଣିକଘୋଷ ବଜାରରେ ଥିବା ଭିଆର ଏଜେନ୍ସି ଏବଂ ଜାଉଁଳିଆପଟି କଟକରେ ଥିବା ପୂଜା ଏଣ୍ଟରପ୍ରାଇଜେସ ନାଁରେ ଏତଲା ଦେଇଥିଲେ । ପୋଲିସ ତଦନ୍ତ ପ୍ରକ୍ରିୟା ଜୋରଦାର କରୁଥିବା ବେଳେ ଆତ୍ମସମର୍ପଣ କରିଛନ୍ତି ଦୁଇ ଅଭିଯୁକ୍ତ । ଏବେ ଦୁଇ ଅଭିଯୁକ୍ତ ଏବଂ ଏହା ସହ ଜଡିତ ଥିବା ଅନ୍ୟ ମାନଙ୍କୁ ପୋଲିସ ଜେରା କରୁଛି । ଆବଶ୍ୟକ ପଡିଲେ ଔଷଧ ନାଁରେ ଲୋକଙ୍କ ଜୀବନ ସହ ଖେଳିଥିବା ଏହି ବ୍ୟବସାୟୀଙ୍କ ଅଫିସରେ ▶▶ପୃଷ୍ଠା ୭

# ସରକାର-ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ ଆଲୋଚନା, ୧୫ ଦିନରେ ହୋଇପାରେ ସମାଧାନ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଗତକାଲିର ବିଶାଳ ଆନ୍ଦୋଳନ ଧାରଣା ପରେ ସୋମବାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି ଚୁକ୍ତିଭିତିକ କର୍ମଚାରୀ ମହାସଂଘ ।୧୫ ଦିନ ଭିତରେ ସରକାର ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ଦଶହରା ପୂର୍ବରୁ କିଛି ଭଲ ଖବର ମିଳିପାରେ ବୋଲି ଆଶା କରାଯାଉଛି । ତେବେ ସରକାର ଯଦି ନିଜ ପ୍ରତିଶ୍ରୁତି ପାଳନ ନକରନ୍ତି, ତାହେଲେ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଗତକାଲି ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ବିଭାଗ ସମେତ ୪୨ଟି ବିଭାଗର ୭୦ ହଜାର ଚୁକ୍ତି ଭିତିକ କର୍ମଚାରୀ ବିଭିନ୍ନ ଦାବି ନେଇ ଲୋୟର ପିଏମଜିରେ ବର୍ଷାରେ ଭିଜି ଭିଜି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ଅଭିଯୋଗ ଥିଲା ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ନୂଆ ଠିକା ନିଯୁକ୍ତି ଆଇନ ପ୍ରଚଳନ କରିଥିଲେ। ଏହି ଆଇନରେ ବ୍ୟବସ୍ଥା ଥିଲା ଯେ, ନିୟମିତ କର୍ମଚାରୀଙ୍କ ଭଳି ▶▶ପୃଷ୍ଠା ୭

## ପିଲାଙ୍କ ମୋବାଇଲ୍‌ରେ ବ୍ୟାଙ୍କ୍ ତଥ୍ୟ ନରଖିବାକୁ ପରାମର୍ଶ

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ପିଲା ପାଠପଢା ପାଇଁ ବ୍ୟବହାର କରୁଥିବା ମୋବାଇଲରେ ବ୍ୟାଙ୍କ ଆକାଉଂଟ ତଥ୍ୟ ରଖନ୍ତୁ ନାହିଁ। ରାଜ୍ୟରେ ଅନଲାଇନ ଠକେଇ ବଢ଼ିଥିବାରୁ ଏହାକୁ ରୋକିବାକୁ ରାଜ୍ୟ ଇଲେକ୍ଟ୍ରୋନିକସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଏହି ପରାମର୍ଶ ଦିଆଯାଇଛି। ଏନେଇ ଛୋଟ ପିଲା ଓ ଅଭିଭାବକଙ୍କୁ ସଚେତନ କରାଇଛି ବିଭାଗ। ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ପିଲାମାନେ ମୋବାଇଲ ବ୍ୟବହାର କରୁଥିବା ବେଳେ ଅଜାଣତରେ ଫ୍ରଡ଼ ସାଇଟ ଜାଲରେ ପଡୁଛନ୍ତି ।ଅନେକ ଲିଙ୍କ ବ୍ୟବହାର କରିବା ଫଳରେ ତଥ୍ୟ ଚୋରି ହେଉଛି। ଏନେଇ ଗୃହ ବିଭାଗକୁ ଅନେକ ଅଭିଯୋଗ ଆସିଛି। ଏଣୁ ପିଲା ପାଠପଢା ପାଇଁ ବ୍ୟବହାର କରୁଥିବା ମୋବାଇଲରେ ବ୍ୟାଙ୍କ ଆକାଉଂଟ ତଥ୍ୟ ନ ରଖିବାକୁ ପରାମର୍ଶ ଦେଇଛି ବିଭାଗ। ପିଲାମାନଙ୍କ ପାଇଁ ସମ୍ଭାବ୍ୟ ସାଇବର ବିପଦ ବିଷୟରେ ଅବଗତ କରାଇ ଏକ ସୁରକ୍ଷିତ ଅନଲାଇନ୍ ପରିବେଶ ସୃଷ୍ଟି କରିବା ଆବଶ୍ୟକ ବୋଲି ଇ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ସ୍ପେଶାଲ ଡ୍ରାଇଭ୍‌ରେ ଘରକୁ ଫେରିଲେ ୨୨୩୧ ନିଖୋଜ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଦୀର୍ଘ ଦିନ ଧରି ନିଖୋଜ ଥିବା ୨୨୩୧ ଜଣ ବ୍ୟକ୍ତି ନିଜ ଘରକୁ ଫେରିଛନ୍ତି। ଏଥିରେ ୧୫୩୬ ଜଣ ମହିଳା, ୩୯୦ ଜଣ ପୁରୁଷ, ୨୭୨ ନାବାଳକ ଓ ୩୩ ଜଣ ନାବାଳିକା ଥିବା ଜଣାଯାଇଛି। ଓଡ଼ିଶା ପୁଲିସର ଦଶ ଦିନର ସଫଳ ଡ୍ରାଇଭ୍ ପରେ ସେମାନଙ୍କୁ ପରିବାର ପାଖକୁ ଫେରାଇ ଅଣାଯାଇଛି। ନିଖୋଜ ବ୍ୟକ୍ତିମାନଙ୍କୁ ଚିହ୍ନିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ସେପ୍ଟେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

# ଓଡ଼ିଶାରେ ଖଣି ଦୁର୍ନୀତି ଏକ ବିରାଟ ସ୍କାମ : ଅପରାଜିତା



ଭୁବନେଶ୍ୱର,୧୨/୦୯ (ନି.ପ୍ର): ରାଜ୍ୟରେ ହୋଇଥିବା ଖଣି ଦୁର୍ନୀତିକୁ କେବଳ ସାମାନ୍ୟ ଦୁର୍ନୀତି ବା ଭ୍ରଷ୍ଟାଚାର କୁହାଯିବ ତେବେ ଏହା ଖୁବ ଛୋଟ ହୋଇଯିବ । ଏହା ହେଉଛି ଏକ ବିରାଟ ସ୍କାମ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ । ସେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଯଦି ଖଣି ଦୁର୍ନୀତିକୁ ରୋକିଥାନ୍ତେ ତେବେ ରାଜ୍ୟର ରାଜକୋଷକୁ କୋଟି କୋଟି ଟଙ୍କାର ଲାଭ ମିଳିଥାନ୍ତା । ରାଜ୍ୟର ସାଧାରଣ ଲୋକ ମାନଙ୍କ ପାଇଁ କଲ୍ୟାଣରେ ଏହାର ବ୍ୟବହାର ହୋଇଥାନ୍ତା ସେ କହିଛନ୍ତି ଯେ ଘରୋଇ ଖଣିରୁ ବାହାରୁଥିବା ଲୁହାପଥରକୁ ନିମ୍ନମାନର ଦର୍ଶାଯାଉଛି। ସରକାରୀ କଳ ଓ ଘରୋଇ ଖଣି ମାଲିକ ଜାଣିଶୁଣି ନିମ୍ନମାନର ଦର୍ଶାଉଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରଙ୍କୁ କମ୍ ରାଜସ୍ୱ ମିଳୁଛି। ରାଜ୍ୟର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ସେ ଆହୁରି କହିଛନ୍ତି ଯେ- ଖଣି ଦୁର୍ନୀତିର ତଦନ୍ତ ପାଇଁ ଶାହା କମିଶନ ଗଠନ ହୋଇଥିଲା। ଶାହା କମିଟି ରିପୋର୍ଟରୁ ୬୫ ହଜାର କୋଟି ଟଙ୍କାର ଭ୍ରଷ୍ଟାଚାର ବାବଦରେ ଜଣାପଡ଼ିଥିଲା। ରାଜ୍ୟ ସରକାର ଶାହା କମିଶନ ରିପୋର୍ଟକୁ ଗୁରୁତ୍ୱ ଦେଇନଥିଲେ। ସେ କହିଛନ୍ତି ଯେ ୨୦୧୯-୨୦ ପୂର୍ବରୁ କମ୍ ପ୍ରତିଶତ ନିମ୍ନମାନର ଲୁହାପଥର ଦର୍ଶାଯାଉଥିଲା। ୨୦୨୧-୨୨ରେ ଅଧିକ ପ୍ରତିଶତ ନିମ୍ନମାନର ଲୁହାପଥର ଦର୍ଶାଗଲା ବୋଲି ଅପରାଜିତା କହିଛନ୍ତି।

# ମୁମ୍ବାଇରେ ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨/୦୯ (ନି.ପ୍ର): ମୁମ୍ବାଇରେ ସେପ୍ଟେମ୍ବର ୧୪ରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍' ଅନୁଷ୍ଠିତ ହେବ। ଏଥିରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ମୁମ୍ବାଇ ଗସ୍ତରେ ଯିବେ। ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିବେ ବୋଲି ଶିକ୍ଷମନ୍ତ୍ରୀ ପ୍ରତାପ ଦେବ ସୂଚନା ଦେଇଛନ୍ତି। ମୁମ୍ବାଇରେ ବଡ଼ ବଡ଼ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କର ୱାନ୍ ଟୁ ୱାନ୍ ଆଲୋଚନା କାର୍ଯ୍ୟକ୍ରମ ରହିଛି। ମୁମ୍ବାଇ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍'ରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ କଣ ସୁଯୋଗ ରହିଛି ତାହା ଉପରେ ରାଜ୍ୟ ସରକାର ଉପସ୍ଥାପିତ କରିବେ। ମେକ ଇନ ଓଡ଼ିଶା କନକ୍ଲେଭର ତୃତୀୟ ସଂସ୍କରଣ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁମ୍ବାଇ ପରେ ବେଙ୍ଗାଲୁରୁରେ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍' ହେବାର କାର୍ଯ୍ୟକ୍ରମ ରହିଛି ବୋଲଇ ଶିକ୍ଷ ମନ୍ତ୍ରୀ କହିଛନ୍ତି। ସୂଚନାଯୋଜ୍ୟ ଯେ ୧୩ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନିଦିନିଆ ମୁମ୍ବାଇ ଗସ୍ତରେ ଯିବେ। ସେପ୍ଟେମ୍ବର ୧୪ରେ ମୁମ୍ବାଇର ଟ୍ରାଇଡେଂଟ୍ ହୋଟେଲରେ ଆୟୋଜନ ହେବାକୁ ଥିବା 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍'ରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ମୁଖ୍ୟମନ୍ତ୍ରୀ ସେପ୍ଟେମ୍ବର ୧୫ରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

# ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ : ୧୮ରୁ ପୁଣି ବର୍ଷା

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଦୁର୍ବଳ ହୋଇଛି ଅବପାତ । ଦକ୍ଷିଣ-ପୂର୍ବ ମଧ୍ୟପ୍ରଦେଶ ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ଦୁର୍ବଳ ହୋଇ ବର୍ତମାନର ଅବପାତ ଏକ ସୁଦୃଶଃ-ଲଘୁଚାପ କ୍ଷେତ୍ର ଭାବେ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର କିଛି ଜିଲ୍ଲାରେ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତା ୧୮ ସେପ୍ଟେମ୍ବର ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ଉପରି ଭାଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୧୮ ତାରିଖ ବେଳକୁ ରାଜ୍ୟରେ ବର୍ଷାର ବିସ୍ତୃତି ଏବଂ ପରିମାଣ ବୃଦ୍ଧି ପାଇବ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ,ସମ୍ବଲପୁର, ବରଗଡ, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୩ ରୁ୧ ୪ ତାରିଖ ମଧ୍ୟରେ କେନ୍ଦୁଝର, ମୟୁରଭଂଜ , ସୁନ୍ଦରଗଡ, ଝାରସୁଗୁଡା, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ବନାନୀ କଳା ସଙ୍ଗମର ବୈଠକ

କନ୍ଧମାଳ,୧୨/୦୯ (ନି.ପ୍ର): ରବିବାର ଫୁଲବାଣୀ ସ୍ଥିତ ଜିଲ୍ଲା ପ୍ରେସ କ୍ଲବ ଠାରେ ଜିଲାର ଏକ ଅଗ୍ରଣୀ କଳା ଓ ସଂସ୍କୃତି ଅନୁଷ୍ଠାନ ବନାନୀ କଳା ସଙ୍ଗମର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ତଥା ବନାନୀ କଳା ସଙ୍ଗମର ସାଧାରଣ ସମ୍ପାଦକ ଡ଼ଃ. ଅରୂପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ କଳା ଓ ସଂସ୍କୃତିର ପୁନରୁଦ୍ଧାର କରିବା ନିମନ୍ତେ ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ନାଟ୍ୟ କଳାର ପ୍ରଚାର ଓ ପ୍ରସାର କରି ଆସୁଥିବା ଏହି ୩୮ ବର୍ଷର ଅନୁଷ୍ଠାନ ପକ୍ଷରୁ ଅତିଶୀଘ୍ର ଏକ ସାମାଜିକ ନାଟକ ପରିବେଷଣ କରିବା ସହ ହାଇସ୍କୁଲସ୍ତରୀୟ ଏକ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଓ ସ୍ୱଳ୍ପ ମିଆଦୀ ନାଟ୍ୟ ତାଲିମ କାର୍ଯ୍ୟକ୍ରମ କରାଯିବା ଲାଗି ନିଷ୍ପତି ହୋଇଥିଲା। ଅତିଶୀଘ୍ର ବୈଠକ ଡକାଯାଇ ଏ ସମ୍ପର୍କରେ ନିଷ୍ପତି ନିଆଯିବ। ନୂତନ କଳାକାର ଓ ବିଭିନ୍ନ କଳା ସଂସ୍କୃତି ପ୍ରତିଭା ସମ୍ପନ୍ନ ଯୁବକ ଯୁବତୀମାନଙ୍କୁ ଏହି ମଂଚରେ ସାମିଲ କରାଯାଇ ଆଗାମୀ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତ୍ୱରାନ୍ୱିତ କରାଯିବା ପାଇଁ ଆଜିର ଜରୁରୀ ବୈଠକରେ ନିଷ୍ପତି ନିଆଯାଇଥିଲା ।

ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ନାରାୟଣ ସାହୁ, ସୁନୀଲ ପଟନାୟକ, ରୋଟାରୀଆନ ପ୍ରସନ୍ନ କୁମାର ପଣ୍ଡା, ଶିବ ନାୟକ, ପ୍ରଶାନ୍ତ ଜେନା, ରମେଶ ପ୍ରଧାନ, ଅଚ୍ୟୁତାନନ୍ଦ ସେଠି, ଜିଲ୍ଲା ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଅଶୋକ ବେହେରା, ଆଦିତ୍ୟ କୁମାର ତ୍ରିପାଠୀ, ଲଳିତ ମଲିକ, ତ୍ରୀନାଥ ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଓ ୧୮୦ ପ୍ରକଳ୍ପ ପ୍ରଦର୍ଶିତ

କେନ୍ଦ୍ରାପଡ଼ା,୧୨/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ୨ଦିନ ଧରି ଚାଲିଥିବା ଏହି ବିଜ୍ଞାନ ମେଳାରେ କଟକ, ଯାଜପୁର, କେନ୍ଦ୍ରାପଡା ପ୍ରଭୃତି ଅଂଚଳରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ । ୧୮୦ଜଣ ପ୍ରତିଯୋଗୀ ଏହି ମେଳାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସହ ପ୍ରମୁଖ ଦିନେଶ ଦେବନାଥ ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ଭାଗ ସଭାପତି ଶିବ ନାରାୟଣ ସିଂହ, ସଂପାଦକ ତୁଷାର ରଞ୍ଜନ ଦାସ, କପିଳ ଚନ୍ଦ୍ର ମିଶ୍ର, ବିଭାଗ ନିରୀକ୍ଷକ ଲକ୍ଷ୍ମଣ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ସନ୍ତୋଷ କୁମାର ମିଶ୍ରଙ୍କ ସହ ବିଦ୍ୟାଳୟର ଆଚାର୍ଯ୍ୟ, ଆଚାର୍ଯ୍ୟା ସହଯୋଗ କରିଥିଲେ।

## ବିଳେଶ୍ୱର ମନ୍ଦିରର ନୂତନ କମିଟି ଗଠନ

କେନ୍ଦ୍ରାପଡ଼ା,୧୨/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୧ନଂ ୱାର୍ଡରେ ଥିବା ବିଳେଶ୍ୱର ମନ୍ଦିରର ନୂତନ ପୂଜା କମିଟି ଗଠନ ହୋଇ ଯାଇଛି । ରବିବାର ବିଳେଶ୍ୱର ମନ୍ଦିର ପ୍ରଙ୍ଗଣରେ ଅନୁଷ୍ଠିତ ଏହି ସଭାରେ ମନ୍ଦିର କମିଟିର ଉପଦେଷ୍ଟା ଓ ସମସ୍ତ କର୍ମକର୍ତ୍ତା ବୁଦ୍ଧିଜୀବି ମାନଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ଗୌତମ ମଲିକ ସଭାପତି ଭାବେ ମନୋନିତ ହୋଇଥିବା ବେଳେ ସାରଦା ପ୍ରସାଦ ସାହୁ ସଂପାଦକ, ପ୍ରଦୀପ କୁମାର ସାହୁ କୋଷାଧ୍ୟକ୍ଷ ହୋଇଥିବା ବେଳେ ଉପ ସଭାପତି ଭାବେ ଅଶୋକ ମଲିକ, ସହ ସଂପାଦକ ଭାବେ ସ୍ୱରୂପ ରାଉତରାୟଙ୍କୁ ମନୋନିତ କରାଯାଇଛି । ନୂତନ କର୍ମକର୍ତ୍ତା ମାନେ ଏହି ଧାର୍ମିକ ଅନୁଷ୍ଠାନର ରିତୀ ନୀତି ମାନି କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ଆୟୋଜିତ ଏହି ବୈଠକୁ ୨୧ନଂ ୱାର୍ଡର କାଉନସିଲର ପ୍ରଭାଶିଷ ପଣ୍ଡା ପରିଚାଳନା କରିଥିଲେ।

## କେନ୍ଦ୍ର ଗୃହ, ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୨/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାକୁ ୩ ଦିନିଆ ଗସ୍ତରେ ଆସିଥିବା କେନ୍ଦ୍ର ଗୃହ, ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ନିଶିତ ପ୍ରାମାଣିକ୍ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକରେ ମିଳିତ ହୋଇଥିଲେ । ଜଝାଙ୍ଗ ସ୍ଥିତ ସର୍କିଟ୍ ହାଉସ ଠାରେ ରବିବାର ଅପରାହ୍ନରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସଂପର୍କରେ ଉପସ୍ଥିତ ଅଧିକାରୀ ମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ଆଜାଦିକା ଅମୃତ ମହୋତ୍ସବ ଅବସରରେ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ କେନ୍ଦ୍ରାପଡା ଉପକୂଳବର୍ତ୍ତୀ ଜିଲ୍ଲା ହୋଇ ଥିବାରୁ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ଜିଲ୍ଲାର ସହରାଂଚଳ ଓ ଗ୍ରାମାଂଚଳର ତଳ ସ୍ତରରେ ଥିବା ହିତାଧିକାରୀ ମାନେ ଯେପରି କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରୁ ବଂଚିତ ନହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ସଚେତନ କରାଇଥିଲେ । ସ୍ୱାସ୍ଥ୍ୟ, ପଂଚାୟତ ରାଜ ପାନୀଜ ଜଳ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଶିକ୍ଷା, ଉଦ୍ୟାନ କୃଷି, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ବିଭାଗ ସମେତ ଜନନୀ ସୁରକ୍ଷା, କୋଭିଡ ଟୀକାକରଣ,ଜାତୀୟ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ପ୍ରଭୃତି କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଥିଲେ । ଏହି ବୈଠକରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ । ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ପିତାମ୍ବର ସାମଲ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଘାଇ : ଶହ ଶହ ଏକର ଚାଷ ଜମି ଜଳମଗ୍ନ, ଘରେ ପଶିଲା ପାଣି



ଜୟପାଟଣା: ଲଗାଣ ବର୍ଷାରେ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଭୁଶୁଡ଼ିଥିବାର ଖବର ମିଳିଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ସର୍ଗିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରିପଡା ନିକଟରେ ପନ୍ଦର ଫୁଟର ଘାଇ ସୃଷ୍ଟି ହୋଇଛି। ଏହାଫଳରେ ନିକଟରେ ଥିବା ଚାଷ ଜମି ଓ ଘରମାନଙ୍କରେ ପାଣି ପଶିଛି। ଏହାଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣା ପଡ଼ିଛି। ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି।

ସୂଚନାରୁ ପ୍ରକାଶ ଯେ ଗତ ରାତି ପ୍ରାୟ ଗୋଟାଏ ବେଳେ ବାମ ମୁଖ୍ୟ କେନାଲରେ ଘାଇ ହେବା ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହିତ ଡଙ୍ଗରିପଡାକୁ ସଂଯୋଗ କରୁଥିବା ସଡ଼କ ମଧ ବିଚ୍ଛିନ୍ନ ହୋଇ ଯାଇଛି। ଖବର ପାଇ ବିଭାଗୀୟ ଯନ୍ତ୍ରୀମାନେ ଘଟଣାସ୍ଥଳରେ ପହଞ୍ଚି ପାଣି ବନ୍ଦ କରିବା ଲାଗି ମରାମତି କାର୍ଯ୍ୟ ଆରମ୍ଭ କରିବା ପାଇଁ ତତ୍ପରତା ଦେଖାଇ ଥିବା ସୂଚନା ମିଳିଛି।

## ବିଏସଏନଏଲ କେୱାଇସି ଅପଡେଟ୍ କରିବାକୁ କହି ଲକ୍ଷାଧିକ ଟଙ୍କା ଠକେଇ : ବ୍ରହ୍ମପୁର ସାଇବର ଥାନାରେ ଏତଲା

ଗଞ୍ଜାମ,୧୨/୦୯ (ନି.ପ୍ର): ସାଇବର ଠକ ବିଦ୍ୟୁତ ବିଲ୍ ପୈଠ କରିବାକୁ କହି ଟଙ୍କା ଠକୁଥିଲେ । ଏବେ ବିଏସଏନଏଲ କେୱାଇସି ଅପଡେଟ୍ କରିବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଏନେଇ ବ୍ରହ୍ମପୁର ସାଇବର ଥାନାରେ ଏତଲା ହୋଇଛି । ବିଏସଏନଏଲ ସିମ୍ ବନ୍ଦ ହୋଇଯିବା କହି କନିସି ଅଂଚଳର ଜଣେ ଅବସରପ୍ରାପ୍ତ ଅଧ୍ୟାପକ ମନ୍ମଥ ରଣା ଓ ତାଙ୍କ ପତ୍ନୀଙ୍କ ଆକାଉଂଟରୁ ସାଇବର ଠକ ୧ ଲକ୍ଷ ୬୮ ହଜାର ୬୦୪ ଟଙ୍କା ଲୁଟି ନେଇଥିବା ସାଇବର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ଅବସରପ୍ରାପ୍ତ ଅଧ୍ୟାପକ ମନ୍ମଥଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ଏହି ମେସେଜ୍ ରେ ଆପଣଙ୍କ ବିଏସଏନଏଲ ନମ୍ବରଟି ଖୁବ୍ ଶୀଘ୍ର ବନ୍ଦ ହେବାକୁ ଯାଉଛି ବୋଲି ଉଲ୍ଲେଖ ଥିଲା । ମୋବାଇଲ ସିମ୍ ର କେୱାଇସି ଅପଡେଟ୍ କରିବାକୁ ହେଲେ ୨୪ ଘଂଟା ମଧ୍ୟରେ ଆପଣ ୭୮୫୭୦୮୦୯୫୬ କୁ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଏହାପରେ ମନ୍ମଥ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ । ସାଇବର ଠକ ଜଣକ ମନ୍ମଥଙ୍କ ଫୋନ୍ ରିସିଭ୍ କରିବା ସହ ସେ ଜଣେ ବିଏସଏନଏଲର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ଏହା ସହ ବିଏସଏନଏଲ ସିମ୍ କେୱାଇସି ଅପଡେଟ୍ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ତେବେ ମନ୍ମଥ ନିଜେ କେୱାଇସି ଅପଡେଟ୍ କରିବେ ବୋଲି କହିଥିଲେ । କିନ୍ତୁ, ସାଇବର ଠକ ଜଣକ ସେଠାକୁ ଗଲେ ହେବନାହିଁ ବରଂ ଅନ୍ ଲାଇନ୍ ମାଧ୍ୟମରେ ଏହା ସମ୍ଭବ ବୋଲି କହିଥିଲେ । ଠକର କଥା ଶୁଣି କିପରି ଓ କେଉଁ ପ୍ରକାରେ କେୱାଇସି ଅପଡେଟ୍ ହେବ ବୋଲି ସାଇବର ଠକ ସହିତ ଫୋନ୍ ଯୋଗେ କଥା ହୋଇଥିଲେ । ଏହାପରେ ସାଇବର ଠକ ଜଣକ ମନ୍ମଥଙ୍କ ମୋବାଇଲକୁ ଏକ ଲିଙ୍କ୍ ପଠାଇଥିଲେ । ଏହି ଲିଙ୍କ୍ କୁ କ୍ଲିକ୍ କରି ମନ୍ମଥ ଏନି ଡେସ୍କ ନାମକ ଏକ ଆପ୍ଲିକେସନକୁ ଇନଷ୍ଟଲ କରିଥିଲେ । ଏପରିକି ୟୁନୋ ଆପକୁ ମଧ୍ୟ ଲଗଇନ୍ କରିଥିଲେ । ଲଗ୍ ଇନ୍ କରିବା ପରେ ମନ୍ମଥଙ୍କ ଆକାଉଂଟରୁ ତିନୋଟି ପର୍ଯ୍ୟାୟରେ ୪୨ ହଜାର ଲେଖାଏଁ ମୋଟ୍ ୧ ଲକ୍ଷ ୨୬ ହଜାର ୪୫୬ ଟଙ୍କା କଟିଥିଲ। ସାଇବର ଠକ ମାନେ ମନ୍ମଥଙ୍କ ପତ୍ନୀଙ୍କ ଆକାଉଂଟରୁ ମଧ୍ୟ ୪୨ ହଜାର ୧୫୨ ଟଙ୍କା ଠକି ନେଇଥିଲେ । ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ଆକାଉଂଟରୁ ୧ ଲକ୍ଷ ୬୮ ହଜାର ୬୦୪ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ ଅଧ୍ୟାପକ ମନ୍ମଥ ତୁରନ୍ତ ଏସବିଆଇ ଶାଖା କାର୍ଯ୍ୟାଳୟକୁ ଯାଇ ଯୋଗାଯୋଗ କରିଥିଲେ । ଏବଂ ଏ ସଂକ୍ରାନ୍ତରେ ଆଜି ସେ ବ୍ରହ୍ମପୁର ସାଇବର ଥାନାରେ ଏତଲା କରିଛନ୍ତି । ଏତଲାକୁ ଭିତି କରି ପୋଲିସ ଘଟଣାର ଛାନଭିନ୍ ଜାରୀ ରଖିଛି ।

## ଖଡ଼ିଆଳ ଗସ୍ତରେ ବିଧାନସଭା ଷ୍ଟାଣ୍ଡିଂ କମିଟି

ନୂଆପଡ଼ା,୧୨/୦୯ (ନି.ପ୍ର): ନୂଆପଡା ଜିଲ୍ଲାକୁ ଓଡିଶା ବିଧାନସଭା ଗୃହ କମିଟି(୬) ଦିନିକିଆ ଗସ୍ତ କରି ବିଭିନ୍ନ ବିଷୟ ଅନୁଧ୍ୟାନ କରିଛନ୍ତି। ଗସ୍ତରେ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ରଙ୍କ ସମେତ ସ୍ଥାନୀୟ ବିଧାୟକ ଅଧିରାଜ ପାଣିଗ୍ରାହୀ, କମିଟି ସଦସ୍ୟ ବିଧାୟକ ମହିଧର ରଣା ଏବଂ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିଲେ। ଖଡ଼ିଆଳ ସ୍ଥିତ ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ସମ୍ମିଳନୀ କକ୍ଷ ଠାରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରି ପିଡ଼ିଏସ ସ୍ଥିତି, ଧାନ ମଣ୍ଡି ଆଦି ଉପରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡି ପୂର୍ବରୁ ସିସିଟିଭି ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ଗୃହ କମିଟି ମଣ୍ଡୋସିଲ ଗ୍ରାମ ପରିଦର୍ଶନ କରି ସେଠାରେ ଟେରାକୋଟା କାର୍ଯ୍ୟ ପରିଦର୍ଶନ କରିଥିଲେ। ମାଟି ଜିନିଷ ନିର୍ମାଣକାରୀ ମାନଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ବୁଝିବା ସହ ସବୁପ୍ରକାର ସହଯୋଗ ପାଇଁ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ନିର୍ମାଣକାରୀଙ୍କୁ ଅଧିକ ତାଲିମ ସୁବିଧା, ପ୍ରମାଣପତ୍ର ପ୍ରଦାନ, ବିକ୍ରୟ ପାଇଁ ଖଡ଼ିଆଳ ଠାରେ ଏକ ସ୍ଥାୟୀ ଦୋକାନ ଘର ବ୍ୟବସ୍ଥା, ଋଣ ପ୍ରଦାନ ଆଦି ଉପରେ କମିଟି ସଦସ୍ୟ ଲୋକଙ୍କ ସହ ଆଲୋଚନା କରିଥିଲେ।

## ମାଡ଼ିଆସିଲା ଜୁଆର, ଗାଁ ଭିତରେ ଚାଲିଲା ଡଙ୍ଗା ; ଘର ଭିତରେ ପଶିଲା ପାଣି



ବ୍ରହ୍ମଗିରି ,୧୨/୦୯ (ନି.ପ୍ର): ରବିବାର ସକାଳୁ ପୁଣି ଥରେ ଚିଲିକା ଅଶାନ୍ତ ହୋଇଛି। ଲଘୁଚାପ ପ୍ରଭାବରେ ସମୁଦ୍ରରେ ପ୍ରବଳ ଜୁଆର ଆସି ଚିଲିକା ଭିତରେ ପଶିଛି। ଏହି ଜୁଆର ଜନବସତି ଭିତରେ ପଶିଛି। ଗାଁ ଭିତରେ ଜୁଆର ପାଣି ଲହଡି ମାରିଛି। ଦୁଇରୁ ତିନି ଫୁଟ ଜୁଆର ପାଣି ଗାଁ ଦାଣ୍ଡରେ ଚାଲିଛି। ପରିସ୍ଥିତି ଏମିତି ଯେ ଗାଁ ରାସ୍ତାରେ ଡଙ୍ଗାଚାଲିଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅରଖକୁଦା ଗାଁରେ ଜୁଆର ଆଜି ଏମିତି ସମସ୍ୟ ସୃଷ୍ଟି କରିଛି।

ଚିଲିକାରେ ପ୍ରାକୃତିକ ମୁହାଣ ଭୟଙ୍କର ହୋଇଛି। ଲଘୁଚାପ ଓ ପୂର୍ଣ୍ଣିମା ପ୍ରଭାବରେ ରବିବାର ଦିନ ସମୁଦ୍ରରେ ବଡ଼ବଡ଼ ଜୁଆର ଆସିଛି। ଏହି ଜୁଆର ଚିଲିକା ଭିତରେ ପଶିଛି। ସୁରକ୍ଷା ପ୍ରାଚୀର ଅଧପନ୍ତରିଆ ହେବା ସହିତ ମୁହାଣ ସାମନାରେ ଥିବା ଅରଖକୁଦା ଗାଁରେ ଅନେକ ସ୍ଥାନରେ ପ୍ରାଚୀର ହୋଇନଥିବାରୁ ଜୁଆର ସିଧାସଳଖ ଗାଁ ଭିତରେ ପଶିଛି। ଅରଖକୁଦାର ହରଚଣ୍ଡୀ ସାହି, ଲକ୍ଷ୍ମୀନାରାୟଣ ସାହି, ଭାଗବତ ସାହି ପ୍ରଭୃତି ୪ଟି ସାହିରେ ଜୁଆର ପାଣି ଲହଡ଼ି ମାରିଛି। ଅରଖକୁଦା ମେରାଇନ ଥାନା ଚାରିପଟେ ଜୁଆର ପାଣି ଭର୍ତ୍ତି ହୋଇରହିଛି। ଲୋକଙ୍କ ଘର ଭିତରେ ଜୁଆର ପଶିଛି। ଝାଟିମାଟି ଘର ସବୁ ଜୁଆର ପାଣିରେ ଭାଙ୍ଗି ଯାଇଛି। ୧୦ରୁ ଅଧିକ କଚା ଘର ଭାଙ୍ଗିଛି। ଲୋକେ ରୋଷେଇ କରି ଘରେ ଖାଇ ପାରିନାହାନ୍ତି। ରାତିରେ ପୁଣି ଥରେ ଜୁଆର ଆସିବାର ଆଶଙ୍କା ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ବାରମ୍ବାର ଜୁଆର ଆସି ଗାଁ ଭିତରେ ପଶୁଛି। ବ୍ୟାପକ କ୍ଷୟକ୍ଷତି ମଧ କରୁଛି। ତୁରନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସଂଧ୍ୟା ସୁଦ୍ଧା ଗାଁ ଭିତରେ ଜୁଆର ପାଣି ଥିବା ବେଳେ ପ୍ରଶାସନର ଦେଖା ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

## ବିଲୁଆ ଆକ୍ରମଣରେ ବୃଦ୍ଧା ଗୁରୁତର, : ୧୧ ଆହତ

ବାମରା,୧୨/୦୯ (ନି.ପ୍ର): ସୀମାବର୍ତ୍ତି ସୁନ୍ଦରଗଡ଼ ଜିଲ୍ଲା ଧାରୁଆଡିହି ଥାନା ଅନ୍ତର୍ଗତ ସଲଙ୍ଗାବୁଡ଼ ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବିଲୁଆ ଆକ୍ରମଣରେ ଜଣେ ବୃଦ୍ଧା ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟ ୧୧ ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାନୁସାରେ ଗତକାଲି ରାତି ପ୍ରାୟ ୯ଟା ବେଳେ ସଲଙ୍ଗାବୁଡ଼ ଗାଁକୁ ଏକ ବିଲୁଆ ପଶି ଆସିଥିଲା। ବିଲୁଆଟି ଶୋଇଥିବା ଓ ବସିଥିବା ଗ୍ରାମବାସୀଙ୍କୁ ଗୋଟିଏ ପରେ ଗୋଟିଏ ଆକ୍ରମଣ କରିଥିଲା। ଗ୍ରାମର ଗୁରୁବାରୀ ପୃଷେଠ (୬୫)ଙ୍କ ଆଖି, ନାକ ଓ ମୁହଁକୁ କାମୁଡ଼ି ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସେହିପରି ଅନ୍ୟ ୩ ଜଣଙ୍କୁ ମଧ୍ୟ ରାତିରେ ଆକ୍ରମଣ କରି ଅହତ କରିଥିଲା। ଖବର ପାଇ ସୁନ୍ଦରଗଡ଼ ଏସିଏଫ୍ ମୋହନ ହେମ୍ରମ, ରେଞ୍ଜର ଅରୁଣ ବେହେରା, ସାଲେପାଲି ଫରେଷ୍ଟର ସୁବାସିନୀ ତନ୍ତି, ବାରଗାଡ଼ ଫରେଷ୍ଟର ଏସ୍. ବୁଡ଼ା, ଫରେଷ୍ଟ ଗାର୍ଡ ଜୁଲି ପଟେଲ ଓ କର୍ମଚାରୀମାନେ ଗାଁ’ରେ ପହଞ୍ଚି ରାତି ତମାମ ଖୋଜାଖୋଜି କରିଥିଲେ ହେଁ ବିଲଆର ସନ୍ଧାନ ପାଇ ନଥିଲେ। ମାତ୍ର ବିଲୁଆଟି ପୁନର୍ବାର ଭୋର ପ୍ରାୟ ୩ଟାରୁ ୫ଟା ମଧ୍ୟରେ ଆଉ ୭/୮ ଜଣଙ୍କୁ ଆକ୍ରମଣ କରି ଆହତ କରିଥିଲା। ସମସ୍ତେ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ ସକାଳ ସାଢ଼େ ୯ଟା ବେଳେ ବନ ବିଭାଗ ନିକଟସ୍ଥ ମାନମୁଣ୍ଡା ପତରା ଜଙ୍ଗଲରୁ ବିଲୁଆର ମୃତ ଦେହ ଉଦ୍ଧାର କରିଥିଲା। ସୁନ୍ଦରଗଡ଼ରେ ତା’ର ବ୍ୟବଚ୍ଛେଦ କରାଯାଇ ଶବ ପୋତି ଦିଆଯାଇଥିବା ଜଣାପଡ଼ିଛି।

## ରୁଦ୍ରବୀର ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ

ଜୟପୁର,୧୨/୦୯ (ନି.ପ୍ର): ଜୟପୁର ଲିଙ୍ଗରାଜ ନଗର ସ୍ଥିତ ଶ୍ରୀ ଶ୍ରୀ ରୁଦ୍ରବିର ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ହୋଇଛି । ଏହି ଅବସରରେ ହନୁମାନ ଚାଳିଶା ପାଠ ହୋମ ଯଜ୍ଞ, ବାର୍ଷିକ ପ୍ରତିଷ୍ଠା ପୂଜା ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ସଂକୀର୍ତ୍ତନ ମଣ୍ଡଳି ସହ କୀର୍ତନ କରିବା, ହନୁମାନଙ୍କ ଆଳତିରେ ସାମିଲ ହୋଇ ରୁଦ୍ରବୀର ହନୁମାନ ମନ୍ଦିର ଟ୍ରଷ୍ଟ ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ ।

## ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ଘସିପୁରା ,୧୨/୦୯ (ନି.ପ୍ର): ଦେଓଗାଁ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ବିଶ୍ୱ ଭାତୃତ୍ୱ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅନାମ ଚରଣ ମାଝୀ ଙ୍କ ସଂଯୋଗଜନାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ଆନନ୍ଦପୁର ପ୍ରାକ୍ତନ ଗୋଷ୍ଠି ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ଯୋଗ ଦେଇ ବିବେକାନନ୍ଦଙ୍କ ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅବସର ଶିକ୍ଷକ ହରିପ୍ରସାଦ ମିଶ୍ର, ମାଳତୀ ଭୂୟାଁ, ପ୍ରସାନ୍ତ କୁମାର ମହାନ୍ତି, ବିଦ୍ୟାଳୟ ସଂପାଦକ ରବିନାରାୟଣ ସିୟଳ, ଆଜୀବନ ସଦସ୍ୟ ଦିଲିପ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ବଳରେ କିପରି ବିଶ୍ୱବାସୀ ଙ୍କ ହୃଦୟକୁ ଜୟ କରିବାରିଥିଲେ ସେ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବିକ୍ତବ୍ୟ ମାଧମରେ ବୁଝାଇ ଦେଇଥିଲେ। ଶେଷରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କ୍ରତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି,ମାନେ ପୁରସ୍କାର ବିତରଣ କରିଥିଲେ ।

## ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ବଲାଙ୍ଗିର ମହିଳାମାନଙ୍କ ଅନଲାଇନ ଆଲୋଚନାଚକ୍ର

ବଲାଙ୍ଗିର ,୧୨/୦୯ (ନି.ପ୍ର): ବଲାଙ୍ଗିର ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ମହିଳା ମାନଙ୍କ ଏକ ଆବାସି (ଅନ୍ଲାଇନ୍) ବୈଠକ ଗତକାଲି ସନ୍ଧ୍ୟା ୫.୩୦ ରେ ଅନୁଷ୍ଠିତ ହୋଇଯାଇଛି । ମହିଳା ମାନଙ୍କ ଏହି ବୈଠକରେ ଜିଲ୍ଲା ଭିତରେ ଥିବା ସଭ୍ୟା ମାନେ ଯୋଗାଇଥିଲେ । ସଂଗଠନ ର ପୂର୍ବ କ୍ଷେତ୍ର ସଂଗଠନ ସଚିବ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ମହିଳା ମାନକୁ ଅଧିକ ରୁ ଅଧିକ ସଂଖ୍ୟରେ ପଂଚାୟତ ସହିତ ଯୋଡ଼ିବା ଦିଗରେ ସକ୍ରିୟ ଭବରେ ସମସ୍ତେ ପ୍ରୟାସ କରିବାକୁ କହିଥିଲେ । ଖାଉଟି ସମସ୍ୟା ସହିତ ମହିଳା ମାନେ ସିଧାସଳଖ ସମ୍ପର୍କିତ ଥିବାରୁ ସେମାନେ ଖାଉଟି ସୁରକ୍ଷା ସଚେତନତା ଓ ଶୋଷଣ ମୁକ୍ତ ସାମାଜ ଗଠନ ଦିଗରେ ସକ୍ରିୟ ରହିବେ ।ବିଭିନ୍ନ ସମସ୍ୟା ସମାଧାନ ଦିଗରେ ବଲାଙ୍ଗିର ଜିଲାରେ ଅତୀତରେ କିଛି ମହିଳା ସଦସ୍ୟା ଙ୍କ ସକ୍ରିୟତା କାମ କରି ଯାହାକୁ ଅସାଧ ବୋଲି ବିବେଚନା କରାଯାଏ ତାକୁ ସାଧ୍ୟ କରି ଦେଖାଇ ଦେଇଛନ୍ତି । ଏହି ବୈଠକ ର ଆବାହକ ସଂଯୁକ୍ତା ମିଶ୍ର ଥିଲାବେଳେ ପଂଚାୟତ ର କାର୍ଯ୍ୟକାରୀ ସଦସ୍ୟା ରଞ୍ଜିତା ମିଶ୍ର, ବୀଣାପାଣି ଆଚାର୍ଯ୍ୟ, କୁସୁମ ସତପଥୀ , କସ୍ତୁରୀ ରଥ, ନିହାରିକା ମିଶ୍ର ,ସବିତାଞ୍ଜଳି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଓଡିଶା ପର୍ଶ୍ଚିମ ରାଜ୍ୟ ସାଧାରଣ ସମ୍ପାଦକ ମାଣିକ ଲାଲ ବର୍ମା, ସଂଗଠନ ସମ୍ପାଦକ ସତ୍ୟ ନାରାୟଣ ପଟେଲ୍ ନୀରବ ଯୋଗଦେଇ ଥିଲେ. ବୈଠକ କୁ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ପରିଚାଳନା ରେ ସହଯୋଗ କରିଥିଲେ ।

## ପୁର୍ନବାସରେ ବିଶ୍ୱ ଫିଜିଓଥୋରାପି ଦିବସ ପାଳିତ

କେନ୍ଦ୍ରାପଡ଼ା,୧୨/୦୯ (ନି.ପ୍ର): ପ୍ରତିବର୍ଷ ସେପ୍ଟେମ୍ବର ମାସ ୮ ତାରିଖକୁ ବିଶ୍ୱ ଫିଜିଓଥୋରାପି ଦିବସ ରୂପେ ପାଳନ କରାଯାଇ ଆସୁଅଛି । ଏହି ଅବସରରେ ସେଚ୍ଛାସେବୀ ଅନୁଷ୍ଠାନ ‘ପୂର୍ନବାସ’ ପକ୍ଷରୁ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ମାଧପୁର ସ୍ଥିତ ରିହାବିଲିଟେସନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ବିଶେଷକରି ସେରିବ୍ରାଲ ପାଲସି ବା ମସ୍ତିଷ୍କ ପକ୍ଷାଘାତ ଶିଶୁଙ୍କ ନମନ୍ତେ ନିୟମିତ ଫିଜିଓଥୋରାପି ଚିକିତ୍ସାର ଉପାଦେୟତା ସମ୍ପର୍କରେ ଏହି ଦିବସରେ ଆଲୋକପାତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକ ଡା ବିଶ୍ୱପ୍ରକାଶ କାନୁନଗୋ ଉପସ୍ଥିତ ଅଭିଭାବକ ମାନଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଶିଶୁର ଯତ୍ନ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ରାଜ୍ୟସରକାରଙ୍କ ଅନୁଦାନ ପ୍ରାପ୍ତ ଏହି ପୋଗ୍ରାମର ସୁବିଧା ନେବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୱପ୍ନାଶୁଂ କୁମାର ଦାସ ଯୋଗ ଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସଂଯୋଜକ ସଞ୍ଜିବ କୁମାର ଜେନା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଫିଜିଓଥୋରାପିଷ୍ଟି ଅନିତା ବାରିକ, କମଲକାନ୍ତ ବିଶ୍ୱାଳ ଏହି ଦିବସର ଅଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ରଞ୍ଜନ କୁମାର ସ୍ୱାଇଁ ପରିଚାଳନାରେ ସହାୟତା କରିଥିଲେ ।

# ଡିଜିଟାଲ୍ ଡିଭାଇସ୍‌ର ବିପଦ



କରୋନା ଭୂତାଣୁ କାରଣରୁ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ଅଛି । ତେଣୁ ଅନ୍‌ଲାଇନ୍‌ରେ ଚାଲିଛି ପିଲାଙ୍କ ପାଠପଢ଼ା । ଦେଶ ବିଦେଶର ଅନେକ ସ୍କୁଲ ପୂରାପୂରି ରିମୋଟ ବା ହାଇବ୍ରିଡ୍ ଲର୍ଣ୍ଣିଂ ମଡେଲ ପ୍ରସ୍ତୁତ କଲେଣି । ଏଭଳି ପରିସ୍ଥିତିରେ ପିଲାଙ୍କ ସ୍କ୍ରିନିଂ ଟାଇମ୍ ବଢ଼ିବା ସୁନିଶ୍ଚିତ । ଅର୍ଥାତ୍ ସେମାନେ ସ୍ମାର୍ଟଫୋନ୍ ଓ ଲ୍ୟାପ୍‌ଟପ୍ ସ୍କିନ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଇବେ । ଫଳରେ ବାପା, ମା' ପିଲାମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି ସେମାନଙ୍କ ଦୃଷ୍ଟିଶକ୍ତିକୁ ନେଇ ଚିନ୍ତିତ ହେଉଛନ୍ତି ।

ଗତ ମାର୍ଚ୍ଚ ମାସରେ ପିୟୁ ରିସର୍ଚ୍ଚ ସେଣ୍ଟରର ଏକ ସର୍ଭେରୁ ଜଣାପଡ଼ିଛି ଯେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ଓ କମ୍ପ୍ୟୁଟର ଆଦିରେ ଅଧିକ ସମୟ ବିତାଇବାକୁ ନେଇ ଅଧିକାଂଶ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି । ସ୍କ୍ରିନ୍ ସାମ୍ନାରେ ଅଧିକ ସମୟ ବିତାଇବା ଦ୍ୱାରା ମାନସିକ ଚାପ, ଥକାପଣ, ମୁଣ୍ଡବ୍ୟଥା ଭଳି ସମସ୍ୟା ଉପୁଜିଥାଏ । ତେବେ ପିଲାଙ୍କର ଏସବୁ ସମସ୍ୟା ଦୂର କରିବା ପାଇଁ ବିଶେଷଜ୍ଞମାନେ ଅଭିଭାବକଙ୍କୁ ସହଜ ଉପାୟ ବତାଇଛନ୍ତି । ଆସନ୍ତୁ ଜାଣିବା ସହଜ ଉପାୟଗୁଡ଼ିକ ବିଷୟରେ ।

**ଭାଇରସ୍‌ଠାରୁ ସୁରକ୍ଷିତ ଦୂରତା:**

ଅପ୍ଟୋମେରିଷ୍ଟ ଓ ଗ୍ଲୋବଲ୍ ମାୟୋପିଆ ଆୱାରନେସ୍ କୋଆଲିସନ୍‌ର ପ୍ରବକ୍ତା ଡା. ମିଲିସେଣ୍ଟ ନାଇଟ୍‌ଙ୍କ କହିବାନୁସାରେ, ସାଧାରଣତଃ ଆମେ ବହିକୁ ଆଖିଠାରୁ ୧୬ ଇଞ୍ଚ ଦୂରତାରେ ରଖି ପଢୁଥିଲୁ । ମାତ୍ର ବର୍ତ୍ତମାନ ଦେଖାଯାଉଛି, ଲୋକମାନେ ୧୦ରୁ ୧୨ ଇଞ୍ଚ ଦୂରତାରେ ପଢୁଛନ୍ତି । ବିଶେଷକରି ଯେଉଁମାନେ ଫୋନ୍ ଜରିଆରେ ପଢୁଛନ୍ତି ସେମାନେ ଏଭଳି କରୁଛନ୍ତି । ଏତିକି ଦୂରତାରେ ଆଖି ଆରାମ ବଦଳରେ ସ୍କ୍ରିନ୍ ଉପରେ ଫୋକସ୍ କରିଥାଏ । ଏହା ଦ୍ୱାରା କିଛି ସମୟ ପରେ ଆଖିର ମାଂସପେଶୀ ପ୍ରଭାବିତ ହୁଏ ଓ ଏହି କାରଣରୁ ମୁଣ୍ଡବ୍ୟଥା ଓ ଦେଖିବା ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୁଏ । ତେବେ ମାୟୋପିଆ (ନିକଟରେ ଥିବା ଜିନିଷ ସ୍ପଷ୍ଟ ଦେଖିପାରିବା ଓ ଦୂରର ଜିନିଷ ଝାପ୍‌ସା ଦେଖାଯିବ) ଏବଂ ସ୍ମାର୍ଟଫୋନ୍, ଲାପ୍‌ଟପ୍ ଆଦିର ସ୍କ୍ରିନ୍ ବ୍ୟବହାର ମଧ୍ୟରେ କିଛି ସମ୍ପର୍କ ଥିବା କୌଣସି ରିସର୍ଚ୍ଚରୁ ଜଣାପଡ଼ିନାହିଁ । ଆମେରିକାନ୍ ଆପ୍ଟୋମେରିକ ଆସୋସିଏସନ୍‌ର ତଥ୍ୟ ଅନୁସାରେ, ୨୦୧୮ରେ ଚାରି ଜଣ ଅଭିଭାବକଙ୍କ ମଧ୍ୟରୁ ଜଣକର ସନ୍ତାନଙ୍କ ନିକଟରେ ମାୟୋପିଆ ସମସ୍ୟା ଥିଲା ।

**୨୦/୨୦/୨୦ ନିୟମ କ'ଣ?:**

ଡାକ୍ତର ନାଇଟ୍ ଅଭଭାବକ ଓ କେୟାରଟେକର୍ ବା ତତ୍ତ୍ୱାବଧାରକଙ୍କୁ ୨୦/୨୦/୨୦ ନିୟମ ଫଲୋ କରିବା ପାଇଁ ପରାମର୍ଶ ଦିଅନ୍ତି । ଏହାର ଅର୍ଥ ପ୍ରତି ୨୦ ମିନିଟରେ ଆପଣଙ୍କୁ ୨୦ ଫୁଟ ଦୂରତାକୁ କମ୍ ସେ କମ୍ ୨୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଜିନିଷକୁ ଦେଖିବା ଉଚିତ । ଏହା ଦ୍ୱାରା ଆଖିକୁ ଆରାମ ମିଳିଥାଏ ଏବଂ ଆଖି ନିଜର ପ୍ରାକୃତିକ ପୋଜିସନକୁ ଆସିପାରିଥାନ୍ତି । ନୀଳ ଆଲୋକ ରୋକିପାରୁଥିବା ଚଷମା ବ୍ୟତୀତ ମଝିରେ ମଝିରେ ବ୍ରେକ୍ ନେବା ଠିକ୍ ବୋଲି କହିଛନ୍ତି ଡାକ୍ତର ଲ୍ୟୁକ୍ । ସେ ଆହୁରି ମଧ କହିଛନ୍ତତି ଯେ, ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କ ପାଇଁ ଏଭଳି ଚଷମା ସମ୍ପର୍କରେ ପଚାରିଥାନ୍ତି । ମାତ୍ର ଏଭଳି ଚଷମା ବ୍ୟବହାର କରିବା ପାଇଁ ସେ କୌଣସି ଅଭିଭାବକଙ୍କୁ ପରାମର୍ଶ ଦିଅନ୍ତି ନାହିଁ । କାରଣ ଆଖି କ୍ଲାନ୍ତି ଦୂର କରିବା ପାଇଁ ଏହି ଚଷମା ଏକମାତ୍ର ଉପଯୋଗୀ । ଏହା ଆଜିଯାଏଁ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇନାହିଁ । ଡାକ୍ତର ଲ୍ୟୁକ୍‌ଙ୍କ କହିବାନୁସାରେ, ଅଭିଭାବକ ପିଲାଙ୍କ ପାଇଁ ସନ୍‌ଗ୍ଲାସେସ୍ ବ୍ୟବହାର କରିବାକୁ ଉତ୍ସାହିତ କରିବା ଦରକାର । ଏହା ଦ୍ୱାରା ପିଲାଙ୍କ ଆଖିକୁ ଅଲ୍‌ଟ୍ରାଭାଓଲେଟ୍ କିରଣରୁ ରକ୍ଷା କରାଯାଇପାରେ ।

**ମାୟୋପିଆର ଚିକିତ୍ସା ଜରୁରୀ:**

ଯଦି ମାୟୋପିଆର ଚିକିତ୍ସା କରାନଯାଏ, ତା' ହେଲେ ତାହା ଭବିଷ୍ୟତରେ ମାୟୋପିକ ମ୍ୟାକ୍ୟୁଲର ଡିଜେନରେସନ, ରେଟିନାଲ୍ ଡିଟାଚ୍‌ମେଣ୍ଟ, କ୍ୟାଟେରେକ୍ଟସ୍ ଏବଂ ଗ୍ଲୁକୋମା ଭଳି ଗମ୍ଭୀର ରୋଗର କାରଣ ହୋଇପାରେ ।

> କରୋନା ଭାଇରସ୍ ଯୋଗୁ ଏଯାଏଁ ସ୍କୁଲ ଯାଇନାହାନ୍ତି ପିଲାଏ । ଅନ୍‌ଲାଇନ୍‌ରେ ସେମାନଙ୍କ ପାଠପଢ଼ା ଚାଲିଛି । ଫଳରେ ପିଲାଏ ସ୍ମାର୍ଟଫୋନ୍, ଲ୍ୟାପ୍‌ଟପ୍ ସାମ୍ନାରେ ଅଧିକରୁ ଅଧିକ ସମୟ ବିତାଉଛନ୍ତି । ଏହାଦ୍ୱାରା ପିଲାମାନେ ମୁଣ୍ଡବ୍ୟଥା, ଥକାପଣ, ଦୃଷ୍ଟି ସମସ୍ୟା ଭୋଗିବା ଆଶଙ୍କା ରହିଛି । ଏ ସମସ୍ୟାକୁ କିଭଳି ଦୂର କରାଯିବ ଜାଣିବା ଆସନ୍ତୁ ।

**ଦୁଇ ଫୁଟ ଦୂରତା ରକ୍ଷା:**

ଲସ୍‌ଏଞ୍ଜେଲ୍ସର ପିଡିଆଟ୍ରିକ୍ ଅପ୍‌ଥୋଲମୋଲଜିଷ୍ଟ ଡାକ୍ତର ଲ୍ୟୁକ ନାଇଟ୍‌ଙ୍କ କହିବାନୁସାରେ, ଡିଜିଟାଲ୍ ଡିଭାଇସ୍‌କୁ ଆଖି ଲେବଲଠାରୁ ଅତି କମ୍‌ରେ ଦୁଇ ଫୁଟ ଦୂରତାରେ ରଖିବା ଉଚିତ । ଏହି ଦୂରତା କମ୍ ହେଲେ ଇମେଜକୁ ସ୍ପଷ୍ଟ ଦେଖିବା ପାଇଁ ଆମ ଆଖି ଫୋକସ୍ କରିବାରେ ଅସୁବିଧା ସାମ୍ନା କରିଥାଏ । ଏହା ଆଖି ଉପରେ ଅଯଥା ଚାପ ପକାଇବା ସହିତ ମାୟୋପିଆକୁ ବିଗାଡ଼ି ଦେବାର ଆଶଙ୍କା ରହିଛି । ସାଧାରଣତଃ ପିଲାମାନେ ଟେବୁଲ ଉପରେ କହୁଣୀ ରଖନ୍ତି ଓ ଦୁଇ ହାତକୁ ମୁଣ୍ଡର ଦୁଇପଟେ ରଖିଥାନ୍ତି । ଏହି ପୋଜିସନ୍‌ରେ ପିଲାଏ କହୁଣୀକୁ ଉଠାଇ ସ୍କ୍ରିନ୍‌କୁ ଛୁଇଁବା ଉଚିତ ବୋଲି ପରାମର୍ଶ ଦିଅନ୍ତି ଡାକ୍ତର ନାଇଟ୍ ।



**ସତର୍କ ରୁହନ୍ତି:**

ମୁଣ୍ଡବ୍ୟଥା, ଆଖିପତା ଅଧିକ ପକାଉଠା କରିବା, ଆଖି ମଳିବା ବା ପିଲାଏ ଥକିଯିବା ଭଳି ଅନୁଭବ କରିବା ଇତ୍ୟାଦି ସେମାଙ୍କ ବ୍ୟସ୍ତତାର ଲକ୍ଷଣ । ଡାକ୍ତର ଲ୍ୟୁକ୍‌ଙ୍କ ଅନୁସାରେ, ପିଲାଏ ସ୍ମାର୍ଟଫୋନ୍ ଲ୍ୟାପଟପ୍ ଆଦିରୁ ନିର୍ଗତ ତୀବ୍ର ଆଲୁଅରୁ ଦୂତା ରକ୍ଷା କରିବା ଜରୁରୀ । ଘରେ ଥିବାବେଳେ ସ୍କ୍ରିନ୍‌ର ବ୍ରାଇଟ୍‌ନେସ୍ ବା ଉଜ୍ଜ୍ୱଳତାକୁ କମ୍ ରଖିବା ଦରକାର । ଏହା ସହିତ ଡିଜଟାଲ୍ ଡିଭାଇସ୍‌ର ଅତ୍ୟଧିକ ବ୍ୟବହାର ନ କରିବାର ଭଲ । ଆଖି ଶୁଷ୍କ ଲାଗିବା ମଧ ଚିନ୍ତାର ବିଷୟ ।

ଡାକ୍ତରଙ୍କ କହିବାନୁସାରେ, ଲୋକମାନେ ଡିଭାଇସ୍‌ରେ ପଢ଼ନ୍ତି । ପ୍ରତି ମିନିଟ୍‌ରେ ସେମାନଙ୍କର ବ୍ଲିଙ୍କ୍ ରେଟ୍ (ଆଖିପତା ପକାଇବା, ଉଠାଇବା ହାର) ୫ରୁ ୧୦ ଥର କମ୍ ହୋଇଯାଏ । ଏହା ଆଖି ଶୁଖିଲା ହେବାର କାରଣ ହୋଇଥାଏ । ତେବେ ପିଲାଙ୍କ ଆଖି ବଡ଼ମାନଙ୍କ ଆଖି ଭଳି ଶୁଖିଯାଏ ନାହିଁ । ପିଲାଟି ସ୍କ୍ରିନ୍‌କୁ ଦେଖି ବାରମ୍ବାର ଆଖିପତତା ପକାଉଥିଲେ ହେଁ ସେମାନଙ୍କୁ ଏ ସମ୍ବନ୍ଧରେ ବାରମ୍ବାର ମନେପକାନ୍ତୁ ଓ ଏଭଳି କରିବାକୁ ଉତ୍ସାହିତ କରନ୍ତୁ । ଆପଣଙ୍କ ସତର୍କତା ହିଁ ସେମାନଙ୍କୁ ନାନା ସମସ୍ୟାରରୁ ମୁକ୍ତିଦେବାର ଏକମାତ୍ର ବାଟ ।





## କୃତ୍ରିମ ହସ ହସୁଛନ୍ତି କି? ସାବଧାନ ରୁହନ୍ତୁ

ଯଦି କେବେ କାହାକୁ ଦେଖି ମନ ରଖିବା ପାଇଁ ବା କାହାକୁ ଖୁସି କରିବାକୁ କୃତ୍ରିମ ହସ ହସୁଛନ୍ତି, ତା' ହେଲେ ଜାଣି ରଖନ୍ତୁ ଯେ ଆପଣ ମସ୍ତବଡ଼ ଭୁଲ କରୁଛନ୍ତି । କାରଣ କୃତ୍ରିମ ହସ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଗବେଷକମାନେ ଏକ ସନ୍ଧାନରୁ ଜାଣିପାରିଛନ୍ତି । ଏହା ଦ୍ୱାରା ହାର୍ଟ ଉପରେ ପ୍ରଭାବ ପଡ଼ିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ବି ଦେଖାଦେଇଥାଏ । ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଜର୍ଣ୍ଣାଲ୍ ଅନୁସାରେ କୃତ୍ରିମ ହସ ହସୁଥିବା ଲୋକମାନଙ୍କ ଆୟୁ କମ୍ ହୋଇଥାଏ । ବସ୍, ଅଟୋରେ ଅଫିସ୍ କିମ୍ବା କୌଣରସି ବ୍ୟବସାୟିକ ଅନୁଷ୍ଠାନକୁ ଗଲେ ଆପଣଙ୍କୁ ଅଭିବାଦନ କରିବା ଅବସରରେ ଯେଉଁମାନେ କୃତ୍ରିମ ହସ ହସୁଛନ୍ତି, ସେମାନେ ଜାଣିନାହାନ୍ତି ଯେ ଏହା ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ କେତେ ଖରାପ । ଏଣୁ ସବୁବେଳେ ସଜାଗ ରୁହନ୍ତୁ, କୃତ୍ରିମ ହସରୁ ଦୂରେଇ ରୁହନ୍ତୁ । ଯଦି ଆପଣ କାହାକୁ ଦେଖି ସ୍ମିତହାସ୍ୟ ଦେଉଛନ୍ତି, ସ୍ୱାଭାବିକ ଭାବେ ଦିଅନ୍ତୁ । ମାତ୍ର ବାଧ୍ୟବାଧକତାରେ ତାହା କରନ୍ତୁ ନାହିଁ ।



## ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୁଖିଲା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି ।



## ଭିନ୍ନ ଅବସରରେ ଭିନ୍ନ ଫ୍ୟାଶନ୍

ଫ୍ୟାଶନେବଲ୍ ପୋଷାକ ପିନ୍ଧିବା ସମସ୍ତଙ୍କ ଭଲ ଲାଗେ । ତେବେ ସମାନ ଡିଜାଇନ୍‌ର ପୋଷାକ ପରିଧାନ କରି ସବୁ ଜାଗାକୁ ଗଲେ ହୁଏତ ଦୃଷ୍ଟିକଟୁ ମନେ ହୋଇପାରେ । ଉତ୍ସବ, ପାର୍ଟି, ଟୁର୍, ଆଉଟିଙ୍ଗ୍, ପର୍ବପର୍ବାଣୀ ଭଳି ଅବସରକୁ ଦୃଷ୍ଟିରେ ରଖି ସେହି ଅନୁସାରେ ପୋଷାକ ପିନ୍ଧିଲେ ଭଲ ଦେଖାଯାଏ । ବିଶେଷ ଅବସରରେ ଆପଣଙ୍କ ପୋଷାକ କିପରି ହେବା ଦରକାର ଜାଣନ୍ତୁ ଟିପ୍ସ ।



**କଲେଜ ଫେଷ୍ଟ:**

ଡଙ୍ଗରିଜ୍, ଜମ୍ପସୁଟ, ପଲାଜୋ କଲେଜ ପଢୁଆ ଝିଅମାନଙ୍କ ପାଇଁ ଭଲ ଲାଗିବ । ଏହି ଷ୍ଟାଇଲ୍‌କୁ କଲେଜ୍ ଫେଷ୍ଟରେ ସାମିଲ କରାଯାଇପାରିବ । ଡଙ୍ଗରିଜ୍ କୁଲ୍ ଲୁକ୍ ଦେବା ସହିତ ଆରାମଦାୟକ ହୋଇଥାଏ । ଫୁଲ୍ ସ୍ଲିଭ୍ ଟପ୍ କିମ୍ବା ଟି ସାର୍ଟ ସହିତ କ୍ୟାରି କରିପାରିବେ । ଜମ୍ପସୁଟ ପିନ୍ଧୁଥିଲେ, ଫ୍ଲୋରାଲ ଜମ୍ପସୁଟ୍ ନିଅନ୍ତୁ । ଷ୍ଟାଇଲିଶ୍ ଦେଖାଯିବା ପାଇଁ ସନଗ୍ଲାସ୍ ଲଗାଇବା ଭୁଲନ୍ତୁ ନାହିଁ ।

**ବିବାହ:**

ସାଙ୍ଗ ବାହାଘରରେ ଯୋଗ ଦେବା ପୂର୍ବରୁ ପୋଷାକକୁ ନେଇ ବିଭିନ୍ନ ପ୍ରକାର ଏକ୍ସପେରିମେଣ୍ଟ ଆପଣ କରୁଥିବେ । ଯଦି ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯିବାକୁ ଚାହୁଁଥିବେ କାଜୁଆଲ୍ ବ୍ଲାକ୍ ମ୍ୟାକ୍ସି ଡ୍ରେସ୍ ପିନ୍ଧନ୍ତୁ । ଏହାକୁ ଗ୍ଲାଡିଏଟର୍ ସ୍ୟାଣ୍ଡେଲ ସହିତ କ୍ୟାରି କରନ୍ତୁ । ଗ୍ଲାମ୍ ଲୁକ୍ ଦେବାରେ ଏତିକି ଯଥେଷ୍ଟ । ଆଜିକାଲି ଗାଉନ୍ ଟ୍ରେଣ୍ଡ ଅଧିକ । ବିବାହ ପାର୍ଟିରେର ନେଟ୍, ଫିସ୍‌କଟ୍, ଏ ଲାଇନ୍ ଗାଉନ୍ ପିନ୍ଧିପାରିବେ ।

**ଜନ୍ମଦିନ ପାର୍ଟି:**

ଯଦି ପାର୍ଟି ଥିମ୍ ବେସଡ୍ ତା' ହେଲେ ଅଧିକ ଚିନ୍ତା କରିବାର ନାହିଁ । କିନ୍ତୁ ପାର୍ଟି ଯଦି ଥିମ୍ ବେସଡ୍ ନୁହେଁ, ତା'ହେଲେ ଆପଣର କାଜୁଆଲ ୱିୟର ସହିତ ପିନ୍ଧିପାରିବେ । କୁଲ ଲୁକ୍ ଦେଇଥାଏ ।

**ଆଉଟିଙ୍ଗ୍:**

ଯଦି ସି ବିଚ୍ ବୁଲି ଯାଉଛନ୍ତି ତା'ହେଲେ ଡେନିମ ସାର୍ଟ, ହାଫ୍ ପ୍ୟାଣ୍ଟ, ସର୍ଟସ୍ ଷ୍ଟାଇଲ ଭଲ ମାନିଥାଏ । ହିଲ୍ ଷ୍ଟେସନ୍ ଟୁର୍ କରୁଥିଲେ ଉଲେନ୍ ଟପ୍ ସହିତ ଜିନ୍ସ, ଟ୍ରାଉଜର ଏବଂ ଉଲେନ କୁର୍ତ୍ତି ୱିଥ୍ ଷ୍ଟୋଲ୍ ପିନ୍ଧିପାରିବେ । ସେଇ ସ୍ଥାନ ହିସାବରେ ନିଜକୁ ଷ୍ଟାଇଲିଶ୍ କରିପାରିବେ ।





**ଧ୍ୟାନ ଦିଅନ୍ତୁ:**

-ଅନ୍ୟମାନଙ୍କୁ ଦେଖି ସମାନ ଡିଜାଇନ୍ ପୋଷାକ ପିନ୍ଧନ୍ତୁ ନାହିଁ ।
-ଏମିତି ଆଉଟଫିଟ୍ ପିନ୍ଧନ୍ତୁ ଯାହା ଆପଣଙ୍କୁ ଆରାମ ଦେଉଥିବ । ନହେଲେ ସବୁଥରର ଆପଣଙ୍କ ଧ୍ୟାନ ପୋଷାକ ଠିକ୍ କରିବାରେ ଚାଲିଯିବ ।
-ଡାର୍କ ମେକଅପ୍ କରନ୍ତୁ ନାହିଁ । ଲାଇଟ୍ ମେକଅପ୍‌ରେ ବି ସୁନ୍ଦର ଲାଗିବେ ।
-ଅଧିକ ଟାଇଟ୍‌ଫିଟ୍ ପୋଷାକ ଆଦୌ ନୁହେଁ ।

## ଇଡ୍‌ଲି ଚିଲ୍ଲୀ

**ସାମଗ୍ରୀ:**

-ଇଡ୍‌ଲି ୧୨ ପିସ୍
-କଞ୍ଚାଲଙ୍କା: ୫-୬ଟା
-ରସୁଣ: ୨ଟା
-କ୍ୟାପ୍‌ସିକମ୍: ୧ ଟା
-ଭୃର୍ସୁଙ୍ଗା ପତ୍ର: ୧ ଡେମ୍ଫ
-ଧନିଆ ପତ୍ର: ଅଳ୍ପ
-ପିଆଜ: ୪-୫ଟା
-ଚିଲ୍ଲୀସସ୍: ସ୍ୱାଦ ଅନୁଯାୟୀ
-ଟମାଟୋ ସସ୍: ସ୍ୱାଦ ଅନୁଯାୟୀ
-ସୋୟାସସ୍: ୧-୨ ଚାମଚ
-ଗୋଲମରିଚ ଗୁଣ୍ଡ: ୧-୨ ଚାମଚ
-ଲୁଣ: ସ୍ୱାଦ ଅନୁସାରେ
-ପ୍ରୟୋଜନ ଅନୁଯାୟୀ ତେଲ

**ପ୍ରଣାଳୀ:**

ପ୍ରଥମେ ଇଡ୍‌ଲିଗୁଡ଼ିକୁ ଛୋଟ ଛୋଟ ଖଣ୍ଡ ଆକାରରେ କାଟି ଦିଅନ୍ତୁ । ଗ୍ୟାସ୍‌ରେ କଡ଼େଇ ବସାଇ ତେଲଦିଅନ୍ତୁ । ତେଲ ଗରମ ହେଲା ପରେ ସେହି ଇଡ୍‌ଲି ଖଣ୍ଡଗୁଡ଼ିକୁ ପକାଇ ହାଲ୍‌କା ଭାଜନ୍ତୁ । ଏପଟସେପଟ ଲେଉଟାଇ ବ୍ରାଉନ୍ ରଙ୍ଗ ହୋଇଗଲେ ସେଗୁଡ଼ିକୁ ଗୋଟିଏ ପାତ୍ରରେ କାଢ଼ି ଦିଅନ୍ତୁ । ତା' ପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲା ପରେ ପିଆଜ, ରସୁଣ ଓ କଞ୍ଚାଲଙ୍କାକୁ କାଟି ପକାଇ ଭାଜନ୍ତୁ । ତା' ପରେ ସେଥିରେ ଭୃର୍ସୁଙ୍ଗ ପତ୍ରକୁ ପକାଇ ଭାଜନ୍ତୁ । ସେଗୁଡ଼ିକ ଭାଜି ହୋଇଗଲା ପରେ କ୍ୟାପ୍‌ସିକମ୍‌କୁ ଧୋଇ ଛୋଟ ଛୋଟ ଖଣ୍ଡ କାଟି ସେଥିରେ ପକାଇ ଭାଜନ୍ତୁ । କ୍ୟାପ୍‌ସିକମ୍ ହୋଇଗଲା ପରେ ଟମାଟୋ ସସ୍, ଚିଲ୍ଲୀସସ୍, ସୋୟାସସ୍ ପକାଇ ଗୋଳାଇ ଦିଅନ୍ତୁ । ଅଳ୍ପ ସମୟ ପରେ ଭଜା ହୋଇଥିବା ଇଡ୍‌ଲି, ଗୋଲମରିଚ ଗୁଣ୍ଡ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ । ଗୋଳେଇ ସାରିଲା ପରେ ତଳକୁ ଓହ୍ଲାଇ ଦିଅନ୍ତୁ । ଗରମ ଗରମ ନିଜେ ଖାଇଇବା ସହିତ ଅନ୍ୟମାନଙ୍କୁ ଖାଇବାକୁ ପରଷି ଦିଅନ୍ତୁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗୋଟିଏ ଯୁଗର ଅବସାନ...

ଅଜା ଆଇ କି ଜେଜେ ଜେଜେମା'ଙ୍କଠୁ ରାଜା ରାଣୀ, ବୁଢ଼ୀ ଅସୁରୁଣୀ କାହାଣୀ ଶୁଣିବାର ଦିନ ବୋଧହୁଏ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଆମ ସମାଜରୁ ବିଦାୟ ନେଇ ସାରିଲାଣି। ଆଜିକା ପିଲାଙ୍କର ସେମିତି କାହାଣୀ ଶୁଣିବାର ସୌଭାଗ୍ୟ ଆଉ ପ୍ରାୟ ନାହିଁ କହିଲେ ଚଳେ। ପରନ୍ତୁ, ସହର ହେଉ କି ନିପଟ ମଫସଲ, ପିଲାଠୁ ବୁଢ଼ାଙ୍କ ମୁହଁରୁ ସୁପରମ୍ୟାନ୍ କଥା ସିନା ଶୁଣିବାକୁ ମିଳିବ, ରାଜା-ରାଣୀ କାହାଣୀ ଏବେ ସାତ ସପନ। ଆଉ ଏଇ ପରିବେଶ ଭିତରେ ଗତ ଗୁରୁବାର ଅପରାହ୍ନରେ ନିଜର ସ୍କଟଲ୍ୟାଣ୍ଡସ୍ଥିତ ବାଲ୍‌ମୋରାଲ୍ ଇଷ୍ଟେଟ୍‌ରେ ଦେହାନ୍ତ ଘଟିଛି ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କର, ଯାହାଙ୍କ ମୃତ୍ୟୁରେ କେବଳ ଗୋଟିଏ ଯୁଗର ଅବସାନ ଘଟିନାହିଁ ବରଂ ଘଟିଛି ଶେଷ ଯୋଗସୂତ୍ରର, ଯାହା ରହିଥିଲା ବ୍ରିଟେନର ରାଜକୀୟ ଅତୀତ ଏବଂ ଏକ ଆଧୁନିକ ବିଶ୍ୱ ଭିତରେ, ଯେଉଁଥିରେ ଏହି ରାଜ ପରିବାର ସମୟ ଉପଯୋଗୀ ରହିବାକୁ କରୁଥିଲା ସଂଘର୍ଷ। ତାଙ୍କର ତିରୋଧାନରେ ଯେଉଁଭଳି ଭାବରେ ପ୍ରତିକ୍ରିୟାମାନ ପ୍ରକାଶ ପାଇଛି, ବିଶେଷକରି ପୂର୍ବତନ ବ୍ରିଟିଶ ଉପନିବେଶଗୁଡ଼ିକର ଶାସକମାନଙ୍କ ଦ୍ୱାରା, ତାହା ସେ ପଛରେ ଛାଡ଼ି ଯାଇଥିବା ଜଟିଳ ଉତ୍ତରାଧିକାର ସମ୍ପର୍କିତ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥାଏ। ତଥାପି, ଯୁକ୍ତରାଜ୍ୟର ସର୍ବାଧିକ ୭୦ବର୍ଷ କାଳ-ସେବା କରିଥିବା ସାମ୍ରାଜ୍ଞୀ ଯେଉଁଭଳି ଭାବରେ ସମ୍ଭ୍ରମତା ଓ ଶାଳୀନତାର ସହିତ ଜନଜୀବନ ସହିତ ଜଡ଼ିତ ଥିଲେ, ସେ ସମ୍ପର୍କରେ କ୍ୱଚିତ୍ କୌଣସି ବିବାଦ ରହିପାରେ। ଉଲ୍ଲେଖଯୋଗ୍ୟ ଯେ ତାଙ୍କ ବିୟୋଗରେ ଭାରତର ପ୍ରଧାନମନ୍ତ୍ରୀ ଏହାକୁ ଲକ୍ଷ୍ୟ କରି ତାଙ୍କର ମହାନ ଗୁଣ ସମ୍ପର୍କରେ କହିଛନ୍ତି, 'ଜନଜୀବନରେ ଏକ ସମ୍ଭ୍ରମତା ଓ ଶାଳୀନତା'ର ସହିତ ସେ ସିଂହାସନରେ ଉପବେଶନ କରୁଥିଲେ। ଆଧୁନିକ ବିଶ୍ୱର ଏହି ସର୍ବାଧିକ ତର୍ଜମାତ୍ମକ ପଦବୀରେ ରହିଥିବା ଭିତରେ ସେ ୧୫ଜଣ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ଦେଖିଥିଲେ। ବର୍ଷ ପରେ ବର୍ଷ ଜନଜୀବନ ସହିତ ଘରୋଇ ଜୀବନରେ ମଧ୍ୟ ପରିବେଶକୁ ହାସ୍ୟରସାଣିତ କରିବାରେ ତାଙ୍କ କଳା ଅନ୍ୟଥା ସ୍ଥିର ଓ ଗୁରୁତ୍ୱ ହରାଇଥିବା ତଥା ପରିବର୍ତ୍ତନ, ସ୍ୱଚ୍ଛତା ବା ଉତ୍ତରଦାୟିତ୍ୱ ପ୍ରତି ପ୍ରତିରୋଧୀ ରହି ଆସିଥିବା ଅନୁଷ୍ଠାନ-ରାଜା ରାଜୁଡ଼ାଙ୍କ ଶାସନକୁ ମାନବିକତାର ଏକ ନିଦର୍ଶନ ଭାବରେ ପ୍ରତିପାଦିତ କରିଥିଲା। ଆଉ ଏଇଥିପାଇଁ ସେ ଅନେକଙ୍କ ହୃଦୟର ରାଣୀ ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ। ଯେଉଁ ସାମ୍ରାଜ୍ୟର ସେ ଉତ୍ତରାଧିକାରିଣୀ ଥିଲେ, ତାହା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଥିବା ବେଳେ ଏବଂ ରାଜ ପରିବାର ବିବାଦ ପରେ ବିବାଦ ଘେରରେ ଛନ୍ଦି ହୋଇ ପଡ଼ିଥିବାବେଳେ ରାଜକୁମାରୀ ଡାଏନାଙ୍କ ମୃତ୍ୟୁଠାରୁ ରାଜକୁମାର ପ୍ରିନ୍ସଙ୍କ ଦ୍ୱାରା ସାମନା କରାଯାଇଥିବା ଯୌନ ଅପରାଧ ପର୍ଯ୍ୟନ୍ତ- ସେ ଯେଉଁଭଳି ଭାବରେ ପରିସ୍ଥିତିକୁ ସାମନା କରିଥିଲେ, ତାହା ସମଗ୍ର ବିଶ୍ୱବାସୀଙ୍କୁ ବିସ୍ମିତ କରିଦିଏ। ଆଜିକା ସମୟରେ ବିଶ୍ୱର ଅଧିକାଂଶ ଭାଗରେ ରାଜତନ୍ତ୍ରକୁ ଯେତେବେଳେ ଖୁବ୍ ବେଶୀରେ କିମ୍ୱଦନ୍ତୀ ଭାବରେ ଗ୍ରହଣ କରାଯାଉଛି ଏବଂ ଅତୀତରେ ସଂଘଟିତ ସବୁଠୁ କଦର୍ଯ୍ୟ ଓ ଭୟଙ୍କର ଅପରାଧଗୁଡ଼ିକ ପାଇଁ ଦାୟୀ ଭାବରେ ବିବେଚନା କରାଯାଉଛି, ସେଭଳି ଏକ ସମୟରେ ରାଣୀ ଏଲିଜାବେଥ୍ ଦ୍ୱିତୀୟ ଏହି ପଦବୀ ପାଇଁ ଗୌରବର ଏକାଧିକ ଚମକ ଆଣି ପାରିଥିଲେ। ୧୯୫୨ରେ ରାଣୀ ସିଂହାସନ ଆରୋହଣ କଲାବେଳକୁ ଆଫ୍ରିକାରେ ବ୍ରିଟିଶ ସାମ୍ରାଜ୍ୟ ଉତ୍ତରରେ ସୁଦାନଠାରୁ ଦକ୍ଷିଣରେ ନାମିବିଆ ପର୍ଯ୍ୟନ୍ତ, ପଶ୍ଚିମରେ ଘାନାଠାରୁ ପୂର୍ବ କେନିଆ ପର୍ଯ୍ୟନ୍ତ ବ୍ୟାପିଥିଲା। ସେ ଅନେକଗୁଡ଼ିଏ କାରିବୀୟ ଏବଂ ପ୍ରଶାନ୍ତ ମହାସାଗରୀୟ-ଦ୍ୱୀପପୁଞ୍ଜ ରାଷ୍ଟ୍ରଗୁଡ଼ିକ ଉପରେ ଶାସନ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଉପନିବେଶବାଦ ଶାସନର ବିଲୋପକରଣ ଦେଶ ପରେ ଦେଶ ସ୍ୱାଧୀନତା ହାସଲ କରିବାକୁ ବୁଝାଇଥିଲା। ଅନେକ କ୍ଷେତ୍ରରେ ବ୍ରିଟିଶମାନେ ସାମରିକ ଭାବରେ ସାର୍ବଭୌମତ୍ୱର ପ୍ରତିରୋଧ କରିନଥିଲେ; ରାଣୀଙ୍କ ଉପରେ ଏହି ସମୟରେ ଅନେକ ଅମାନବିକ ଦୋଷାରୋପ କରାଯାଇଥିବା ଦେଖିବାକୁ ମିଳିଥାଏ ଯାହା ମଧ୍ୟରୁ ସର୍ବାଧିକ ଭୟାବହ ହେଉଛି କେନିଆରେ ମାଉ ମାଉ ଗଣହତ୍ୟା, ଯେଉଁଥିରେ ଉପନିବେଶବାଦ ଶାସନ ବିରୋଧରେ ବିଦ୍ରୋହ କରିବା ଅଭିଯୋଗରେ ହଜାର ହଜାର ଲୋକଙ୍କୁ ହତ୍ୟା କରାଯାଇଥିଲା। ରାଣୀଙ୍କ ଅଧୀନରେ ବ୍ରିଟେନ୍ ଏହାର ପୂର୍ବତନ ଉପନିବେଶଗୁଡ଼ିକରେ ଅର୍ଥନୀତିକ ସମ୍ପଦଗୁଡ଼ିକୁ ସଂରକ୍ଷିତ କରି ରଖିବାକୁ ଉଦ୍ୟମ କରିଥିଲା, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଇଜିପ୍ଟରେ ଯୁଦ୍ଧ କରିବା ଏବଂ ଇରାନ୍‌ରେ ଏକ ବିଦ୍ରୋହ ସଂଘଟିତ କରିବା। ତାଙ୍କ ପରିବାରର ନାମରେ କରାଯାଇଥିବା ଅନ୍ୟାୟ ଅତ୍ୟାଚାରଗୁଡ଼ିକ ପାଇଁ ସେ କେବେହେଲେ କ୍ଷମାଭିକ୍ଷା କରିନଥିଲେ।

# ନେତା ନୀତି ରାଜନେତା ପ୍ରକରଣ



ଡକ୍ଟର ଲକ୍ଷ୍ମଣ ସାହୁ

ନିର୍ବାଚନର ଦିନ ଯେତେ ଯେତେ ପାଖେଇ ଆସୁଛି ରାଜନୈତିକ ନେତାମାନଙ୍କ ଉତ୍ସାହ ଓ ଜନତାଙ୍କୁ ଦେଉଥିବା ପାଣି ଗାରର ପ୍ରତିଶ୍ରୁତି ସେତିକି ସେତିକି ବଢ଼ି ବଢ଼ି ଚାଲିଛି। ଏହି ରାଜନେତାଙ୍କ ରାଜନୀତି ବନାମ ଆଜନୀତି ' ଆଜିକ ଚଳି ଯିବାର ଏକ ନକଲି ପନ୍ଥା ' କହିଲେ ଅତ୍ୟୁକ୍ତି ହେବନାହିଁ । ଅପରପକ୍ଷରେ କୁହାଯାଇପାରେ- ଅତୀତର ରାଜତନ୍ତ୍ର ଓ ବର୍ତ୍ତମାନର ଗଣତନ୍ତ୍ର ଭିତରେ ସେଭଳି କୌଣସି ଫରକ ନାହିଁ । କେବଳ ପ୍ରଜା ମାରଣ ଭିତରେ ଶୋଷଣ ଓ ଅତ୍ୟାଚାରର ସ୍ୱରୂପ ଭିନ୍ନ ଭିନ୍ନ ରୂପ ନିଏ । ରାଜତନ୍ତ୍ରରେ ସମ୍ରାଟ ଏକଛତ୍ର ଅଧୀଶ୍ୱର, ବିଳାସୀ କାମୁକ ପାଲଟେ । ତାର ଅବିବେକିତା ଓ କାମୁକତା ରାଣୀ ହଂସପୁରରୁ ତାର ନିଜ ଇଲାକା ମଧରେ । ସେଠାରେ ସବୁ କିଛି ମାନବିକତାର ବିରୋଧ ଘଟେ । ସେ ସମ୍ରାଟଙ୍କର ମଣିଷତ୍ୱ ମଣିଷ ପଣିଆ ନଥାଏ, ପୁରୁଷତ୍ୱ ନଥିବା କୁହାଯାଇ ପାରେ । ଏହି ରାଜତନ୍ତ୍ରର ଭଗ୍ନାବଶେଷ ହେଉଛି 'ଗଣତନ୍ତ୍ର' । ଯେଉଁଠି କେବଳ ଅଛି ରାଜା ବଦଳରେ ରାଜନେତାଙ୍କ ଷଡ଼ଯନ୍ତ୍ର, ଅତ୍ୟାଚାର, ଅନ୍ୟାୟ, ଅହଂକାର ସବୁ କିଛି ଭରି ରହିଛି । ଅନ୍ଧ, ମୂକ ଓ ବଧୀର ହୋଇ ପଡିରହିଥିବା ଇତିହାସର ଅତୀତ ପୃଷ୍ଠାକୁ ଖୋଲି ପୃଷ୍ଠା ପରେ ପୃଷ୍ଠା ଅବଲୋକନ କଲେ କେବଳ ଦେଖିବାକୁ ମିଳିବ ରାଜାଙ୍କ ଯଶ ଓ ବିଜୟର କୃତୀତ୍ୱ, ଭାଟ ରାଜାଙ୍କ ପ୍ରଶସ୍ତି ରାଜ ଦରବାରରେ ଗାନ କଲା ଭଳି, ଇତିହାସରେ ତାହାହିଁ ଚର୍ଚ୍ଚିତ। ଇତିହାସ ଲେଖାଯାଏ ତୋଷାମଦ ଚାଟୁକାରଙ୍କ ହସ୍ତରେ...!! ଯନ୍ତ୍ରଣା ଓ ହାହାକାରର ବାସ୍ତବ ଚିତ୍ର ସେଥିରୁ ମିଳିବ ବା କାହିଁ ।

ଯୁଗେ ଯୁଗେ ଇତିହାସ ପ୍ରମାଣ କରି ଆସିଛି ଯେ ସିଂହାସନରେ କେବେ ମହାରଥୀ ମହାତ୍ମା ମାନେ ବସନ୍ତି ନାହିଁ, ବସନ୍ତି ଦୁରାତ୍ମାମାନେ। ସିଂହାସନ ସେଇମାନଙ୍କର ପ୍ରାପ୍ୟ, ଯେଉଁ ମାନେ ଯେତେ ସାଧାରଣ ନୀରିହ ମଣିଷକୁ ବୋକା ବନାଇ ପାରେ । ଏହି ଦୁରାତ୍ମା ମାନେ କାହାର ନୁହନ୍ତି , ଅର୍ଥ, ବାହୁବଳ ଓ କ୍ଷମତା ରାଜନୀତି ଖେଳରେ ଏମାନେ ସ୍ୱକୀୟ କରାମତି ଦେଖାନ୍ତି। ଏହି ରାଜନୈତିକ ନେତାଙ୍କ ସ୍ୱରୂପ ଜଣେ ଉଂଚ ପ୍ରଶାସନିକ ତଥା ପ୍ରତିଷ୍ଠିତ କବି ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଭାଷାରେ- ' ପ୍ରଥମେ ଛାଡେ କାଦୁଅ/ ସୁନ୍ଦର ତମ ପବିତ୍ର ତମ/ ପ୍ରିୟ ତମ ଶ୍ରେୟ ତମକୁ ।' କହିବା ବାହୁଲ୍ୟ ଜଣେ ରାଜନୈତିକ ନେତା ହେବାକୁ ହେଲେ ସେ ଅନ୍ୟ ବିରୁଦ୍ଧରେ ନୀତି ବନାବ ଅନୀତି ବିପକ୍ଷରେ ସାର ଗର୍ଭକ ଲମ୍ୱା/ ଦୀର୍ଘ ଭାଷଣ ଦେଇ ପାରୁଥିବ । ସେଭଳି ସୁଯୋଗ୍ୟ ବ୍ୟକ୍ତି ପୁଣି ପରୋକ୍ଷରେ ନିନ୍ଦା କରି ପାରୁଥିବ। ଯେତେ ତା'ର ପ୍ରିୟତମ/ଶ୍ରେଷ୍ଠତମ/ଗୁରୁସମ ଘନିଷ୍ଠ ବନ୍ଧୁ ହେଲେବି, ସମ୍ମାନସ୍ପଦ ହେଲେବି ତା' ନାମରେ ଶୃଙ୍ଖଳା ମିଥ୍ୟା କୁତ୍ସିରଟନା ସହ ତାଙ୍କୁ ଉପେକ୍ଷା କରି ପାରୁଥିବ, ସେଇଭଳି ବ୍ୟକ୍ତିମାନେହିଁ ରାଜନୀତିକ ନେତା ହୋଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ସେମାନେ ସାଧାରଣ ନିରୀହ ଜନତାଙ୍କୁ ଭଣ୍ଡାଇ ପାରନ୍ତି । ଛଳନାର ପ୍ରତିଶ୍ରୁତିରେ ପୁଟ ଦେଇ ସେମାନଙ୍କ ମନକୁ ଜିଣିନେବାକୁ ଯଥେଷ୍ଟ ଚେଷ୍ଟା କରନ୍ତି । ଯଦି କେହି ଏଭଳି ନେତାମାନଙ୍କ କଥାରେ ଅରାଜି ହୁଅନ୍ତି, ତେବେ ସେ କ୍ଷେତ୍ରରେ ଗୁଣ୍ଡାଗିରି ଦ୍ୱାରା ତାକୁ ହାତକୁ ନିଆଯାଏ, ଯିଏ ଭୋଟ ଖଣ୍ଡେ ପାଇବା ପାଇଁ ସେ ସେତିକି ଲୋକଙ୍କ ଦ୍ୱାରସ୍ଥ ହୋଇଥାଏ, ଭୋଟ ପାଇସାରିବା ପରେ ସେମାନଙ୍କ ଆଉ କୌଣସି ପ୍ରକାର ଦେଖା ମିଳେ ନାହିଁ। ଏପରିକି ଜନତାର ରକ୍ଷକ ସେବକ ନାମରେ ଭକ୍ଷକ ସାଜି ଭୋଟର ମାନଙ୍କ ସର୍ବନାଶ କରିବାକୁ ପଛାଉନାହାନ୍ତି ।

ରାଜନୀତିରେ ଆଜି ସଚ୍ଚୋଟ ନେତାଙ୍କ ଯଥେଷ୍ଟ ଅଭାବ ରହିଯାଇଛି। ଭୋଟରମାନଙ୍କୁ ଏଭଳି ନେତା ଚୟନ କରିବାକୁ ପଡ଼ିବ ଯେଭଳି ସେମାନଙ୍କ ସୁଖ ଦୁଃଖରେ ତାଙ୍କ ପସନ୍ଦର ନେତା ସହାୟକ ହୋଇପାରିବେ । ଯେଉଁମାନଙ୍କ ମନରେ ଭୋଗ ଅପେକ୍ଷା ତ୍ୟାଗ କରିବାର ମନୋଭାବ ପ୍ରତିପୋଷଣ ଅହର୍ନିଶି କରୁଥିବ । କାରଣ ଆଜି ଯାହା ହାତରେ ଯେତେ ଅର୍ଥ, କ୍ଷମତା ଓ ବାହୁବଳ ଅଛି, ସେ ରାଜନୀତିର ପଶାକାଠିରେ ଅବତୀର୍ଣ୍ଣ ହୁଅନ୍ତି । ଏହି ରାଜନେତା ମାନଙ୍କୁ ସାହାଯ୍ୟ ଯେଉଁ କର୍ମୀ ମାନେ କରିଥାନ୍ତି, ସେମାନେ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ସରଳ ସାଧାରଣ ଭୋଟରଙ୍କୁ ଭୁଲେଇ ଦିଅନ୍ତି।

ସାଧାରଣ ଭୋଟର ରାଜନେତାଙ୍କୁ ଚିହ୍ନୁ ବି ନଚିହ୍ନୁ , ସେ କିନ୍ତୁ ରାଜନେତା ମାନଙ୍କ ଚାଟୁକାର କର୍ମୀଙ୍କମାନଙ୍କ ମନଲୋଭା କଥାରେ ବଶବର୍ତ୍ତୀ ହୋଇ ନିଜର ଅମୂଲ୍ୟ ଭୋଟ ଖଣ୍ଡିକ ଦେଇ ପୂର୍ବ ପରି ମୁହଁ ମାଡି ପଡିଥାନ୍ତି । ଚାଟୁକାର ବନାମ ଭାଟମାନେ ତାଙ୍କ ନେତାଙ୍କ ବିଜୟ ପରେ ଦେଶ ପଛେ ରସାତଳକୁ ଯାଉ, ସେମାନେ ନିଜ ନିଜ ସ୍ୱାର୍ଥରେ ଲାଗିପଡିନ୍ତି । ଏହି କର୍ମୀ ମାନଙ୍କ ଶିକ୍ଷା ଦୀକ୍ଷା ଥାଉକି ନ'ଥାଉ ସେମାନେ ଉଂଚ ପଦ/ ପଦବୀରେ ଅଭିଷିକ୍ତ ହୁଅନ୍ତି । ବିଜୟୀ ରାଜନେତା ବିଜୟ ପରେ କେବଳ ନିଜ ହାତକୁ ସମସ୍ତ କ୍ଷମତା ନେବା ପାଇଁ ତାର ନିଜଲୋକ/ ତା କର୍ମୀ ମାନଙ୍କୁ ପ୍ରତ୍ୟେକ ସାନ୍ଥରେ ବସାଇଥାଏ। କ୍ଷମତା ଲିପସ୍ୟୁରେ ଅନ୍ଧ ହୋଇ ଏମାନେ ନୀତି ଅନୀତି ନମାନି ଦୁର୍ନୀତି କରନ୍ତି । ନିର୍ବାଚନ କମିଶନ ବିଧାନସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କ ପାଇଁ ପଚାଶ ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିବାର ନିର୍ଦ୍ଦେଶ ଥିଲେ ମଧ୍ୟ ଏମାନେ ଏହା ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରନ୍ତି ।

ତେବେ, ଏମାନଙ୍କ ନିକଟକୁ ଅଧିକ ଅର୍ଥ ଆସେ କେଉଁଠୁ (?), ସାଧାରଣ ବ୍ୟକ୍ତି ବୁଝିବା ଆବଶ୍ୟକ ଯେ, ଯେଉଁମାନଙ୍କ ଠାରୁ ମୋଟା ଚାନ୍ଦାର ପାଣ୍ଠି ସଂଗ୍ରହ ହୋଇଥାଏ , ନିର୍ବାଚନ ପରେ ଦରଦାମ ବୃଦ୍ଧି ଘଟାଇ ସେମାନେ ଅର୍ଥ କେବଳ ଭରଣା କରାଯାଏ ନାହିଁ, ଅଧିକକନ୍ତୁ ମୁନାଫା/ ଫାଇଦା ଉଠାଇବାକୁ ସୁଯୋଗ ମିଳିଯାଏ । ଅପରପକ୍ଷରେ ବିଜୟୀ ପ୍ରାର୍ଥୀ ନିର୍ବାଚନରେ ବ୍ୟୟ କରିଥିବା ଅର୍ଥ ଫେରି ପାଇବା ପାଇଁ ଓ ଆଗାମୀ ନିର୍ବାଚନରେ ପୁନଃ ପ୍ରାର୍ଥୀ ହେବା ପାଇଁ ବହୁଳ ଅର୍ଥ ଜମା ନିମନ୍ତେ ଅସତ୍ ପଥ ବାଛି ନିଅନ୍ତି । ଦୁର୍ନୀତି ଲିପ୍ତ ହୋଇପାରନ୍ତି , ଅବଶ୍ୟ ସବୁ ନେତା ତାହା ନୁହନ୍ତି, ଏପରି କେତେକ ନିଜର ସର୍ବସ୍ୱ ହରାଇ ଜନସେବାରେ ନିଜକୁ ଉତ୍ସର୍ଗ କରିଥିବା ନଜିର ରହିଛି, ଜନସାଧାରଣଙ୍କ ନିକଟରେ ସେମାନେ ଚିର ନମସ୍ୟ ହୋଇପାରିଛନ୍ତି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ଶିକ୍ଷା, ବୃତ୍ତି ତଥା ସଂପତ୍ତି ତାଲିକା ଜନସାଧାରଣଙ୍କୁ ଅବଗତ କରାଇନେବା ପାଇଁ, ତେଣୁ ଏକ୍ଷେତ୍ରରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ତାଲିକା ସଂକ୍ଷିପ୍ତ ପରିଚୟ ପୁସ୍ତିକା ପ୍ରକାଶରେ ଜନସାଧାରଣଙ୍କୁ ବଣ୍ଟନ କରିବା ବିଧେୟ । ଯାହା ଦ୍ୱାରା ସାଧାରଣ ଭୋଟଦାତା ଅନୁନ୍ୟ ତା' ମନୋନୀତ ପ୍ରାର୍ଥୀ ସଂପର୍କରେ ଯତ୍ କିଞ୍ଚିତ ଧାରଣା ଆଣିଦେଇ ପାରିବ। ସେଭଳି ଯଦି ଭୋଟଦାତାଙ୍କ କେହି ମନୋନୀତ ପ୍ରାର୍ଥୀ ନଥାନ୍ତି ବା ପ୍ରାର୍ଥୀ ମାନଙ୍କ ମଧରୁ କେହି ପସନ୍ଦ ନୁହନ୍ତି, ତାହା ନୋଟା (ଘଡଞ୍ଜଇ) ଭୋଟ ଦ୍ୱାରା ଜଣାଇବାର ସୁଯୋଗ ଥାଇ ମଧ ଭୋଟ ଦାତା ଅନଭିଜ୍ଞ ଥିବାରୁ ତାହା ହୋଇପାରେ ନାହିଁ । ଗଣତନ୍ତ୍ର ରାଷ୍ଟ୍ରରେ ଭୋଟ ଦେବାର ସଂପୂର୍ଣ୍ଣ ସ୍ୱାଧୀନତା ଅଧିକାର ସମସ୍ତ ସାବାଳକ ଭୋଟର ଅର୍ଥାତ ଭୋଟର ତାଲିକାରେ ନାମ ଥିବା ଭୋଟର ଉପଭୋଗ କରି ପାରିବେ। ଏବେବି ଦେଖାଯାଉଛି, ମଦ୍ୟପ, ହତ୍ୟାକାରୀ, ନାନା ଦୁର୍ନୀତିରେ ଲିପ୍ତ ରହୁଥିବା ବ୍ୟକ୍ତି ଯେ କେହି ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ କରିଦେଇ ଅସାଧୁ ଉପାୟରେ ଭୋଟରଙ୍କ ଅନୁକମ୍ପା ପାଇବାରେ ଆଶାବାଦୀ ହେଉଛନ୍ତି । ସେମାନଙ୍କ ଅର୍ଥ, ବାହୁବଳ ଦ୍ୱାରା ବେଳେ ବେଳେ ବିଜୟୀ ହୋଇ ଦେଶକୁ ଦୁର୍ବଳ କରିଥାନ୍ତି । ଦଂଗା, ସାଂପ୍ରତିକତା, ଲୁଟତରାଜ ଆଦି ଅନେକ ଅଘଟଣ ମୂଳକ ଘଟଣା ସେମାନଙ୍କ ଇଶାରାରେ ଚାଲେ , ସେମାନେ ପଥ ଆଢୁଆଳରେ ରହି ରିଂଗ ମାଷ୍ଟର ସାଜିଥାନ୍ତି । ଏପରିକି ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ, ମହାବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନ ମାନଙ୍କରେ ଅବାଧ ପ୍ରବେଶ କରି ଛାତ୍ର ସମାଜକୁ , ଦେଶର ଆଗାମୀ ଭବିଷ୍ୟକୁ ନଷ୍ଟ/ କୁପଥଗାମୀ କରାଇଥାନ୍ତି । ଶିକ୍ଷା ମନ୍ଦିରରେ କଳୁଷିତ ବାତାବରଣ ସୃଷ୍ଟି ହୋଇ କୋମଳ ମତି ଛାତ୍ର ଛାତ୍ର ମାନଙ୍କ ମଧରେ ଶୀତଳ ଲଢ଼େଇ ହୁଏ, ହଣା କଟା, ମରାମରି ବିଭିନ୍ନ ଅଘଟଣ ଘଟିଯାଏ । ଅନେକ ସମୟରେ ଦେଖା ଯାଇଛି , ରାଜନୀତିକ ନେତାଙ୍କ ପର୍ଯ୍ୟାୟରେ ଯେଉଁଠି ଏକତା ନାହିଁ, ନିର୍ଦ୍ଦିଷ୍ଟ ଆର୍ଦ୍ଦଶ ନାହିଁ , ସେଭଳି ରାଜନୀତିକ ନେତା ଦେଶକୁ ସୁଶାସନ ଦେବେ ବା କିପରି , ତାହା ଅନୁମେୟ କରାଯାଇ ପାରେ ।

(ଅବଶିଷ୍ଟାଂଶ ପୃଷ୍ଠା -୭ରେ)

# କୃତି ଓ ସ୍ୱୀକୃତି



ରାଜୀବ କୁମାର ଷଡଙ୍ଗୀ

ସ୍ୱାର, ଉପାଧି, ସମ୍ମାନ ଓ ସମ୍ବର୍ଦ୍ଧନା ସାହିତ୍ୟିକମାନଙ୍କୁ ଅଧିକ ସୃଷ୍ଟିଶୀଳ କରାଇବାରେ ପ୍ରେରଣା ଯୋଗାଇଥାଏ ଓ ସାମାଜିକ ଅଙ୍ଗୀକାରବଦ୍ଧତାକୁ ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ। ପ୍ରତ୍ୟେକ ସାହିତ୍ୟିକଙ୍କର ମନୋବଳ ଦୃଢ଼ କରିବାରେ ସାହିତ୍ୟ ସଂଗଠନମାନଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର ତଥା ସମ୍ମାନ ପ୍ରଦାନ ବ୍ୟବସ୍ଥାର ଭୂମିକା ଅତୁଳନୀୟ। କିନ୍ତୁ ଅତ୍ୟନ୍ତ କ୍ଷୋଭ ତଥା ଦୁଃଖର କଥା ଯେ, ସାହିତ୍ୟର ବିକାଶ ପାଇଁ ମୁଖ୍ୟ ଭୂମିକା ନେଇଥିବା ଏଇ ସଂଗଠନମାନଙ୍କର ପୁରସ୍କାର ତଥା ସମ୍ମାନ ପ୍ରଦାନ ବ୍ୟବସ୍ଥା ସମୟକ୍ରମେ ପଥଭ୍ରଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। କୃତିକୁ ସ୍ୱୀକୃତି ମିଳିବା ବଦଳରେ ବ୍ୟକ୍ତିକୁ ସ୍ୱୀକୃତି ଅଧିକ ମିଳୁଥିବାର ପରିଲକ୍ଷିତ ହେଉଛି। ଫଳରେ ଆଜିକାଲି ସ୍ରଷ୍ଟାର କୃତି ଯେତିକି ନଥିବ, ତା ତୁଳନାରେ ତାକୁ ଢେର୍ ଅଧିକ ସ୍ୱୀକୃତି ମିଳୁଥିବାର ନଜିର୍ ବି କମ୍ ନାହିଁ। ଯେମିତି ଦେଉଳଠାରୁ ଦେଉଳର ମୁଖଶାଳାର ବିଶାଳତା ପରି ଅବସ୍ଥା। ପୁରସ୍କାର ପାଇବା ପାଇଁ ଅନେକ ଆଶାୟୀ ସ୍ରଷ୍ଟା କେବେ ଟିକେ ଚିନ୍ତା ବି କରୁନାହାନ୍ତି ଯେ, ଯେଉଁ ପୁରସ୍କାର ପାଇବାକୁ ମୁଁ ଆଶାୟୀ, ସେଥିପାଇଁ କେତେଦୂର ଯୋଗ୍ୟ ହୋଇପାରିଛି। ବାଣୀଭଣ୍ଡାରକୁ ମୋର ଦାନର ପରିମାଣ କେତେ ଏବଂ ସେସବୁ କେତେ ଉଚ୍ଚକୋଟୀର। ଏପରି ଚିନ୍ତାଧାରାର ଅଭାବ ଫଳରେ ଅବସ୍ଥା ଏପରି ହୋଇଛି ଯେ, ବାରାଙ୍ଗନାମାନେ ଉପରେ ପଡ଼ି ପ୍ରେମନିବେଦନ କଲାପରି ଅନେକ ସ୍ରଷ୍ଟା ଅତି ନିର୍ଲଜ୍ଜଭାବେ ପୁରସ୍କାର ପାଇବା ପାଇଁ ନାନାପ୍ରକାର ଅସଦୁପାୟ ଅବଲମ୍ବନ କରୁଛନ୍ତି।

ଏପରି ହେବାର ଦୁଇଟି କାରଣ ରହିଛି। ଗୋଟିଏ କାରଣ ହେଉଛି ସାହିତ୍ୟିକମାନଙ୍କର ପୁରସ୍କାର ତଥା ସମ୍ମାନ ଲାଭର ଲାଳସା ଏବଂ ଅନ୍ୟ କାରଣଟି ହେଉଛି ସଂଗଠକମାନଙ୍କର ସ୍ୱାର୍ଥାନ୍ୱେଷୀ ମନୋଭାବ। ପୁରସ୍କାର ଓ ସମ୍ମାନ ବ୍ୟକ୍ତିର ଅନ୍ତର୍ନିହିତ ପ୍ରତିଭାର ମୂଲ୍ୟାୟନ କରିବା ବଦଳରେ ପଦବୀ ଓ ପ୍ରତିଷ୍ଠାର ମୂଲ୍ୟାୟନ କରି ପ୍ରଦାନ କରାଯାଉଛି। ବେଳେ ବେଳେ ଯୋଗ୍ୟତା ନଥାଇ ବି ବ୍ୟକ୍ତି ପୁରସ୍କୃତ ହେଉଛନ୍ତି। ଖାଲି ସେତିକି ନୁହେଁ, କୃତିତ୍ୱ ନଥିବା ବ୍ୟକ୍ତି ମଧ ନାନା ଉପାଧିରେ ଭୂଷିତ ହେଉଛନ୍ତି। ବର୍ଷାଦିନରେ ଛତୁ ଫୁଟିଲା ପରି ପୁରସ୍କାର ଓ ସମ୍ମାନ ପ୍ରଦାନ କରୁଥିବା ସଂସ୍ଥାମାନଙ୍କ ସଂଖ୍ୟା ଦିନକୁ ଦିନ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କିଛି ସଂସ୍ଥା କାର୍ଯ୍ୟାଳୟ ଖୋଲି ସମ୍ମାନ ଓ ପୁରସ୍କାର ସହ ଉପାଧି ବିକ୍ରୟ କରିବାରେ ଲାଗିପଡ଼ିଛନ୍ତି। ଯାହା ଫଳରେ ସାହିତ୍ୟର ଲାଭ ହେଉ କି ନ ହେଉ, ସାହିତ୍ୟକୁ ନେଇ ସେମାନଙ୍କର ବେପାର ବେଶ୍ ଜମୁଛି। ପ୍ରତିଦିନ ସେମାନେ ବିଭିନ୍ନ ସୂତ୍ରରୁ ଲେଖକମାନଙ୍କର ଠିକଣା ସଂଗ୍ରହ କରି ଚିଠି ମାଧମରେ ପୁରସ୍କାର ଓ ସମ୍ମାନ ପାଇଁ ନିବେଦନପତ୍ର ଡାକଯୋଗେ ପଠେଇବା ସହ, କେଉଁ ପୁରସ୍କାର ଓ ସମ୍ମାନ ପାଇଁ କେତେ ଅର୍ଥ ଦେବାକୁ ପଡ଼ିବ, ତାହାର ଏକ ଲମ୍ୱା ତାଲିକା ମଧ ସେଥିରେ ଉଲ୍ଲେଖ କରୁଛନ୍ତି।

ଏକଦା ଏକ ବିରାଟ(?) ସାହିତ୍ୟ କାର୍ଯ୍ୟକ୍ରମକୁ ଯିବାର ସୌଭାଗ୍ୟ(?) ହାସଲ କରିଥିଲି। ସେଠାରେ ପହଞ୍ଚି ଦେଖିଲି ପୁରସ୍କାର ଓ ସମ୍ମାନ ପାଇବା ପାଇଁ ଆସିଥିବା ଲେଖକମାନେ ଧାଡ଼ିବାନ୍ଧି ଠିଆ ହୋଇ ନାମ ପଞ୍ଜୀକରଣରେ ଲାଗିପଡ଼ିଛନ୍ତି। ଖବର ନେଇ ଜାଣିଲି ନାମ ପଞ୍ଜୀକରଣ ବାହାନାରେ ଅର୍ଥ ଆଦାୟ କରାଯାଉଛି। ବେଶୀ ଦୁଃଖ ଲାଗିବା ସହ ଲଜ୍ଜାରେ ମୁହଁ ତଳକୁ ହୋଇଗଲା, ଯେତେବେଳେ ଦେଖିଲି ଡାକବାଜି ଯନ୍ତ୍ରରେ ପୁରସ୍କାର ଓ ସମ୍ମାନ ପାଇଁ ନାମ ଡକାଯିବା ସହ ଖୁଲମ୍‌ଖୁଲା ଅର୍ଥ ପ୍ରଦାନ କରିବା ପାଇଁ ଘୋଷଣା କରାଯାଉଛି। ସେହି ସଭାରେ ଅର୍ଥ ବଦଳରେ ପୁରସ୍କାର ନେବା ପାଇଁ ଜମା ହୋଇଥିବା ଲୋକଙ୍କ ସଂଖ୍ୟା ବହୁତ ଥିଲା। ପ୍ରତିଭାମାନଙ୍କର ବିକାଶ ପାଇଁ ନୁହେଁ, ବରଂ ବିନାଶ ପାଇଁ ସେ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିବାର ସ୍ପଷ୍ଟ ଜଣାପଡୁଥିଲା।

ଏହି ପରିପ୍ରେକ୍ଷୀରେ ସଚ୍ଚା ସାହିତ୍ୟିକମାନେ ସଚେତନ ତଥା ସାବଧାନ ହେବା ଏବେ ନିହାତି ଜରୁରୀ ହୋଇପଡ଼ିଛି। କାରଣ ପ୍ରକୃତ ସାହିତ୍ୟସ୍ରଷ୍ଟା ସମାଜରୁ କେବେ ପୁରସ୍କାର କିମ୍ୱା ଅନ୍ୟ କିଛି ପାଇବା ପାଇଁ ଲେଖିନଥାଏ, ବରଂ ଲେଖିଥାଏ ସମାଜକୁ କିଛି ଦେବା ପାଇଁ। ସ୍ରଷ୍ଟାର ସୃଷ୍ଟି ଯଦି ରୁଚିଶୀଳ ପାଠକ ମହଲରେ ବିପୁଳ ଆଦୃତି ଲାଭ କରିପାରେ, ସ୍ରଷ୍ଟାର ସୃଷ୍ଟି ଯଦି ସମାଜକୁ ସୁଧାରିବାରେ ପ୍ରଭାବଶାଳୀ ଭୂମିକା ନିର୍ବାହ କରିପାରେ; ତା'ଠାରୁ ଆଉ ବଡ଼ ପୁରସ୍କାର ସ୍ରଷ୍ଟା ପାଇଁ କ'ଣ ଅଛି? ଏଇ ଆତ୍ମବିଶ୍ୱାସ ରଖି ଲେଖିଚାଲିଥିବା ସାହିତ୍ୟିକ ପାଇଁ ପୁରସ୍କାର କେବେ ସଫଳତାର ମାପକାଠି ହୋଇନପାରେ। ଅତୀତରୁ ଏଯାବତ୍ ଲକ୍ଷ୍ୟ କଲେ ବୁଝିହେବ ଯେ, ଆମ ଓଡ଼ିଆ ସାହିତ୍ୟିକଙ୍କଠାରୁ ଆରମ୍ଭ କରି ବିଶ୍ୱର ବହୁ ବଡ଼ ବଡ଼ ସାହିତ୍ୟିକ ସେଭଳି ମର୍ଯ୍ୟାଦାଜନକ ପୁରସ୍କାର ପାଇନଥିଲେ ହେଁ, କାଳ କାଳ ଧରି ଅମର ରହିଆସିଛନ୍ତି ଓ ରହିବେ ମଧ। ଅନ୍ୟ ପୁରସ୍କୃତ ସାହିତ୍ୟିକଙ୍କ କୃତିଠାରୁ ସେମାନଙ୍କ କୃତି ଅନେକ ଉଚ୍ଚକୋଟୀର ତଥା କାଳଜୟୀ ବୋଲି ସାବ୍ୟସ୍ତ ହୋଇପାରିଛି। ଅତଏବ, ପୁରସ୍କାର ଯେ ସ୍ରଷ୍ଟାକୁ କିମ୍ୱା ତା'ର ସୃଷ୍ଟିକୁ ଅଧିକ ଉଚ୍ଚାସନ ଦିଏ ତଥା ଅଧିକ ଯଶସ୍ୱୀ କରାଏ; ଏହା ନିହାତି ଏକ ଭ୍ରମ ଧାରଣା ବ୍ୟତୀତ ଆଉ କ'ଣ ହୋଇପାରେ? ଅତଏବ, ପୁରସ୍କାରର ମାୟାରେ ବାୟା ନହେବା ହିଁ ସଚ୍ଚା ସାହିତ୍ୟିକମାନଙ୍କ ପକ୍ଷରେ ଉଚିତ ନୁହେଁ କି?


ଫ୍ରିଲାନ୍ସ ଜର୍ଣ୍ଣାଲିଷ୍ଟ, ରାମେଶ୍ୱର,
କଟକ-୭୫୪୨୦୧
ମୋ: ୯୪୩୯୭୩୫୩୧୧





## ଭାବନାର ଅନ୍ତରାଳେ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଲାଜୁଆ ଆକାଶେ ବେପଥୁ ସ୍ପନ୍ଦନ
ଜୋଛନା ଯାଇଛି ହଜି
ପ୍ରଣୟ ନଦୀର ପ୍ରିତି ନଈଧାରେ
ଅମାନିଆ ମନ ଆଜି ।

ଅଳପ ଶବ୍ଦର ମିଠା ମିଠା ଗନ୍ଧ
ଭିଜାଭିଜା ମାଟି ଗନ୍ଧେ
ପିରତୀ ପିଆଲା ଧରି ମଧୁରାତ୍ରୀ
ମନ ଭାବନାରେ ବାନ୍ଧେ ।

ମୁରୁକି ହସଇ ଅଳସୀ ସକାଳ
ରାତ୍ରି କୋମଳତା ଦେଖି
ମନ ସିନ୍ଧୁକର ସ୍ମୃତି ଫରୁଆରେ
ସାଥିକୁ ସାଇତି ରଖି ॥

ନବ କିଶଳୟେ ପାଦପ ଜୁଡାରେ
ସଦ୍ୟ ପୁଷ୍ପ ଧିରେ ହସେ
ବୟସ ସଂଜ୍ଞାରେ ଜହ୍ନର ପରସ
ଶୀତୁଆ ମଳୟ ସ୍ପର୍ଶେ ॥

ରାତ୍ରିର ନୀରବ ନିଳ କଜଳରେ
ସଂଜ କୁହେ ନୁଆ କିଛି
ଭାବପ୍ରେମେ ଜୁଡୁବୁଡୁ ହୋଇ ଭ୍ରମେ
ଫୁଲେ ଫୁଲେ ମହୁମାଛି ॥

ତନ୍ଦ୍ରା ଭିଜା ଦୁଇ ନୟନରେ ଅଙ୍କା
ତୁମ ଛବି କୁହେ ଝୁଲି
ନିଷି ଆଢୁଆଳେ ଅନ୍ଧାର ଚମକେ
ତୁମର ଅପେକ୍ଷା ଖାଲି ॥

ମଧୁ ଚନ୍ଦ୍ରିକାର ମଧୁର ଲଗନେ
ସପନ ପିୟାସୀ ମନ
ଶବ୍ଦକୁ ସଜେଇ ନିଜର ପ୍ରେମରେ
କଇଁ କୁ ଚାହିଁଛି ଜହ୍ନ ॥

ହୃଦୟ ବୀଣାରେ ପ୍ରଣୟ ଝଙ୍କାର
ଅଧରେ ଅଧୁରା ଆଶା
ଅନାବିଳ ପ୍ରେମ ଅକୁହା ଦରଦ
ଅକୁହା ପ୍ରେମର ଭାଷା ॥

ଅନିନ୍ଦ୍ୟ ପ୍ରେମର ଅନାସକ୍ତ ଇଚ୍ଛା
ନିଃଶବ୍ଦ ସେ ପଦଧ୍ୱନି
ଅଶିଣ ସଂନ୍ଧ୍ୟାରେ ଆହ୍ଲାଦିତ ହୁଏ
ମୋହଗ୍ରସ୍ତ ସଂମୋହିନି ॥


ନୟାଗଡ଼
ମୋ: ୯୪୩୭୬୪୨୯୪୭


## ତୁ ଆଉ ମୁଁ

ଜନ୍ମଜୟ ନାୟକ

ତୁ ଦୁଷ୍ଟ ଫଗୁଣର ପହିଲି ଚିଠି,
ମୁଁ, ତୋର ପ୍ରତୀକ୍ଷାରେ ବିତାଏ ରାତି।

ତୁ ଲାଜେଇ ଗୋଲାପ ମଉନାବତୀ,
ମୁଁ, ଚଗଲା ଭଅଁର
ଖୋଜେ ତୋ ପ୍ରୀତି।

ତୁ ସପନ ରାଇଜେ ଫୁଲେଇ ରାଣୀ,
ମୁଁ, ଅଧାଲେଖା
ଗୋଟେ ପ୍ରେମକାହାଣୀ।

ତୁ ପୀରତି ପ୍ରଦୀପ ଅନ୍ଧାର ଘରେ,
ମୁଁ, ଉଆଁସ ରାତିରେ
ତୋତେ ହିଁ ଝୁରେ।

ତୁ ମଧୁଝରା ରାତି ଜହ୍ନ ଜୋଛନା,
ମୁଁ, ବିରହେ ଭିଜଇ ତୋ ପ୍ରେମ ବିନା।


ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ: ୯୩୩୭୮୦୦୫୬୫


## ମଣିଷ ଭାଇ

ଲୋକନାଥ ମହାପାତ୍ର

ମଣିଷ ଭାଇରେ ମଣିଷ ଭାଇ
ମଣିଷ ପଣିଆ ଛାଡ଼ିବୁ ନାହିଁ ।

ମଣିଷ ପଣିଆ ଛାଡିଲେ ତୁହି
ପଶୁଠାରୁ ଭିନ୍ନ ନୁହଁରେ ଭାଇ।

ଦୟା କ୍ଷମା ଆଉ ପରୋପକାର
ପରିଚୟ ଅଟେ ମନୁଷ୍ୟତାର ।

ପଶୁତା ଅଟଇ ସ୍ୱାର୍ଥପରତା
କର ସଦା ଭାଇ ନିଃସ୍ୱାର୍ଥ ସେବା।

ମଣିଷ ଜୀବନ ପାଣି ଫୋଟକା
ଆସିଥିଲୁ ଏକା ଯିବୁରେ ଏକା ।

ସାଙ୍ଗ ସାଥି କିଏ ଯିବେନି ସଙ୍ଗେ
ଏକା ଧର୍ମ ଯାହା ଯିବ ତୋ ସଙ୍ଗେ।

ପରୋପକାର ସମ ଧରମ ନାହିଁ
ପରପୀଡା ମହା ପାପ ଅଟେଇ।

ତେଣୁ କାହାର ଅନିଷ୍ଟ ନ କରିବୁ
ସଦା ପରୋପକାରେ ବ୍ରତୀ ହେବୁ ।

କାହାର ମନେ କଷ୍ଟ ନ ଦେବୁ
ପର ଦୁଃଖ ତୁହି ବାଣ୍ଟିଣ ନେବୁ ।

ମଣିଷ ଜୀବନ ଅଟେ ଦୁର୍ଲଭ
ପରୋପକାରେ ତା'ହେବ ସାର୍ଥକ।


+ବ୍ରହ୍ମପୁର


## ପ୍ରଣୟିନୀ ନିରିମାଖି

ବେଣୁଧର ସୂତାର

ପ୍ରୀତି ପୁଲକର ଲହରି ଛନ୍ଦେ
ଚୋରା ଚଇତାଳି ମଳୟ ଗନ୍ଧେ
ଯାଦୁର ଚମକ ମାଖି
ନୟନ ତୀରେ ମୋ କୁହୁକ ଚିତ୍ର
ପ୍ରୀତି ସମ୍ମୋହନେ ଶିହରେ ଗାତ୍ର
ସପନ ଭରା ଏ ଆଖି ।
ନୀଳ ଆକାଶର ଜ୍ୟୋସ୍ନା ଲହରି
ମଲ୍ଲୀକା ମହଲ ସୁରଭି ହରି
ବୟସୀ ଜୋଛନା ରାତି
ଉତ୍ତାଳ ମୋର ଏ ମାନସ ପଟେ
ପୁଲକିତ ତନୁ ଚହଲି ଉଠେ
ରଙ୍ଗିଲା ଫଗୁଣ ପ୍ରୀତି ।
ଗୋଧୂଳି ରଙ୍ଗର ଗୋଲାପୀ ଓଠେ
ମିଠା ସପନର ତଟିନୀ ତଟେ
ପ୍ରୀତିଫୁଲ ଚାରୁ ହସେ
ଚହଲାଇ ଦିଏ ତାରୁଣ୍ୟ ମନ
ମାତବରୀ ଏଇ ଚାରୁ ସପନ
କଳ୍ପିତ ପ୍ରଣୟ ରାସେ ।
ଅନୁଢ଼ା ବୟସ ଅଳସ ଆଖି
ପ୍ରଣୟର ଭାଷା ଦେଉଛି ଲେଖି
ନୀଳରାତି ନୀଳ ପ୍ରୀତି
ରୂପ ମାଧୁରୀ ମୁଁ ରମଣୀ ରମ୍ୟା
ଲଳିତ ଲଲାମ ତନୁଶ୍ରୀ ସୌମ୍ୟା
ନିଶିଥର ଫୁଲମତୀ ।
ଅମୃତ ପ୍ରେମର ବିମୁଗ୍ଧ ଧାରା
ଅନୁରାଗ ବୋଳା ପ୍ରୀତିପସରା
ପ୍ରୀତିମୟ ସୁଧା ପାତ୍ରେ
ପ୍ରେମ ପ୍ରତିଶ୍ରୁତି ପ୍ରଣୟ ଗୀତି
ମଧୁ ଯୌବନର ମୋହନ ସ୍ମୃତି
ମୋ ହୃଦୟ ମାନଚିତ୍ରେ ।
ପ୍ରୀତି ବିଭାବରୀ ଜୋଛନା ଫାଙ୍କେ
ପ୍ରେମ ପ୍ରଣୟର ସପନ ଆଙ୍କେ
ଉନ୍ମାଦନା ଭରେ ଅଙ୍ଗେ
ରୋମାଞ୍ଚିତ ତନୁ ତନ୍ମୟ ମନ
ପ୍ରୀତ ଅନୁରଗୀ ନବ ଯୌବନ
ନବ ଅଭିସାର ରଙ୍ଗେ ।।
ଆସ ପ୍ରିୟତମ ଲୋଡ଼ଇ ଦାସୀ
ପ୍ରୀତିମୟ ହେଉ ନିବିଡ଼ ନିଶି
ପବିତ୍ର ବନ୍ଧନ ସାକ୍ଷୀ
ପ୍ରୀତିମଧୁ ଢାଳି ଅଧର ପାତ୍ରେ
ସପନେ ଝୁମିବା ନିଝୁମ୍ ରାତ୍ରେ
ମୁଁ ପ୍ରଣୟିନୀ ନିରିମାଖି ।
ସପନ କୁମାର ଆସ ମୋ ଆସ
ସପନେ ରଚିବା ଅମିୟ ରାସ
ଯାମିନୀ ଯାଉଛି ସରି
ଗୋପନ ପ୍ରୀତିର ସୁହାଗ ରାତି
ପ୍ରୀତିରେ ଲେଖିବା ମଧୁର ସ୍ମୃତି
ସାଜିବି ମୁଁ ଅଭିସାରୀ ।


+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ତୁମରି ନାଆଁରେ କବିତା

ନିରଞ୍ଜନ ସାହୁ

ତୁମରି ନାଆଁରେ କବିତା ଲେଖିଲେ
ତୁମେ ସିନା ଯାଅ ରୁଷି
ତୁମେ ବୁଝ ନାହିଁ ପାଠକେ ତା ପଢି
ହୋଇଥାନ୍ତି କେତେ ଖୁସି ।
କୃଷ୍ଣ ଭକ୍ତି ରସ କବିତା ଲେଖିଲେ
ତୁମେ ସାଜ ତହିଁ ରାଧା
ସବୁଜ କବିତା ପୃଷ୍ଠାରେ ଲାଗ ଗୋ
ତୁମେ ସତେ ଅଧା ଅଧା
ବ୍ୟଙ୍ଗ କବିତାର ଢଙ୍ଗରେ ତୁମେ ତ
ସତେ ମୋ ଗେହ୍ଲେଇ ପୁଷି ।
ଋତୁ ବର୍ଣ୍ଣନାରେ ତୁମେ ଋତୁମତୀ
ଲାଗୁଥାଅ ନୂଆ ନୂଆ
ସମାଲୋଚନାର କବିତା କାନଭାସେ
ତୁମେ ତ ଡାମରା କୁଆ
ବିପ୍ଳବ କବିତା ଦେହେ ବିପ୍ଳବିନୀ
ଖଡ୍ଗ ଧରି ଦିଅ ଭୁସି ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## କି ଲୀଳା ଲାଗିଛି ଅଣାକାର ଘରେ

### ଡ. ହରିଶ୍ଚନ୍ଦ୍ର ବେହେରା

କି ଲୀଳା ଲାଗିଛି ଅଣାକାର ଘରେ
କହରେ ମନୁଆ କହ
ଆକାଶ ଦୋହଲେ ବହେ ଅନଚାଶ
ସବୁଠାରେ ଘୋ ଘୋ ।

ନିଶବଦ ଘରୁ ଶବଦ ଶୁଭୁଛି
ଶୁନ୍ୟରେ ବାଜୁଛି ବୀଣା
ଠୁଳ ତ୍ରିକୁଟ ରେ ଲୟ ନ ରଖିଲେ
ହୋଇ ଯିବୁ ବାଟ ବଣା
ପିଣ୍ଡରେ ଖେଳୁଛି ଅବନା ବ୍ରହ୍ମାଣ୍ଡ
ଶୁଭୁଅଛି ଗହ ଗହ ।

ଉଁଚା ପର୍ବତରେ ନାଚୁଛି ଶବରୀ
ମୁଣ୍ଡରେ ମୟୂର ଚୂଳ
ଗଳାରେ ବାନ୍ଧିଛି ଗୁଞ୍ଜରା ମାଳୀ ଲୋ
ଗଭାରେ କୋରୁହାଁ ଫୁଲ
କେଉଁ ନାଗର ସେ ଆସିବ କହ ଲୋ
ଦେହ ବାସେ ମହ ମହ ।

ଭଉଁରୀ ଭିତରେ ନାଆ ଟଳ ମଳ
ଉଜାଣି ଖାଉଛି କୂଳ
କାତ ମାରୁଅଛି ନାଉରୀ ବାପୁଡ଼ା
ପାଉନାହିଁ ଥଳ କୂଳ
ନଈ ଆରପଟେ କିଏ ଯାଉଛ ହୋ
ଯିବା ସାଥି ହୋଇ ରୁହ ।

♥କଲ୍ୟାଣ ନଗର, ବାଲେଶ୍ୱର -୧
ମୋ : ୯୪୩୭୮୧୩୭୦୮



## ସମୟର ଚକ ଗଡୁଥାଏ

### ପ୍ର. ଗିରିଜା ଶଂକର ଶର୍ମା

ଘରର ଅର୍ଗଳି ଡେଇଁ
ଫେରି ଯାଉଛି ଉଦାସ ଅପରାହ୍ନ
ଆକାଶର ଧଳା ମେଘ
ପଳାତକ ଅପରାଧି ପରି
ଚାଲିଯାଉଛି ଦୂରକୁ ଦୂରକୁ
ବଗିଚାର ଫୁଲମାନେ ବି କ୍ରୁର
ପବନକୁ ବିତରୁ ନାହାନ୍ତି ସୁବାସ ।
କ୍ଲାନ୍ତ ପକ୍ଷୀମାନେ ଫେରିଛନ୍ତି ନୀଡ଼କୁ
କିଛି ସମୟ ବିଶ୍ରାମ ନେବାପାଇଁ ।

ଦୂର ଦିଗ୍‌ବଳୟରେ ଯବନୀକା ପକାଇ
ପ୍ରସ୍ତୁତ ହେଉଛନ୍ତି ମଂଚକୁ ଓହ୍ଲେଇବା ପାଇଁ
ତାରକିତ ରାତି, ରୂପା ଜହ୍ନ ଓ ଜ୍ୟୋଛନା ।
କିଛି ସମୟ ପରେ
ମଂଚ ଅନ୍ଧାର ହେବ ।
ମଂଚ ଉପରକୁ ଉଠି ଆସିବେ ସେମାନେ ।
ତାରା ଭର୍ତ୍ତି ଆକାଶ
ଉପରୁ ଦେଖିବ
ପୃଥିବୀର ବଦଳି ଯାଇଥିବା ଦୃଶ୍ୟ ।
ଜହ୍ନର ତୋଫା ଆଲୁଅରେ
ହସି ଉଠୁଥିବ ଧରଣୀ ରାଣୀର
ଧଳା ଫରଫର ପାଟ ଶାଢ଼ୀ
କେଉଁଠି ବି ନଥିବ ଅବଶୋଷ କି
ହତାଶାର ଚିହ୍ନଟିଏ ।

ଜୀବନ ଯେତେଯେତେ ଆଗକୁ ବଢୁଥାଏ ।
ସେତେସେତେ ଆଶା ଓ ନୀରାଶା
ପାଳି କରି ଆସେ ।
ଆମ ଚେହେରାରେ
ଛାପ ଛାଡ଼ି ଯାଏ ସମୟର ଚକ
କିନ୍ତୁ ସେ ତା ରାସ୍ତାରେ
ଗଡୁଥାଏ ଯେ ଗଡୁଥାଏ ।

♥ସୋନାପାଲି, ଧାନକଉଡ଼ା
ସଂବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ଆଇନା

### ଝରଣା ବାରିକ

ଆଇନା କୁ ଦିନେ ପଚାରିଲି ଯାଇ
କେତେ ତୁ ଫୁଲେଇ ହେଉଛୁ,
ତୋ ଆଗରେ ଯେବେ ଠିଆ ମୁଁ ହେଉଛି
ଚେହେରା ଦେଖେଇ ଦେଉଛୁ ।

ତୋ ରୂପ କୁ କାହିଁ ଦେଖି ମୁଁ ପାରୁନି
ତୋତେ ତୁ ଦେଇଛୁ ଲୁଚେଇ,
ତତେ ଯିଏ ଦେଖେ ପରଖି ନିରେଖି
ତା' ରୂପକୁ ଦେଉଚୁ ସୂଚେଇ ।

କେତେ ପରିଷ୍କାର ସଭିଏଁ ହୁଅନ୍ତି
ତୋ ଆଗରେ ଠିଆ ହୋଇକି,
ହୃଦୟଟା ଏଠି କଳଙ୍କି ଲାଗୁଛି
ଦେଖି ପାରୁନାହୁଁ ବୋଲିକି ।

ମନ ଆଇନା ଟା ଅନ୍ଧାର ରେ ଅଛି
ଦିଶୁନି କାହାରି ଆଖିକି,
ସେଥିପାଇଁ ବୋଧେ ମନ ମଧେ ମଳି
ଜମା ହୋଇ ଅଛି ବେଶୀକି ।

ଚେହେରା ଚମକ ଆଖିକୁ ସୁନ୍ଦର
ମନ ଚମକଇ ପୁଣ୍ୟରେ,
ହୃଦୟଟା ଆମ ଝଲସି ଉଠିବ
ପିତା ମାତାଙ୍କର ସେବାରେ ।

ଆଇନା ଲୋ ତତେ ରାଣ ମୋ ରହିଲା
ଦେଖେଇବୁ ନାହିଁ ଚେହେରା,
ସଭିଙ୍କ ହୃଦୟ ତୋ ଆଖିରେ ଦିଶୁ
କରିବେନି କେହି ନଖରା ।

ସମଲ, ତାଳଚେର, ଅନୁଗୋଳ
ମୋ: ୯୫୫୬୮୪୬୯୩୨

## ନଈ ସେପାରି

### ଅଧ୍ୟାପକ ଶରତ କୁମାର ଦାସ

ମାଟିକୁ ଛୁଉଁଥିଲା ଦିଗନ୍ତର ଦୃଶ୍ୟ
ଝାପ୍ସା ଦିଶୁଥିଲା ଚିତ୍ର କଳାମେଘର ସ୍ୱର୍ଶରେ,
ଆଲିଙ୍ଗନ କରୁଥିଲା କଳାଛାଇ ସତେ
ତା' ପଂଝାକୁ ମେଲେଇ ।

ଆଗରେ ମୃତବତ୍ ଶୋଇରହିଥିଲା
ଇଚ୍ଛାମାନଙ୍କର ଏକ ଅସଂଲଗ୍ନ ରାଜପଥ
ଖୁବ୍ ସନ୍ତର୍ପଣେ ।

ଗୁମସୁମ୍ ଲାଗୁଥିଲା ନଈର ଦାଢରେ
ଖିଲି ଖିଲି ହସୁଥିବା ଜହ୍ନର ଗାଆଁ
ଝାଉଁଳି ପଡିଥିଲା ଝାଉଁବଣ ନୀରବରେ
କେଉଁ ନିର୍ମମ ଅବସୋସରେ ।

ବାଉଳା ପବନ ଲେଖୁଥିଲା ବସି
ତା' ରିକ୍ତ ପାପୁଲିରେ ନୂଆ ଏକ
ଅସମାପ୍ତ ଯୁଦ୍ଧର ଅନ୍ତହୀନ ଇତିହାସ ।

ପ୍ରଜାପତିର ଡେଣାରେ ଲାଖିଥିଲା
ଧୂଆଁଳିଆ ଅସ୍ପଷ୍ଟ ରଙ୍ଗର ଦାଗ
ଲଟକିଯାଇଥିଲା ଅପ୍ରାପ୍ତିର ଅସୁମାରି ତୃଷ୍ଣା
ସମୟର ଶୃଙ୍ଖଳା ଓଠରେ ।

ପିଟିହେଉଥିଲେ ମୁମୂର୍ଷୁ ସ୍ୱପ୍ନ ସବୁ
ପାହାଡର ଫୁଙ୍ଗୁଳା ମଥାରେ ,
ସମୁଦ୍ର ଗଢୁଥିଲା ପୁଣି ଭାଙ୍ଗୁଥିଲା ନୀଡ
ମରୁର ଧୂସର ଛାତିରେ ।

କ୍ଷତବିକ୍ଷତ ହୋଇ ଚିତ୍କାର କରୁଥିଲା
ବାୟା ଚଢେଇ ମହାଶୂନ୍ୟରେ
ଝରଝର ଝରୁଥିଲା ରକ୍ତ ବିନ୍ଦୁ
ତା' ପଂଜରା ହାଡରୁ
ଅଦିନ ଝଡର ଅତର୍କିତ ଆକ୍ରମଣରେ ।

ଆଉଟିପାଉଟି ହେଉଥିଲା ବିଷାକ୍ତ ଅଜଗର
ଅୟୁତ ଦିନର ଆରଣ୍ୟକ କ୍ଷୁଧାରେ
ଗର୍ଜନକରୁଥିଲା ଅନେକ
ହିଂସ୍ରତାକୁ ଲାଉକରି ତୀବ୍ର ପ୍ରତିଶୋଧରେ ।

ଲୁଚକାଳି ଖେଳୁଥିଲେ ତାରାମାନେ
ବାଦଲ ଫାଙ୍କର ଛାଇ ଆଲୁଅରେ,
ଜହ୍ନ ଢାଳୁଥିଲା ଲୁହ ଅନ୍ଧରାକୁ ପିଠି କରି
କେଉଁ ଏକ ଶୂନ୍ୟ ଆବେଗରେ ।

ଫୁଟା ଡଙ୍ଗାରେ ବସି
ମୁଁ ଆହୁଲା ମାରୁଥିଲି ନିରୋଳାରେ
ଏ କୂଳରୁ ସେ କୂଳ ଉଛୁଳା ପାଣିରେ
ସ୍ପଷ୍ଟ ଦେଖୁଥିଲି ପ୍ରଳୟର ନଗ୍ନ ମାନଚିତ୍ର
କୁମ୍ଭୀରର ଭୟଙ୍କର ଆଁରେ ।

ଫେରିବାକୁ ଚାହୁଁଥିଲେ ବି ପାରୁନଥିଲି ମୁଁ
ବନ୍ଦ ଥିଲା ସବୁଯାକ ବାଟ
ଖାଲି ଯାହା ଶୁଭୁଥିଲା ବିକଟାଳ ଶବ୍ଦ
ନିଶାର୍ଦ୍ଧରେ ନଈ ସେପାରିରୁ ।

♥ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ମୋର ଆଖିରେ ସପନ ନାହିଁ...

### ତାରାପ୍ରସାଦ ଜେନା

ମୋର ଆଖିରେ ସପନ ନାହିଁ
ହୋଇଯା' ସପନ ମୋଟ
ମୋର ମଥାରେ ଟିକିଲି ନାହିଁ
ହୋଇ ଯା' ଟିକିଲି ଛୋଟ
....ମୋର ଆଖିରେ ସପନ ନାହିଁ
ହୋଇଯା' ସପନ ମୋଟ !

ମୋର ମୁହଁରେ ହସଟେ ନାହିଁ
ହୋଇଯା' ହସର ଫୁଲ
ମୋର ସ୍ନେହରେ ଭାଷାଟେ ନାହିଁ
ହୋଇଯା' ଭାଷାର ଗେଲ,
ମୋର ଦେହରେ ପାଟଟେ ନାହିଁ
ହୋଇଯା' ନାଲିଆ ପାଟ
.....ମୋର ଆଖିରେ ସପନ ନାହିଁ
ହୋଇଯା' ସପନ ମୋଟ !

ମୋର ଅଣ୍ଟାରେ ସୂତାଟେ ନାହିଁ
ହୋଇଯା' ଅଣ୍ଟାର ସୂତା
ମୋର କାଞ୍ଚୁଲି ଫିତାଟେ ନାହିଁ
ହୋଇଯା' ରେଶମୀ ଫିତା,
ମୋର ବେଣୀରେ ରିବନ୍ ନାହିଁ
ହୋଇଯା' ରିବନ୍ ଛିଟ
....ମୋର ଆଖିରେ ସପନ ନାହିଁ
ହୋଇଯା' ସପନ ମୋଟ !

ମୋର ପାଦରେ ଝୁଣ୍ଟିଆ ନାହିଁ
ହୋଇଯା' ଝୁଣ୍ଟିଆ ହଳେ
ମୋର ଗଳାରେ ହାରଟେ ନାହିଁ
ହୋଇଯା' ହାରଟେ ଗଳେ,
ମୋର ମନରେ ଖୁସି ତ ନାହିଁ
ହୋଇଯା' ଖୁସିର ହାଟ
.....ମୋର ଆଖିରେ ସପନ ନାହିଁ
ହୋଇଯା' ସପନ ମୋଟ !

♥ରଣପୁର(ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର,
ଜିଲ୍ଲା-ନୟାଗଡ-୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦

## ଏମିତି ବିତିଯାଉ

### ଦୁଷ୍ମନ୍ତ ବେହେରା

ହଜାରେ ଟୋପା ଲୁହ ମୋର
ବହୁ ତ ମନରେ ପ୍ରିୟା ଦୁଃଖ ନରହୁ !!

ତ ଖୁସି ଦେଖି ଦେଖି ମୋ
ଜୀବନରାସ୍ତା ଏମିତି
ମୋ ସହରେ ବିତିଯାଉ!!

ତ ହସରେ ମୁଁ ଖୁସି ହେବି
ତୁ ଦୁଃଖ କଲେ ପ୍ରିୟା ମୁଁ ଭାଙ୍ଗି ପଡିବି !!

ତ ବାଟର ଯାତନା ମୋ
ଦରଦ କୋହକୁ ଏମିତି ଛବିରେ ବିତିଯାଉ !!

କ'ଣ ଲୁଚାଇ ରଖିବି
ମୁଁ ହତ ଭାଗାଟିଏ ତ ପ୍ରେମରେ !!

ମନ ଭିଜୁ ନାହିଁ ତ ଅତୀତ
ବାଟରେ ଶରୀର ଯାଏ ଭିଜି ସମୟ ଥିଲେ ..

ଦେଖି ଆସିବ ଶବ ଥିବ ତୁମକୁ ଚାହିଁ ......

♥ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ : ୯୯୩୭୬୫୨୫୦୩

## ଜନ୍ମ ଓ ମୃତ୍ୟୁର ମଝି ରାସ୍ତା

### ଅକ୍ଷୟ କୁମାର ରାଉତ

ଜନ୍ମ ଓ ମୃତ୍ୟୁର ମଝି ରାସ୍ତା ହିଁ ଜୀବନ
ଏଇ ମଝି ରାସ୍ତାରେ କିଏ ଭଲ କାମ କରି
ସୁନାମ ଅର୍ଜନ କରେ
ଆଉ କିଏ କୁକର୍ମ କରି ଦୁର୍ନାମ
ଲୋକେ ସଭିଙ୍କୁ ମନେ ରଖନ୍ତି
ଜଣେ ସମ୍ମାନର ଅଧିକାରୀ
ଅନ୍ୟ ଜଣେ ତିରସ୍କାରର
ଆରମ୍ଭ ମାତ୍ରେ କେ ଶେଷ ନିଶ୍ଚିତ
ଜନ୍ମର ଗନ୍ତବ୍ୟସ୍ଥଳ ହିଁ ତ ମୃତ୍ୟୁ ...।

ସବୁ ଜାଣି ମଧ୍ୟ ଆମେ ଏମିତି ବ୍ୟବହାର କରୁ
ସତେ ଯେମିତି ଆମେ ଚିରଞ୍ଜିବୀ
ପୁଣ୍ୟ ନକର ହେଲେ ପାପ ବି ତ ନକର
କିଛି ଆବଶ୍ୟକତା ନାହିଁ ପରୋପକାର କରି
ମହାନ ସାଜିବାକୁ
କିଏ ବାଧ କରୁଛି ନିଜ ପୁତ୍ର,
ଭାରିଯାକୁ ଅସହାୟ ଅବସ୍ଥାରେ ଛାଡ଼ି
ଗୋପବନ୍ଧୁ ସାଜିବାକୁ
ହେଲେ ସାହୁକାର ସାଜି
ଅନ୍ୟ ଜମି ହଡ଼ପ କରିବା ବନ୍ଦ ହେଉ
କାହା ମୁଖରେ ଆହାର ନଦେଲ ନାହିଁ
କାହା ମୁଖରୁ ଆହାର ତ ଛଡ଼ାଇ ନିଅନି....।

ରାମରାଜ୍ୟର ପରିକଳ୍ପନା କରିବାକୁ
କିଏ ମନା କରୁଛି
ହେଲେ ସୀତା ହରଣ ତ ବନ୍ଦ୍ ହେଉ
ସବୁ କଥା କେବଳ
ଧର୍ମ ଅଧର୍ମ ଭିତରେ ସୀମିତ ନୁହେଁ
ଶକୁନିର ପ୍ରରୋଚନାରେ ପାଣ୍ଡବ ମାନଙ୍କ
ବିଧ୍ୱଂଶର ଚିଠା ପ୍ରସ୍ତୁତ ହେଉଥିଲା ବେଳେ
ନୀରବ ଦ୍ରଷ୍ଟା ସାଜିଥିବା ଦ୍ରୋଣ, ଭୀଷ୍ମ, କର୍ଣ୍ଣ
କାଳେ ଧର୍ମ ଦ୍ୱାରା ପ୍ରତିଜ୍ଞା ବଦ୍ଧ ଥିଲେ
ଅଧର୍ମକୁ ପାଥେୟ କରି ଧର୍ମର ରକ୍ଷା କରିବା
ଯେତିକି ହାସ୍ୟାସ୍ପଦ ସେତିକି ତର୍କହିନ ନୁହେଁ କି
କେହିତ ବାଧ କରୁନଥିଲେ
ପାଣ୍ଡବ ସପକ୍ଷରେ ଯୁଦ୍ଧ କରିବାକୁ !
ହେଲେ ଅଧର୍ମ କୌରବଙ୍କ ସପକ୍ଷରେ
ଯୁଦ୍ଧ କରିବା ଉଚିତ୍ ଥିଲା କି !

ନିଜର ବିଚାରଧାରାକୁ
ଅନ୍ୟ ଉପରେ ଲଦିବା କେତେଦୂର ଠିକ୍
କିଏ କାହାକୁ ଭଲ ପାଇବ
କିଏ କାହାକୁ ବିବାହ କରିବ
କିଏ କଣ ଖାଇବ ଏହାର ନିଷ୍ପତି ନେବାକୁ
ତୁମକୁ କିଏ ଅଧିକାର ଦେଲା !
ତୁମେ ଶାସକ ହୋଇପାର
ହେଲେ ମାଲିକ ନୁହେଁ
ତୁମେ ପ୍ରଭାବଶାଳୀ ହୋଇପାର
ହଲେ ତୁମେ ଈଶ୍ୱର ନୁହେଁ ।
ସବୁ ମଣିଷଙ୍କ ଭଳି ତୁମ ଜୀବନର
ଗନ୍ତବ୍ୟ ସ୍ଥଳ ମଧ୍ୟ ସେଇ ମଶାଣୀ
ହୁଏତ ଗରିବର ଶବ ଶିମୁଳି କିମ୍ବା
ଚାକୁଣ୍ଡା କାଠର ଜୁଇରେ ଜଳିବ
ତୁମର ଶବ ହୁଏତ ଶାଳ, ଶାଗୁଆନ
କାଠରେ ଗୁଆ ଘିଅ ଦେଇ ଜଳିବ
ହେଲେ ପାଉଁଶ ହୋଇ ମାଟିରେ ସଭିଁଏ ମିଶିବେ
ନା ରହିବ ମାନ
ନା ରହିବ ଧନ
ରହିବ କେବଳ କର୍ମର ବିଜୟ ଧ୍ୱଜ ।

♥ନୂଆଦିଲ୍ଲୀ
ମୋ: ୯୭୧୧୦୬୯୪୨୫

## ଦୂର ଅଥଚ ନିକଟ

### ଡ.ମନୋରଞ୍ଜନ ବିଷୋୟୀ

ତୁମେ ମୋ ଠାରୁ ବହୁତ ଦୂରରେ
ଲାଗେ କିନ୍ତୁ
ହାତ ଧରି ଚାଲୁଅଛ ମୋ ସାଥିରେ ।
ତୁମ ସାଥେ ଦେଖାହୁଏ
କେତେ ଯେ ନୀରବ ପ୍ରହରେ ।
ମନ ଦରଜାକୁ ବନ୍ଦ କଲେ ବି
ଠକ୍ ଠକ୍ କର ଆସି ମୋ ଛାତିରେ ।
ଆଖି ବୁଜିଲେ
ସବାର ହୁଅ ଆସି ମୋ ସ୍ୱପ୍ନରେ
ଇଚ୍ଛା ହୁଏ
ସ୍ୱପ୍ନର ସହରରେ ହଜିଯିବା ଆଗରୁ
ଠିକଣା ଖୋଜିନେବା ଦୁହେଁ ସାଥିରେ ।
ତୁମେ କିନ୍ତୁ
ଠିକଣା ଖୋଜିପାଇବା ଆଗରୁ ଫେରିଯାଅ
ମୋ ଆଖିର ଲୁହ ଧାରରେ ।
କୁହତ ...
ଏମିତି କାହିଁକି ହୁଏ ମୋ ସାଥିରେ ?
ତଥାପି ତୁମେ ଯଦି
ନଥାନ୍ତ ମୋ ସାଥିରେ
ମୃତ୍ୟୁ କେବେଠୁ
ଆଲିଙ୍ଗନ କରି ସାରନ୍ତାଣି ମୋତେ
ତା' ବାହୁ ବନ୍ଧନରେ ।

♥ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

## ସବୁଦିନର କବିତା

### ପ୍ରଶାନ୍ତ ଚନ୍ଦନ

ମୋ ଝିଅ ପଢୁଥିଲା
ଅ' ଆକାରେ ଆ', ଅ'ଆକାରେ ଆ'
ଆଉ ମୁଁ ଭାବୁଥିଲି
ଆଜି କ'ଣ ଲେଖିବି କି
କବିତା !

ଅ'ଆକାରେ ଆ'ତ
ଅନ୍ୟ ଏକ ସ୍ୱର ଶୁଭିଥିଲା ତା'ପରେ
ଯାହା ଥିଲି ମୋ ସାନ ଭଉଣୀର
କହୁଥିଲା ତା'କୁ, ଆରେ !
ଖାଲି ଅ'ଆକାରେ ଆ'ହିଁ ଘୋଷୁଥିବୁ
ନା କ'ଣ କ'କହିବୁନୁ ହିଁ...

ନାହିଁ ବୋଲି ପାଳି ଧରିବି କି
ଭାବୁ ଭାବୁ ପୁଣି ଅନ୍ୟ ଏକ
ଶବ୍ଦ ଯୋଡି ହୋଇ ଯାଇଥିଲା ଠିକ୍
ବେଡି ଉପରେ କୋରଡା ମାଡିଲା ପରି
ସେ ଥିଲା ମୋ ମା'..
କହୁଥିଲା ଯେ ତା'କୁ ଦେବି କି
ଦି'ବିଧା କହୁନୁ ତୁ...
ମୁଁ କହି ପକାଇଥିଲି ଏହାପରେ
ସେମିତି କାହିଁକି କହୁଛୁ ମା'
ଆଜି ନ ହେଲେ କାଲିକୁ ତ କହିବ ସେ
- ମାନେ ତମେ ସେଠି କାନ ଡେରି
ବସିଛ ତା'ହେଲେ କହି ଦେଇଥିଲା ସ୍ତ୍ରୀ
ନାହିଁ ମଜ୍ଜି ଯାଇଛି କହୁ, କହୁ
ହଠାତ୍ ଚୁପ୍ କରି ଅଟକି ଯାଇଥିଲି
ଭାବିଥିଲି ଇସ୍ ସତ କଥାଟିଏ ତ
ଦେଖ କେମିତି ଘୋଷି, ପଢି
ବଡ ହୋଇଯାନ୍ତି ସମସ୍ତେ ତେବେ
ସେଥିରୁ କେତେ ଜଣ ବା
ଧ୍ୟାନ ଦିଅନ୍ତି ତା'କୁ ଉତାରିବାକୁ
ପୁଣି କବିତାରେ...
ଏବଂ ଲେଖି ପକାଇଥିଲି ମୁଁ
ସବୁ ଦିନର କବିତା
ଯାହା ମୋତେ କହି ହୁଏନି
କେତେବେଳେ ଆରମ୍ଭ ହୋଇ ଯାଏ
ମାତ୍ର ଦିନେ, ଦିନେ ଏମିତି ଅଧା ବାଟରେ
ଅଧା ରହିଯାଏ ଯେ ପୁରା ହୁଏନି...
ସେମିତି ପୁଣି ଭାବିବାକୁ ହୁଏ
ସେତେବେଳେ ଯେତେବେଳେ ଅଭିଜ୍ଞତାର
ମୋହର ପଡି ସାରିଲା ପରେ ଯେ
ସତ ବୋଲି ସ୍ୱୀକାର କରି ହୁଏ
କେତେବେଳେ...
ନା ଏତେବେଳେ ମୋ ସାନ ଭଉଣୀ,
ମୋ ମା' ପରି ସଚେତନ ତଥା
ସତର୍କ ହେଉ, ହେଉ ବି
ଯେ କେମିତି କେତେବେଳେ
ଅଘୋଷା ରହି ଯାଇଥାଏ କି କ'ଣ
ଚୋର, ଡାକୁ, ହତ୍ୟାରା, ସୈତାନ୍ ପରି
ଶବ୍ଦଗୁଡାକଦର ଆବରଣ ଭିତରେ
ମଣିଷତ୍ୱ ହଜି ଯାଏ
ନା ପ୍ରଶ୍ନ ପରି ପ୍ରତିପ୍ରଶ୍ନଟିଏ ରହେ
ପୂର୍ଣ୍ଣଚ୍ଛେଦ ପଡିବା ପୂର୍ବରୁ କହି ହୁଏ
ଦେଖ କ୍ଷଣେ ନା ଘଣ୍ଟାଏ ନିଜକୁ
ନିଜ ଭିତରେ ସେଥିରେ ଉତ୍ତର ପରି
କଦବା କେତେବେଳେ,
ସତରେ କେତେବେଳେ !!

♥ଶଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୭୬୫୬୮୧୧୫୪୭

## ଗଛ ଲଗାଇବା ଆସ

### ମିନି ମିଶ୍ର ମହାପାତ୍ର

ଆସିଛି ବରଷା ମାସ
ତେଜରେ ଅଳସ
କରିବାନି ଡେରି ହୋଇ ଏକ ମେଳି
ଗଛ ଲଗାଇବା ଆସ..
ଗଛ ପରି ଉପକାରୀ ବନ୍ଧୁ ଆଉ
କେହି ନାହିଁ ଏ ଜଗତେ
ନିଜର ସର୍ବସ୍ୱ ଦାନ କରିଦିଏ
ଜଗତ କଲ୍ୟାଣ ହିତେ..
ବନ୍ୟା, ବାତ୍ୟା,
ଆଉ ମରୁଡି ରୂପରେ
ପ୍ରକୃତି ସାଧୁଛି ଦାଉ
ବେଳ ଥାଉ ଥାଉ ଜାଗୃତ ନହେଲେ
କିଛି ନ ରହିବ ଆଉ..
ନିତି ଦିଏ ଅମ୍ଳଜାନ
ତା ପାଇଁ ଅଛି ଜୀବନ
ସକଳ ଜୀବଙ୍କ ପ୍ରାଣର ଆଧାର
ସତେ ସେ କେତେ ମହାନ..
ଅତୁଳନିୟ ତା ଦାନ,
ନୁହେଁ ଶବ୍ଦରେ ବର୍ଣ୍ଣନ
ଖାଦ୍ୟ, ବସ୍ତ୍ର, ବାସଗୃହ ସେ ଯୋଗାଏ
କରେ ମୃର୍ତ୍ତିକାର ସଂରକ୍ଷଣ..

ପରିବେଶ ପ୍ରଦୂଷଣ
ହେଲାଣି ଚିନ୍ତା କାରଣ
ବିଶୁଦ୍ଧ ବାୟୁ ପ୍ରଦାନ କରିସେ
ଦୂଷିତ କରେ ଗ୍ରହଣ...
ମହତ ଅଟେ ତା ଦାନ,
ସୁଝି ହେବନି ତା ଋଣ
ଉଦାରତା ଗୁଣ ତା ଠାରୁ ଶିଖିବା
ଆମ ଜୀବନ ହୋଇବ ଧନ୍ୟ..
ମନରେ ହୋଇ ହରଷ,
ଗଛ ଲଗାଇବା ଆସ
ଆଜି ଯଦି ତାର ଜୀବନ ରଖିବା
କାଲି କରିବାନି ଅବଶୋଷ..

♥ତୁରୁଙ୍ଗା, ଦେଓଗାଁ
ବରଗଡ
ମୋ:୮୦୧୮୬୯୧୯୩୩

## ଭଲ ମଣିଷ

### ପ୍ରଦୀପ୍ତ କୁମାର ଦାସ

ତମେ କେଉଁ ସମ୍ପ୍ରଦାୟର ଧାର୍ମିକ କେଜାଣି
ଜାଣନାଁ ଧର୍ମର ପ୍ରକୃତ ସଂଜ୍ଞା...
ଜାଣ ଖାଲି ଧର୍ମାନ୍ଧତାର ବନ୍ଧ୍ୟା ପୂଜା ଉପଚାର ।
ତମେ କେଉଁ ଗୋଷ୍ଠୀର କବି କେଜାଣି
ଜାଣନାଁ କବିତ୍ୱର ପରାକାଷ୍ଠା...
ଜାଣ ଖାଲି ଲବିକରି ଲଭିବାକୁ ପୁରସ୍କାର ।
ତମେ କେଉଁ କିସମର ପ୍ରେମିକ କେଜାଣି
ଜାଣନାଁ ଭଲପାଇବାର ଗଭୀରତା...
ଜାଣ ଖାଲି ଭୋଗର ଭୂଗୋଳ ।
ତମେ କେଉଁ ଦଳର ନେତା କେଜାଣି
ଜାଣନାଁ ରାଜନୀତିର ନୈତିକ ମୂଲ୍ୟବୋଧ...
ଜାଣ ଖାଲି ନେବାର ଦକ୍ଷତା ।
ତେବେ ତମେ ଯାହାବି ହୁଅ...
ଆଗ ଭଲ ମଣିଷଟିଏ ହେବାକୁ ଶିଖ
ତାପରେ ନିଜ ଭିତରୁ ବାହାରି
ଦୁନିଆକୁ ଭଲକରି ଦେଖ ।

♥କଣ୍ଟାବଣିଆ, ପ୍ରୀତିପୁର, ଯାଜପୁର
ମୋ -୮୫୯୪୮୮୫୮୯୮

## ନାରୀର ଦୁଃଖ

### ଅଳକା ବେହେରା ରାୟ

ଦୁଃଖିନୀ କନ୍ୟା, ଦୁଃଖର ରଜନୀ,
ପାହୁ ନାହିଁ କାହିଁ ପାଇଁ ?
ହିଂସ୍ର ସମାଜରେ, ହିଂସ୍ର ଦାନବର
ହିଂସ୍ର ଆଚରଣ ପାଇଁ ।

କନ୍ୟା ଭ୍ରୁଣ ହତ୍ୟା,
ନାରୀ ଆଜି ଧର୍ଷିତା,
ବୋହୂଙ୍କୁ ପୋଡ଼ି ମାରଇ,
ସମାଜ ରୂପକ ରାବଣକୁ ଯିଏ,
କଷ୍ଟ ସହି ଉପୃଦଇ ।

ରାବଣ ପିତୁଳା ଜଳାନ୍ତି ସଭିଏଁ,
ସୀତା ହରଣ ପାଇଁ,
ହେଲେ ଆଜି !
ଶହ ଶହ ସୀତା ହରଣ ହୁଅନ୍ତି
ରାବଣଙ୍କ ହାତେ ଜଳିବା ପାଇଁ ।

ଯୁଗ ପରେ ଯୁଗ ବିତିଯାଉ ଅଛି,
ଦୁଃଖିନୀ କନ୍ୟାର ଦୁଃଖ ବିତୁନାହି ।
କୋମଳମତିରୁ ବୟସ୍କା ଯୁବତୀ,
ସୁସ୍ଥ ମାନସିକତା ଖୋଜନ୍ତି ନିତି
ସଞ୍ଚରିବ କେବେ ଆମ ସମାଜରେ ?
ନିର୍ମାଣ କରିବେ ଭବ୍ୟଯୁଗ ପୁନଃ ପୁନଃ
ସ୍ନେହ, ଶ୍ରଦ୍ଧା ଓ ସମ୍ମାନରେ ।

♥ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ଝିପିଝିପି ବର୍ଷା

### ରଞ୍ଜନ ବାଇ

ଖାଲି
ରୋଗୀଙ୍କ କୋଠରୀ
ଖୁସି ଗପରେ ବ୍ୟସ୍ତ
ଔଷଧ ଡବା ।
ଫାଙ୍କାଫାଙ୍କା ବଜାର
ତାଜାତଳେ ଠିଆ ହେଇଛନ୍ତି କେଇହଳ ଜୀବନ,
ଯିଏକି ଅହରହ ସିଜନ୍ତି ଭୋକର ଦବାନଳେ ।
କେଇହଳ ଲୋକ ଚାଲିଛନ୍ତି
ରୁଆ ବେଉଷଣ ପାଇଁ
ଆଗଉଛି ଜୀବନ....
ରାମ ଯେ ଲଇଖଣ... ଗୀତ ସ୍ୱରରେ
ଚଷମା ତଳୁ, ହଳେ ଆଖି ପହଁରିଯାଉଛି
ତହସିଲମାର୍କେଟରୁ ଲମ୍ୱିଥିବା ସହରର ଶେଷ
ସୀମାରେ ସରିଥିବା ରାସ୍ତା ଆଡକୁ ।

କୋଉ ଚରିତ୍ର ବର୍ଷାତି ପିନ୍ଧି
କହିବାକୁ ଚାଲିଛି ନିଜ କାହାଣୀ
କବି ମନୋରଞ୍ଜନ ଦାଶଙ୍କୁ
ଯିଏ ଅପ୍ରମିତ ଦୁଃଖରେ କରୁଥା'ନ୍ତି ପରିକ୍ରମଣ
ସିଏ କୋଉଥିବେ....!!
ପ୍ରସ୍ତୁତିରେ ଲାଗିଥିବେ ନିଶ୍ଚେ,
କୋଉ ରୋଗୀର ପ୍ରାମାଣିକ ପର୍ଯ୍ୟାୟ
ସାରଣୀ ମଧ୍ୟେ
ଲେଖିଦେଇଆସିବି, ରୋଗ ନିନାଦର
ଚାଟ ବନାଉଥିବା ପ୍ୟାଡରେ ।

ବ୍ୟସ୍ତ ମଣିଷ
ଟିକେ ଫୁରସତ ପାଇଲେ କାଗଜ,
କଲମକୁ ଡାକି କହୁଥିବେ ଖେଳିବାକୁ
ଶବ୍ଦମାନଙ୍କ ସ' ବୋହୁଚୋରୀ

ଏଇଆକୁ ଆଳକରି
ଅର୍ଦ୍ଧାଙ୍ଗିନୀ ମଧୁରକଳିତକରାଳ
କରିବାକୁ ଉଣ୍ଟୁଥିବେ ଓର
ବର୍ଷା ସାଜିବ ବାଦ
ଘେରିଥିବେ ଘର ଚାରିପାଖେ ପଡିଶା,
ଜାଣିବାକୁ ଫଳାଫଳ
କେହିକେହି ଫୋନକରି
ବୁଝୁଥିବେ ପାଣିପାଗ ଅଫିସରୁ

ଲଗାଣ ଧରୁଥିବ ବର୍ଷା
ଏଣେ ତୁମ୍ଭିତୋଫାନ
ଦୌଡୁଥିବେ ପଡିଶା
ବହୁଥିବ ପବନ ଅଣଚାଶ ।

♥ସା /ପୋ :-ଗୁଲନଗର,
କେନ୍ଦ୍ରାପଡା-୭୫୪୨୧୧
ମୋ:-୯୦୯୦୫୮୪୧୩୦

# ରାଜ୍ୟସ୍ତରୀୟ ବନବାହିନୀ ଶହୀଦ ସ୍ମାରକ ଉନ୍ମୋଚିତ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଜାତୀୟ ଜଙ୍ଗଲ ଶହୀଦ ଦିବସ ଅବସରରେ ଓଡ଼ିଶାର ବଣଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସମୟରେ ପ୍ରାଣ ହରାଇଥିବା ଅମର ଶହୀଦଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ପ୍ରଦିପ କୁମାର ଅମାତ ଭୁବନେଶ୍ୱରସ୍ଥିତ ଆଂଚଳିକ ଉଦ୍ଭିଦ ସମ୍ବଳ କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ବନବାହିନୀ ଶହୀଦ ସ୍ମାରକର ଉନ୍ମୋଚନ କରିବା ସହିତ ଶହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

ବଣଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ସମୟରେ ଶହୀଦ ହୋଇଥିବା ଆମ ରାଜ୍ୟର ୨୧ ଜଣ ଜଙ୍ଗଲ ବିଭାଗର ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ନାମ ଏହି ସ୍ମାରକରେ ଉଲ୍ଲେଖ ହୋଇଛି ।

ଜଙ୍ଗଲ ବିଭାଗର କ୍ଷେତ୍ର କର୍ମଚାରୀମାନେ ଜଙ୍ଗଲକୁ ସୁରକ୍ଷା ଦେବାବେଳେ ଅନେକ ଆହ୍ୱାନର ସମ୍ମୁଖୀନ ହୁଅନ୍ତି । ମାନବ-ବନ୍ୟଜନ୍ତୁ ବିବାଦ ଓ ଜଙ୍ଗଲରେ ଅଗ୍ନି ସଂଯୋଗ ଭଳି ପ୍ରତିକୂଳ ପରିସ୍ଥିତିରେ ବିଭାଗୀୟ କ୍ଷେତ୍ର କର୍ମଚାରୀମାନେ ଅସାଧାରଣ ସାହସ ଦେଖାଇ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କୁ ଅନେକ ମାତ୍ରାରେ ସୁରକ୍ଷିତ କରି ରଖିବାରେ ସମର୍ଥ ହୋଇଛନ୍ତି ବୋଲି ଶ୍ରୀ ଅମାତ ପ୍ରକାଶ କରିଛନ୍ତି ।

ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ସମାଜର ପ୍ରତ୍ୟେକ ବର୍ଗର ନାଗରିକଙ୍କୁ ଅଧିକରୁ ଅଧିକ ସଚେତନ କରିବା ସହିତ ଜଙ୍ଗଲ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ। କାରଣ ପ୍ରକୃତିର ସନ୍ତୁଳନ ବଜାୟ ରଖିବାକୁ ହେଲେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଅପରିହାର୍ଯ୍ୟ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ କହି ଆସିଛନ୍ତି ଯେ ପ୍ରାକୃତିକ ସଂପଦ ହେଉଛି ସବୁଠାରୁ ଶ୍ରେଷ୍ଠ ସଂପଦ । ଏଗୁଡ଼ିକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଉତରଦାୟିତ୍ୱ । ପୃଥିବୀକୁ ସୁନ୍ଦର କରି ରଖିବାକୁ ହେଲେ ପ୍ରକୃତିକୁ ସବୁଜମୟ କରି ରଖିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ଅମାତ ପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ଜଙ୍ଗଲ ବାହିନୀର ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନସଂରକ୍ଷକ ସୁଶ୍ରୀ ପୁସା ଜେଡ୍. ମେକ୍ରୋ, ଏବଂ ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଗାୟତ୍ରୀ ପରିବାର ପକ୍ଷରୁ ଯୁବ ଚେତନା ଶିବିର ଅନୁଷ୍ଠିତ

ବଲାଙ୍ଗିର ,୧୨/୦୯ (ନି.ପ୍ର): ବଲାଙ୍ଗିର ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ଠିକାଦାର ପଡା ସ୍ଥିତ ପ୍ରୋଗ୍ରେସିଭ କ୍ଲବ ଠାରେ ଏକ ଯୁବ ଚେତନା ଶିବିର ଆଜି ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବିଚାରପତି କୁମୁଦିନୀ ମୁଦୁଲି ଯୋଗାଇଥିଲେ ସମ୍ମାନୀତ ଅତିଥି ଭାବରେ ଭୁବନେଶ୍ୱର ଗାୟତ୍ରୀ ପରିବାର ର ବରିଷ୍ଠ ସଦସ୍ୟ ପାଣ୍ଡବ ଜେନା ଓ ସନ୍ତୋଷ କୁମାର ଜେନା ତଥା ବଲାଙ୍ଗିର ର ବରିଷ୍ଠ ସଦସ୍ୟ ଯୁଗଳ କିଶୋର ଝା ମଂଚାସୀନ ଥିଲେ ବଲାଙ୍ଗିର ଜିଲ୍ଲା ଗାୟତ୍ରୀ ପରିବାର ସଂଯୋଜକ ଉଦୟନାଥ ପାତ୍ର ଙ୍କ ଅଧକ୍ଷତାରେ ଶିବିର କାର୍ଯ୍ୟ ପରିଚାଳିତ ହୋଇଥିଲା । ତବଲା ରେ ନିମାଇଁ ଚରଣ ତାଣ୍ଡି ସଙ୍ଗତ କରିଥିଲେ । ଅତିଥିମାନେ ଗାୟତ୍ରୀ ପରିବାର ରେ ସମର୍ପଣ ମନୋଭାବ ନେଇ ନିଜ ତଥା ସମାଜ କଲ୍ୟାଣ କାମରେ ବ୍ରତୀ ହେବାକୁ କହିବା ସଙ୍ଗେସଙ୍ଗେ ସମାଜରୁ କୁସଂସ୍କାର ଦୂର କରିବା ଦିଗରେ ଯୁବକଙ୍କୁ ଆଗଭର ହୋଇ କର୍ତବ୍ୟ କରି ଚାଲିବା କୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ଶାନ୍ତନୁ ପାତ୍ର, ଅସମାନ, ଛବିଳ ବଗର୍ତୀ, ସତ୍ୟନାରାୟଣ ଗୁପ୍ତା, ବୀଣାପାଣି ଉଦ୍ଗାତା,ମୋକ୍ଷଦା ଶର୍ମା,ନଳିନୀ ତ୍ରିପାଠୀ,ତ୍ରିପୁରା ସିଂ, ସୁଶୀଳା, ରଞ୍ଜିତା, ସନ୍ତୋଷ ଦାଶ, ବୃନ୍ଦାବନ ରଣା ଓ ବଙ୍କେଲାଲ ବାଗ ପ୍ରମୁଖ ।

# 'କଳାଭୂମି' ଓ ଆଇ.ଆଇ.ଟି.ଟି.ଏମ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ 'କଳାଭୂମି'- ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟ ମଧ୍ୟରେ 'କଳାଭୂମି'ଠାରେ ସେପେଟମ୍ବର ୯ ତାରିଖ ଦିନ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।

ଏହା ଦ୍ୱାରା 'କଳାଭୂମି'ଠାରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ଇଣ୍ଟର୍ନସିପ୍ ଓ ଭଲ୍ୟୁଣ୍ଟିୟର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇପାରିବ । ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଛାତ୍ରଛାତ୍ରୀମାନଙ୍କୁ ଭ୍ରମଣ ଓ ପର୍ଯ୍ୟଟନର ବିଭିନ୍ନ ଦିଗ ଯଥା: ମାର୍କେଟିଂ ଓ ଡିଜାଇନ୍, ଇଭେଣ୍ଟ ପ୍ଲାନିଂ ଓ ମ୍ୟାନେଜ୍‌ମେଣ୍ଟ, ଗବେଷଣା, ଦର୍ଶକମାନଙ୍କ ସହ ସଂପର୍କ, ପ୍ରକଳ୍ପ ବିକାଶ ସହିତ ଶିଳ୍ପକଳା ଉପରେ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି କରାଯାଇପାରିବ। ପର୍ଯ୍ୟଟକଙ୍କ ଆବଶ୍ୟକତା ଅନୁସାରେ ସଂଗ୍ରହାଳୟ ମଧ୍ୟରେ ବ୍ୟବସ୍ଥା କରାଯିବ ।

'କଳାଭୂମି'ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ 'କଳାଭୂମି' ପକ୍ଷରୁ ଏହି ବୁଝାମଣାପତ୍ରରେ ସିଡାକ୍‌ର ସଦସ୍ୟ ସଚିବ ଶ୍ରୀ ଶିଶିର କୁମାର ରଥ ଓ ଆଇଆଇଟିଟିଏମ୍ ପକ୍ଷରୁ ଏହାର ନୋଡାଲ୍ ଅଫିସର ଡ. ମହମ୍ମଦ ସର୍ବୀ ହୁସେନ୍ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

ପ୍ରକାଶ ଥାଉ କି, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ପ୍ରତିଷ୍ଠାନ (ସିଡାକ୍) ଦ୍ୱାରା ପରିଚାଳିତ 'କଳାଭୂମି' ୨୦୧୮ ମସିହାରେ ଉଦ୍‌ଘାଟିତ ହୋଇଥିଲା । ରାଜ୍ୟର ହସ୍ତଶିଳ୍ପ ଓ ହସ୍ତତନ୍ତ ପରମ୍ପରାର ସଂରକ୍ଷଣକୁ ଦୃଷ୍ଟିରେ ରଖି ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ସେହିଭଳି ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା କ୍ଷେତ୍ରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଟିଟିଏମ୍) ଏକ ଅଗ୍ରଣୀ ଅନୁଷ୍ଠାନ ଅଟେ ।

# ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଅଷ୍ଟମ ପ୍ରତିଷ୍ଠା ଦିବସ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ନୂଆପଡ଼ା,୧୨/୦୯ (ନି.ପ୍ର): ଖଡ଼ିଆଳ ବ୍ଲକ ବାଦୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଅଷ୍ଟମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ଅଧକ୍ଷା ଅଞ୍ଜନା ବାଗଙ୍କର ତତ୍ୱାବଧାନରେ ପ୍ରବନ୍ଧ ଲିଖନ, ଆଶୁ ଭାଷଣ, ଚିତ୍ରାଙ୍କନ, ନୃତ୍ୟ , ସଙ୍ଗୀତ ଆଦି ଅନେକ ପ୍ରତିଯୋଗିତା ହୋଇଥିଲା । ଏଥିରେ ନୂଆପଡା ଜିଲ୍ଲାର ସମସ୍ତ ଆଦର୍ଶ ବିଦ୍ୟାଳୟର ମୋଟ ୧୪୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦଘାଟନୀ ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅଧାପକ ଶ୍ରୀଯୁକ୍ତ ସାମୁଏଲ ଦାନୀ ମୁଖ୍ୟବକ୍ତା ଭାବରେ ନିଜର ବକ୍ତବ୍ୟ ରଖିଥିଲେ । ଖଡ଼ିଆଳ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟ ଆଶା ଜୈନ, ଝଗରାହି ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ, ନେଗିପାଲି ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷିତିଭୂଷଣ ବିଶ୍ୱାଳ, ଟିମନପୁର୍ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ବିଜୟ ରଞ୍ଜନ କର୍ମୀ, କେଶରଜପୁର ଆଦର୍ଶ ବିଦ୍ୟାଳୟର ଅଧକ୍ଷା ଅନିମା ନାଏକ ଆଦି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉଦଯାପନି ଉତ୍ସବରେ କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବସନ୍ତ କୁମାର ନାଏକ ମଂଚ ପରିଚାଳନା କରିଥିଲେ । ଶିକ୍ଷକ ନିହାର ରଞ୍ଜନ ବିଶ୍ୱାଳ, ଧ୍ରୁବ ସିଂ ଧରୁଆ, ରାମକୃଷ ପ୍ରଧାନ,ସଂଜୀବ ବୁଢ଼ିଆ, ଅଂଶୁମାନ ପଣ୍ଡା, ଦେବେଶ କୁମାର ମେହେର,ପପ୍ପୁ ସତନାମୀ, ତନୁଶ୍ରୀ ମାଝୀ, ବାମଦେବ ଭୋଇ, କମଳାକାନ୍ତ ଠାକୁର, ସୁଜିତ କୁମାର ନାଗ, ଅଜିତ ମହାକୁର, ସନ୍ତୋଷ କୁମାର ଦାଶ, ପ୍ରକାଶ କୁମାର ବେହୁରିଆ ଆଦି ସହଯୋଗ କରିଥିଲେ। ଶିକ୍ଷକ ଜୟଚନ୍ଦ୍ର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଜୋନାଲ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟର ଅଧକ୍ଷା ସୂଚନା ଦେଇଛନ୍ତି ।

## କନିଷ୍ଠ ସହାୟକ ଶଶି ଭୁଷଣ ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଜୟପୁର,୧୨/୦୯ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବାରେ କାଯ୍ୟ କରୁଥିବା କନିଷ୍ଠ ସହାୟକ ଶଶି ଭୁଷଣ ଦାସଙ୍କୁ ବିଦାୟ କାଳିନ ସମ୍ବଦ୍ଧନା ଦିଆଯାଇଛି । କନିଷ୍ଠ ସହାୟକ ଙ୍କୁ ସରକାର ବୋରିଗୁମ୍ମା ବିଇଓ ଅଫିସକୁ ବଦଳି କରିଛନ୍ତି । ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଜ୍ୟୋସ୍ନା ମିଶ୍ର, ବରିଷ୍ଠ ଶିକ୍ଷକ ସୁନିଲ କୁମାର ପାଢୀ ଙ୍କ ସହ ଶିକ୍ଷକ, ଶିକ୍ଷୟତ୍ରୀ କର୍ମଚାରି ମାନେ ଉପସ୍ଥିତ ରହି ବିରାଟ ବିଦାୟ କାଳିନ ସମ୍ବଦ୍ଧନା ଦିଆଯାଇଛି । ଶିଶି ଭୁଷଣ ଦାସ ଙ୍କ ପ୍ରଶଂସିତ କାଯ୍ୟ ପାଇ ବିଦ୍ୟାଳୟ ତରଫରୁ ଭୁରି ଭୁରି ପ୍ରଶଂସା କରିଥିଲେ ।

# ମତ୍ସ୍ୟ ବିଭାଗ ବୈଷୟିକ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ରେଡ଼କ୍ରସ ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା ମତ୍ସ୍ୟବିଭାଗ ବୈଷୟିକ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଜେଏଫ୍‌ଟିଏ ଓ ଏସ୍‌ଏଫ୍‌ଟିଏମାନେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ମୁଖ୍ୟତଃ କର୍ମଚାରୀମାନଙ୍କ କର୍ମକ୍ଷେତ୍ରରେ ଅନୁଭବ କରୁଥିବା ସମସ୍ୟା, ଦରମା, ଗ୍ରେଡ଼ ପେ, ପଦୋନ୍ନତି ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ସଂଘର ମୁଖ୍ୟତଃ ୪ ଦଫା ଦାବି ନେଇ ଆଗାମୀ ଦିନରେ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଦାବିଗୁଡ଼ିକ ହେଲା (୧) ୬ବର୍ଷ ଚୁକ୍ତିଭିତ୍ତିକ ନିଯୁକ୍ତି ସମୟକୁ ଚାକିରୀ ସମୟ ଭିତରେ ଗଣନା କରିବା (୨) ଦୀର୍ଘ ୩୦ ବର୍ଷ ପୂର୍ବରୁ ସରକାର ଜେଏଫ୍‌ଟିଏ ମାନଙ୍କର ଗ୍ରେଡ଼ ପେ ୧୮୦୦ଟଙ୍କା ରଖିଥିବା ପରିପ୍ରେକ୍ଷୀରେ ଆଜି ପର୍ଯ୍ୟନ୍ତ ପରିବର୍ତ୍ତନ ନ କରିବାରୁ ୨୮୦୦ ଟଙ୍କାକୁ ବୃଦ୍ଧି କରିବା (୩) ଅନ୍ୟ ବିଭାଗ ଭଳି ଚାକିରୀ ସର୍ତ୍ତାବଳୀ ପୁନର୍ଗଠନ କରି ଉପଯୁକ୍ତ ପ୍ରାପ୍ୟ, ଅନ୍ୟାନ୍ୟ ସରକାରୀ ସୁବିଧା ଓ ପ୍ରମୋଶନର ସୁବିଧା ଯୋଗାଇଦେବା (୪) ପୂର୍ବରୁ ନିଯୁକ୍ତି ପାଇଥିବା ଏଲିଜିବିଲିଟ କ୍ରାଏଟରିଆ ଯୁକ୍ତ ଦୁଇ ବିଜ୍ଞାନ ଓ ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷା ପରିବର୍ତ୍ତେ ଡ଼ିପ୍ଲୋମା ଫିସେରୀ କରିବା । ଏହି ଅଧିବେଶନରେ ପ୍ରାୟ ୧୭୬ଜଣ ଜେଏଫ୍‌ଟିଏ ଓ ଏସ୍‌ଏଫଟିଏ କର୍ମଚାରୀମାନେ ଯୋଗ ଦେଇଥିଲେ ଓ ସେମାନଙ୍କର ୨୦୨୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଆଜି ଚୟନ କରାଯାଇଥିଲା । ସଂଘର ନୂତନ ସଭାପତି ଭାବେ ମହେନ୍ଦ୍ର ପରମାଣିକ ଏବଂ ସାଧାରଣ ସମ୍ପାଦକ ଭାବେ ପର୍ଶୁରାମ ତ୍ରିପାଠୀ ନିର୍ବାଚିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ କୁମାର ସାହୁ, ପାଣ୍ଡବ ଢ଼େଲକୀ, କିରଣ କୁମାର ସ୍ୱାଇଁ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ମୁଖୀ, ଯୁଗ୍ମ ସମ୍ପାଦକ ଅଫିସ୍ ଭାବେ ସିଦ୍ଧାର୍ଥ ସ୍ୱରୂପ ଜେନା, ଯୁଗ୍ମ ସମ୍ପାଦକ ଅର୍ଥ ଭାବେ ବିଶ୍ୱନାଥ ନାୟକ ନିର୍ବାଚିତ ହୋଇଛନ୍ତି । ଅନିତା ବେଉରା, କାର୍ଯ୍ୟକାରୀ ସଦସ୍ୟା ଭାବେ ନିର୍ବାଚିତ ହୋଇଛନ୍ତି ।

# ବଲାଙ୍ଗିରେ ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଅଷ୍ଟମ ଦିବସ

ବଲାଙ୍ଗିର,୧୨/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ପଲ୍ଲିଶ୍ରୀ ଷ୍ଟଡିୟମ ସଦାଇପାଲି ଠାରେ ଗେର୍ଡି ଟ୍ରାଇବ୍ରେକର ୫-୪ ଗୋଲରେ ଆଗଲପୁର ଇଲେଭେନଷ୍ଟାର କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସୁଶ୍ରୀ ଆଇଟିଆଇ ଅଧକ୍ଷ ସନ୍ତୋଷ କୁମାର ବ୍ରହ୍ମା, ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗ ଓ ପୂର୍ବତନ ଖେଳାଳି ପ୍ରଦୀପ କୁମାର ମହାରଣା ଯୋଗ ଦେଇଥିଲେ । ରେଫରି ସଂଜିବ ମହାରଣା, ସୁଦର୍ଶନ ସେଠ, ସୁରେଶ ନାଏକ ଓ ସୁଧାଂଶୁ ସେଠ ଖେଳ ପରିଚାଳନା କରିଥିଲେ । ଖୁଜେନପାଲି ପଡିଆରେ ଗଇଁତଲା ୧-୦ ଗୋଲରେ ଭାଲେର କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କ୍ରୀଡା ସଂସଦର ସଭ୍ୟ ସଂଗ୍ରାମ ବହିଦାର, ଭୁପେନ୍ଦ୍ର ସିଂ ଓ ପୂର୍ବତନ ଖେଳାଳି ଶିବରାମ ମାଝି ଯୋଗ ଦେଇଥିଲେ । ରେଫରି ଭାବରେ ସୁଶାନ୍ତ ନାଗ, ଦେବାଶିଷ ବାଗ, ଶ୍ରବଣ ବାଗ ଓ ନରସିଂ ସ୍ୱାମୀ ନାଇଡୁ ଦାୟିତ୍ୱ ତୁଲାଇଥିଲେ । ଚୁଡାପାଲି ପଡିଆରେ ନକଟାସର ୬-୦ ଗୋଲରେ ସୁନାମୁଦି କୁ ହରାଇ ଗ୍ରୁପ ଚମ୍ପିୟାନ ହୋଇଛି । ଅତିଥି ଭାବେ ଚୁଡାପାଲି ପିଏସ୍ ମେମ୍ବର ପୁଷ୍ପାଞ୍ଜଳି ମହାଲିଙ୍ଗ ଯୋଗ ଦେଇଥିଲେ । ରେଫରି ଭାବେ ଦେବରାଜ ନାହାକ, ପୁରୁଷୋତମ ବୁଡେକ, ଉମେଶ ଭୋଇ ଓ ଜଳନ୍ଧର ସାହୁ ଦାୟିତ୍ୱ ତୁଲାଇଥିଲେ । ଜରାସିଂହା ପଡିଆରେ ମହିପୁର ୭-୦ ଗୋଲରେ ବଡଗୋମୁଣ୍ଡା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ମେହେର, ବିଜେଡି ନେତା ଉମା ଶଙ୍କର ସିଂ, ଅନ୍ତର୍ଯ୍ୟାମି ଭୋଇ ଓ ଶତୃଘନ ଘଡାଇ ଯୋଗ ଦେଇଥିଲେ । ରେଫରି ଭାବରେ ସଞ୍ଜନ କୁଦେଇ, କୈଳାସ କର୍ଚ୍ଚି, କୁନ୍ତେ ମେହେର ଓ ଲକ୍ଷ୍ମୀଧର ମହାନ୍ତି ଖେଳ ପରିଚାଳନା କରିଥିଲେ । ତୁର୍ଲା (ଟିଟିଲାଗଡ) ପଡିଆରେ ସିହିନି ୪-୦ ଗୋଲରେ ତୁର୍ଲା କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବରେ କ୍ରୀଡା ସଂଗଠକ ନିରାକାର ସୁନାନି ଓ ରଘୁ ଖର୍ସେଲ ଯୋଗ ଦେଇଥିଲେ । ରେଫରି ଭାବରେ ବିବଚ୍ଛ ମାଝି, ଯଶୋବନ୍ତ ମାଝି, ରାଜେଶ ସ୍ୱାଇଁ ଓ ଲବ ସୁନାନି ଦାୟିତ୍ୱ ତୁଲାଇଥିଲେ । ପାଟଣାଗଡ ପଡିଆରେ ତେନ୍ତୁଲିମୁଣ୍ଡା ୩-୦ ଗୋଲରେ ପାଟଣାଗଡ ଏଫ୍‌ଏ କୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ କାଦୋପଡା ଦୁର୍ଗାପୂଜା କମିଟି ର ମହାଦେବ ମେହେର, ଗୋକୁଳରାମ ମେହେର, ପ୍ରଶନ୍ନ ମେହେର ଓ ସନ୍ତୋଷ ଚୋପଦାର ଯୋଗ ଦେଇଥିଲେ । ଖେଳକୁ ବିକି ବିଶି, ତ୍ରିନାଥ ଚନ୍ଦନ, ରାଜେନ୍ଦ୍ର ଧରୁଆ ଓ ଉପେନ୍ଦ୍ର ଚନ୍ଦନ ପରିଚାଳନା କରିଥିଲେ । ହଳଦି ପଡିଆରେ କଂଟାବାଞ୍ଜି ଏଫ୍‌ସି ୨-୦ ଗୋଲରେ ବଙ୍ଗୋମୁଣ୍ଡାକୁ ହରାଇ ବିଜୟୀ ହୋଇଛି । ଅତିଥି ଭାବେ ସରପଂଚ ବିଶ୍ୱ ବିହାରୀ ଯୋଷୀ, ସରପଂଚ ଅଜିତ ଯୋଷୀ ଓ ପୂର୍ବତନ ଖେଳାଳି ବଳରାମ ସା ଯୋଗ ଦେଇଥିଲେ ।

# ନିଖିଳ ଓଡିଶା ଆଶାକର୍ମୀ ସଂଘର ଜିଲ୍ଲା କାର୍ଯ୍ୟକାରୀ ବୈଠକ

ବଲାଙ୍ଗିର,୧୨/୦୯ (ନି.ପ୍ର): ବଲାଙ୍ଗିର ଯାଦବ ଭବନ ଠାରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ବଲାଙ୍ଗିର ଜିଲ୍ଲା ଏଆଇଟିୟୁସି ସହ ସହ ବନ୍ଧିତ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା ସଭାପତି ସାଥୀ ତୀର୍ଥ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପ-ସଭାପତି ସରସ୍ୱତୀ ଶର୍ମାଙ୍କ ଦ୍ୱାରା ଦିବଂଗତ ଆଶା କର୍ମୀ ଦ୍ୱୟ ସ୍ୱର୍ଗତ ସୁରଭି ନନ୍ଦ ଦେଓଗାଁ ବ୍ଲକ ଓ ସ୍ୱର୍ଗତ ଉମା ପଧାନ ବେଲପଡା ବ୍ଲକଙ୍କ ଅକାଳ ବିୟୋଗରେ ସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇ ଅମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ବିଭୁଦତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଆଶା କର୍ମୀଙ୍କୁ ଶଶକ୍ତ ଭାବେ ସଂଗଠିତ ହୋଇ ନିଜର ହକ୍ ହାସଲ କରିବା ପାଇଁ ସରକାରଙ୍କ ଠାରେ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରମିକ କର୍ମଚାରୀ ନେତା ତଥା ଏଆଇଟିୟୁସି ଜିଲ୍ଲା ସଂପାଦକ ଦେବାଶିଷ କୁମାର ବାବୁ ଯୋଗ ଦେଇ ସଂଗଠନକୁ ତୃଣମୁଳ ସ୍ତରରୁ ମଜବୁତ ତଥା ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂପାଦିକା ଓମି ଗୁପ୍ତା ସଂଗଠନର ସଂପାଦକୀୟ ବିବରଣୀ ତଥା ଆୟ ବ୍ୟୟ ସଭାରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଦିବଂଗତ ଆଶା କର୍ମୀଦ୍ୱୟଙ୍କ ପରିବାରକୁ କ୍ଷତି ପୂରଣ ସାହାଯ୍ୟ ସରକାରଙ୍କୁ ଶିଘ୍ର ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ । ଯଶୋବନ୍ତୀ ବେହେରା, ମଳୟ ବିଶ୍ୱାଲ, ସାଏବୁ ନନ୍ଦ, ଦୁର୍ଯ୍ୟୋଧନ ବିଶ୍ୱଲ, ପ୍ରବିର କମ୍ପ, କନ୍ଦର୍ପ ଦୀପ, ବନୀତା ପୁଟେଲ, ସୁବାସ ସାହୁ, ମାଧବି ବେହେରା, ବାସମତି ବାଗ, ସଂଯୁକ୍ତା ରାୟ ପ୍ରମୁଖ ସଭାରେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଶେଷରେ ପୁଷ୍ପାଞ୍ଜଳି ଚୌଧୁରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାକାର୍ଯ୍ୟ ସାଂଗ ଘୋଷଣା କରିଥିଲେ ।

## ଭଗବତୀ ମନ୍ଦିର ପ୍ରତିଷ୍ଠା ନେଇ ବୈଠକ

ଜୟପୁର,୧୨/୦୯ (ନି.ପ୍ର): ଜୟପୁର ସ୍ଥିତ ଅଧିଷ୍ଠାତ୍ରୀ ମା ଭଗବତୀଙ୍କ ମନ୍ଦିର ପ୍ରତିଷ୍ଠା ଓ ଦଶହରା ପାଳନ ନେଇ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଭବବତି ମନ୍ଦିର ଟ୍ରଷ୍ଟର ସୁର୍ଯ୍ୟ ନାରାୟଣ ରଥ, ଧିରେନ ମୋହନ ପଟ୍ଟନାୟକ, ମୁନା ସିଂ ଲାଲା, ସଞ୍ଜୟ କୁମାର ଜୈନ, ହିମାସୁଂ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମାଘ କିମ୍ବା ଚୈତ୍ର ମାସରେ ମନ୍ଦିର ପ୍ରତିଷ୍ଠା କରିବା, ଶଙ୍କରାଚାର୍ଯ୍ୟ ଓ ପୁରୀ ଗଜପତି ମହାରାଜାଙ୍କୁ ନିୟନ୍ତ୍ରଣ କରିବାକୁ ନିଷ୍ପତି ହୋଇଛି । ଏହା ସହ ଅଧିଷ୍ଠାତ୍ରି ମା ଭଗବତୀଙ୍କ ନିକଟରେ ମୁଳାଷ୍ଟମୀଠାରୁ ଦଶହରା ଯାଏ ନିତିକାନ୍ତି ଭିତରେ ମହାସମାରୋହରେ ପାଳନ କରିବା ସହ ୯ ଦିନ ଓ ୧୬ ଦିନ ମା ଙ୍କ ନିକଟରେ ଅଖଣ୍ଡ ଦୀପ ଲାଗିବା ପାଇଁ ନିଷ୍ପତି ହୋଇଛି ।

# ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତିର ପ୍ରତିବାଦ ସଭା

ବଲାଙ୍ଗୀର,୧୨/୦୯ (ନି.ପ୍ର): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲା ଏବଂ ତରଭା ସମିତି ପ୍ରତିନିଧିଙ୍କ ଉପସ୍ଥିତିରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବୌଦ୍ଧ ଜିଲାର ଆଇନଜୀବୀ ବିଶେଶ୍ୱର ପୃଷ୍ଟି, ଯୁଗଳ କିଶୋର ସାମଲ, ସୋନପୁର ଜିଲା ପ୍ରତିନିଧି ଆଇନଜୀବୀ ଶ୍ୟାମାଓଁ ପ୍ରସାଦ ମିଶ୍ର, ଯୁବନେତା ବଳଦେବ ବେଦବାକ୍, ତରଭା ପ୍ରତିନିଧି ରାଜେନ୍ଦ୍ର ବିଜୟ ସାହୁ, ସମିତିର ବଲାଙ୍ଗୀର ଜିଲା ସଂଯୋଜକ ଆଡଭୋକେଟ ଭବାନୀ ଶଙ୍କର ଶତପଥି ମଂଚାସୀନ ଥିଲେ । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ତୃଣମୂଳ ସ୍ତରରେ ଦୁର୍ବାର ଆନ୍ଦୋଳନ ଜରୁରୀ ବୋଲି ଆଲୋଚନା କରାଯାଇ ଏନେଇ ସାମୁହିକ ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରଥମେ ସମିତି ସଂଯୋଜକ ଶ୍ରୀ ଶତପଥି ପ୍ରତିବାଦ ସମାବେଶର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଆନ୍ଦୋଳନ ହିଁ ପ୍ରକଳ୍ପ ଶେଷର ଏକମାତ୍ର ବାଟ ବୋଲି କହିଥିଲେ । ପ୍ରକଳ୍ପ ଢ଼େର ବିଳମ୍ବ ହୋଇସାରିଥିବାରୁ ଏବେ ଧାର୍ଯ୍ୟ ଅବଧିରେ ପ୍ରକଳ୍ପ କାର୍ଯ୍ୟ ସରୁନଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ କରାଯାଇ ଏହି ରେଳପ୍ରକଳ୍ପର ପରିସମାପ୍ତି କେବେ ହେବ ବୋଲି ପ୍ରଶ୍ନ କରାଯାଇଥିଲା । ସଭାରେ ଆଗାମୀ ଅକ୍ଟୋବର ୧୪ ତାରିଖ ଦିନ ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସମିତି ପକ୍ଷରୁ ପ୍ରତିବାଦ ସଭା ଓ ଧାରଣା ଦିଆଯିବ ବୋଲି ନିଷ୍ପତି ହୋଇଥିଲା । ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ସଂଘର୍ଷ ସମିତି ପ୍ରତିନିଧିଙ୍କ ଉପସ୍ଥିତିରେ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ରେଳପ୍ରକଳ୍ପର ସମୀକ୍ଷା ବୈଠକ ତୁରନ୍ତ କରିବାକୁ ଦାବି କରାଯାଇଥିଲା । ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲାର ସମସ୍ତ ମନ୍ତ୍ରୀ ଏବଂ ବିଧାୟକଙ୍କୁ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତି ହୋଇଥିଲା । ପୂର୍ବତଟ ରେଳପଥର ଜେନେରାଲ ମେନେଜରଙ୍କୁ ସଂଘର୍ଷ ସମିତି ପକ୍ଷରୁ ସାକ୍ଷାତ କରାଯାଇ ପ୍ରକଳ୍ପ ବିଳମ୍ବ ହେବାର କାରଣ ଏବଂ ନିରାକରଣ ତଥା ବଜେଟ ଅନୁଦାନର ଖର୍ଚ୍ଚ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବାକୁ ନିଷ୍ପତି ହୋଇଥିଲା । ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ମନ୍ତ୍ରୀ, ରାଜସ୍ୱ ବିଭାଗ ମନ୍ତ୍ରୀ, ଗୃହମନ୍ତ୍ରୀଙ୍କୁ ଭେଟିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ନିଷ୍ପତି ହୋଇଥିଲା । ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ ଓ ମୁନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ସତ୍ୟଭାମାପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର ,୧୨/୦୯ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ନୋଡାର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ତଥାଅଭିଭାବକ-ଶିକ୍ଷକ ସମନ୍ୱୟ ବୈଠକ ଶନିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶନାମା ଅନୁସାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାଶ ଅଧକ୍ଷତା କରିଥିଲେ । ବୈଠକରେ ପଂଚାୟତ ସମିତି ସଦସ୍ୟା ରଶ୍ମିତା ସ୍ୱାଇଁ , ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ସୁଚିତ୍ରା ଦାସ,ବ୍ଲକ ଶିକ୍ଷା ସଂଯୋଜକ ପରିକ୍ଷିତ ସାହୁ, ସି.ଆ.ସି.ସି ଶ୍ରୀମତୀ କୁନି ଦେଇ ଓ ବିଦ୍ୟାଳୟର କେତେକ ପୁରାତନ ଛାତ୍ରଛାତ୍ରୀ (ଆଲୁମିନି) ଓ ଅଧ୍ୟୟନ ରତ ଛାତ୍ରଛାତ୍ରୀମଧ୍ୟ ଉପସ୍ଥିତ ଥିଲେ ।

ସଭାରେ ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଆଧାରରେ ବିଦ୍ୟାଳୟ ରୂପାନ୍ତରୀକରଣଫଳରେ ଶିକ୍ଷା ପ୍ରଦାନ ବ୍ୟବସ୍ଥାରେ କିପରି ଆଧୁନିକୀକରଣ ହୋଇଛି, ସେ ସଂପର୍କରେ ଅଭିଭାବକମାନଙ୍କୁ ଅବଗତ କରାଯାଇଥିଲା । ସ୍ମାର୍ଟ କ୍ଲାସରୁମରେ ସ୍ମାର୍ଟ ବୋର୍ଡରେ ଇ-କଂଟେଂଟ, ୟୁ-ଟ୍ୟୁବ୍ ଓ ପିପିଟି ବ୍ୟବହାର କରି ଶିକ୍ଷାଦାନ ସଂପର୍କରେ ଅଭିଭାବକମାନେ ଅବଗତ ହୋଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ କହିଲେ ଯେ, ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଇ-ଲାବୋରେଟୋରୀ ଆଦିରବ୍ୟବସ୍ଥା କରାଯାଇଛି । ଏଥି ସହିତ ଇତିମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ପୂରଣ ହୋଇଛି ।ଏହା ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକଶିକ୍ଷା ପ୍ରଦାନରେ ସହାୟକ ହୋଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ପ୍ରକାଶ କରିବା ସହିତ 'ମୋ ସ୍କୁଲ ଅଭିଯାନ'ରେ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀସାମିଲ ହୋଇ ବିଦ୍ୟାଳୟର ଉନ୍ନତିରେ ସହଯୋଗ କରିବାକୁ କହିଥିଲେ । କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସୁରେନ୍ଦ୍ର କୁମାର ସ୍ୱାଇଁ, ଶ୍ରୀ ଗଣେଶ୍ୱର ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଅଧିକ ଉନ୍ନତି ପାଇଁ ଗଠନମୂଳକ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ର ତଥା ଅଧୁନା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଭୁବନେଶ୍ୱର ଭାବେ କାର୍ଯ୍ୟରତ ଶ୍ରୀ ପଠାଣି ରାଉତ ଯୋଗଦେଇ କହିଲେ ଯେ, ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଆଧାରରେ ଏହି ବିଦ୍ୟାଳୟର ରୂପାନ୍ତରଣ କରାଯିବା ଫଳରେ ପୂର୍ବରୁ ଥିବା ବିଦ୍ୟାଳୟର ପରିବେଶ ଓ ବର୍ତମାନର ପରିବେଶ ମଧ୍ୟରେ ବହୁ ପରିବର୍ତନ ହୋଇଛି ।୫-ଟି ଉପକ୍ରମ ଆଧାରରେ ରୂପାନ୍ତରୀକରଣ କରାଯାଇଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସରକାରଙ୍କ ଆଭିମୁଖ୍ୟ ରହିଥିବା ସଂପର୍କରେ ସେ ଆଲୋକପାତ କରିଥିଲେ ।

ବୈଠକରେ ୫-ଟି ଉପକ୍ରମ ଆଧାରରେ ରୂପାନ୍ତରିତ ହୋଇଥିବା ଏହି ସ୍କୁଲରେ ନିୟମିତ ଇଂଟରନେଟ୍ ସଂଯୋଗୀକରଣ ବ୍ୟବସ୍ଥା, ବିଦ୍ୟାଳୟରେ ସଂରଞ୍ଜାମଗୁଡିକର ସୁରକ୍ଷା, ଅଧୁନା ହାଇସ୍କୁଲରେ ଅନ୍ତର୍ଭୁକ୍ତ ହୋଇଥିବା ପୂର୍ବପ୍ରାଥମିକ ସ୍କୁଲରେ ପାଚେରୀ ନିର୍ମାଣ ସହିତ ବସିବା ପାଇଁ ବେଂଚ ଡେସ୍କ ବ୍ୟବସ୍ଥା, ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ ଯୋଗାଣ, ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଶତ ପ୍ରତିଶତ ଉପସ୍ଥାନ ପରିପ୍ରେକ୍ଷୀରେ ଅଭିଭାବକମାନେ ସଚେତନ ହେବା, ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନଆଦି ସଂପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ସାମନ୍ତରାୟ,ସୁଚିସ୍ମିତା ସେଠୀ ଏବଂ ଶିକ୍ଷକ ଶରତ ଚନ୍ଦ୍ର ବଳବନ୍ତରାୟବିଦ୍ୟାଳୟରେ୫-ଟି ଆଧାରରେ ଶିକ୍ଷାଦାନ ବ୍ୟବସ୍ଥା ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ସଂଯୋଜକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରି ବିଦ୍ୟାଳୟର ଉନ୍ନତି ପାଇଁ ଶିକ୍ଷା ବିଭାଗ, ବ୍ଲକ ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରଚେଷ୍ଟା ଜାରି ରହିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି, ପୁରାତନ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ସହଯୋଗ ଜାରି ରଖିବାକୁ ଅନୁରୋଧ କରିଥିଲେ ।

## ନେତା ନୀତି ....

(ପୃଷ୍ଠା ୭ର ଅବଶିଷ୍ଟାଂଶ)

କାରଣ ଯେଉଁ ପରିବାରରେ ବାପ+ ପୁଅ, ସ୍ୱାମୀ+ସ୍ତ୍ରୀ, ମା+ଝିଅ, ଭାଇ+ଭଉଣୀ ମଧ୍ୟ ନିଜ ରାଜନୀତିକ ସ୍ୱାର୍ଥ ହାସଲ ପାଇଁ ବିଭିନ୍ନ ରାଜନୀତିକ ଦଳରେ ଯୋଗ ଦେଉଛନ୍ତି ଓ ପ୍ରାର୍ଥୀ ହୋଇ ନିଜର ବଂଶୀୟ ପରଂପରାକୁ ନଷ୍ଟ କରୁଛନ୍ତି, ନିଜ ରକ୍ତ ନିଜ ରକ୍ତ ସହ ଶତୃତା ଆଚରଣ କରୁଛନ୍ତି। କେବଳ ଅର୍ଥ/ କ୍ଷମତା ପାଇଁ ଏମାନେ ମୋହଛଡା ହୋଇ ପାରୁଛନ୍ତି । ଏକ୍ଷେତ୍ରରେ ଏଭଳି ନେତା/ ନେତ୍ରୀଙ୍କୁ ଚିହ୍ନି ଚୟନ/ପସନ୍ଦ କରିବା ଅନୁଚିତ ।

ଦଳ ପରିବର୍ତ୍ତନ ଗଣତନ୍ତ୍ର ପାଇଁ ଶୋଭନୀୟ ନୁହେଁ । ଯେଉଁ ନେତାମାନେ ଏଭଳି ଦଳ ପରିବର୍ତ୍ତନ କରନ୍ତି, ସେମାନେ କେତେ ସଚ୍ଚୋଟ/ଆଦର୍ଶ/ ନିର୍ଭୀକ ଭାବ ମୂର୍ତ୍ତିର ନେତା ସେମାନଙ୍କ ଦଳ ପରିବର୍ତ୍ତନରୁ ସ୍ପଷ୍ଟ ହୋଇଯାଏ । ନିଜ ସ୍ୱାର୍ଥରେ ସାମାନ୍ୟତମ ପ୍ରତିବନ୍ଧକ ଦେଖାଦେଲେ ଏମାନେ ଦଳ ତ୍ୟାଗ କରନ୍ତି । ଏଭଳି ନେତାଙ୍କ ଭାବ ମୂର୍ତ୍ତି ପସନ୍ଦ କରିବା କେତେ ଦୂର ଯଥାର୍ଥ ତାହା ବିଚାରଯୋଗ୍ୟ । ଏମାନେ କେତେ ଦୂର ଧପାବାଜ୍/ ଟାଉଟର/ ଦୁର୍ନୀତି ଖୋର ନେତା 'ବର୍ଷା ଯୁଆଡେ ଛତା ସିଆଡେ/ ବତୀପେଲା ନେତା , ଏମାନଙ୍କର ନିଜସ୍ୱ ସ୍ଥିତି କିଛି ନାହିଁ , କହିଲେ ଚଳେ। ଦଳତ୍ୟାଗ କରି ଅନ୍ୟ ଦଳରେ ମିଶିବା ଅପେକ୍ଷା ସ୍ୱାଧିନ ଭାବରେ , ନିଜ ଶକ୍ତିର ପରିଚୟ ଦେବାକୁ ଏମାନଙ୍କ ସାହସ ନାହିଁ । ଦଳବଦଳ କରିବା ପଦ୍ଧତିକୁ ବାଛନ୍ଦ କରାଯିବା ଆବଶ୍ୟକ ।

ଦେଶର ଅବସ୍ଥା ଯାହା ହେଲାଣି ନକହିଲେ ଭଲ । ରାଜନୀତିକ ନେତାମାନଙ୍କ ବୃଥା ଆସ୍ଫାଳନରେ ଦେଶର ବିକାଶ ଘଟେ ନାହିଁ । ସାଧାରଣ ଜନତାଙ୍କ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି ଓ ସଂଘର୍ଷ କରି ଦିନ ବିତାଉଛନ୍ତି । ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟର ଅବନତି ଦେଖା ଦେଇଛି । ସାଧାରଣ ମଣିଷ ପେଟକୁ ଦୁଇଓଳି ଖାଇବାକୁ ପାଉନଥିବା ବେଳେ ନେତାମାନେ ପଞ୍ଚତାରକା ହୋଟେଲର ଶୀତତାପ ନିୟନ୍ତ୍ରଣ କୋଠରୀ ମଧ୍ୟରେ ରାତି ବିତାନ୍ତି । ଦେଶର ଆର୍ଥିକ ଅନଟନ ଦର୍ଶାଇ ବେକାରି ସୀମା ବୃଦ୍ଧି ପାଇବାରେ ଲାଗିଛି, ଅଥଚ ନିଜର ଦରମା, ଭତ୍ତା, ପେନସନ୍ ବୃଦ୍ଧି କରିବା ସଂଖ୍ୟା , ବିଭିନ୍ନ ଉପାୟରେ ବିଦେଶୀ ବ୍ୟାଙ୍କରେ ସାତ ପୁରୁଷ ପାଇଁ ସଞ୍ଚୟ କରିଚାଲିଛନ୍ତି । ଏବେ ସମୟ ଆସିଛି ଭୋଟରମାନେ କୌଣସି ଦଳର ନେତାଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଭାସିନଯାଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରନ୍ତୁ , ପସନ୍ଦ ପ୍ରାର୍ଥୀ ନଥିଲେ ନୋଟା ଅର୍ଥାତ କେହି ପସନ୍ଦ ନୁହନ୍ତି ମାଧ୍ୟମରେ ଜଣାଇ ଦିଅନ୍ତୁ । ନିଜର ଅମୂଲ୍ୟ ଭୋଟ ଖଣ୍ଡିକ ଯେଭଳି ଅପାତ୍ରରେ ନପଡୁ । ମଧୁ ବାରିଷ୍ଟର, ଗୋପବନ୍ଧୁ, ବିଜୁ ବାବୁଙ୍କ ଭଳି ସର୍ବତ୍ୟାଗୀ ନେତାଙ୍କ ଆବିର୍ଭାବ ଘଟୁ....!!!

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
+ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ଦୂରଭାଷା : ୯୪୩୭୭ ୪୦୨୮୦

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପୂଣ୍ୟତିଥି ପାଳନ ପାଇଁ ପ୍ରସ୍ତୁତି

ଖଇରା, ୧୨/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପୂର୍ବତନ ଅଧକ୍ଷ ତଥା ବିଶିଷ୍ଟ ଜନନାୟକ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ୨୧ତମ ମହାପ୍ରୟାଣ ଦିବସ ତାଙ୍କ ପ୍ରତିଷ୍ଠିତ ଅଲିପୁର ଶ୍ୟାମରାଇ ସଂସ୍କୃତ ମହାବିଦ୍ୟାଳୟରେ ଆସନ୍ତା ୧୭ତାରଖରେ ପାଳିତ ହେବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ସୋମବାର ଦିନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ସଭା ସାଙ୍ଗକୁ ବୃକ୍ଷରୋପଣ,ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବାକୁ ଲକ୍ଷ ରଖାଯାଇଛି । ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି, ଶିକ୍ଷକ ରବିନ୍ଦ୍ର ଦାଶ,ନିରଞ୍ଜନ ସାମଲ ଓ ଅଧ୍ୟାପିକା ଲତାଞ୍ଜଳୀ ଦାସ, ଅଧ୍ୟାପକ ନିରଞ୍ଜନ ନାୟକ, ଉମାକାନ୍ତ ନାୟକ, ରବିନ୍ଦ୍ର ପତ୍ରୀ, ପ୍ରଶାନ୍ତ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅଭିଭାବକ ମହାସଂଘର ଆମରଣ ଅନଶନ

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ବିଭିନ୍ନ ଦାବି ନେଇ ଅଭିଭାବକ ମହାସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶଙ୍କ ବାସଭବନ ସମ୍ମୁଖରେ ଅନଶନ କରାଯାଉଛି। ନେଇ ଅଭିଭାବକ ମହାସଂଘ ପକ୍ଷରୁ କରାଯାଇଥିବା ଦାବି ମଧ୍ୟରେ ସ୍କୁଲରେ ଯେଉଁ ସୁବିଧା ଯୋଗାଉଛନ୍ତି, ସେହି ଅନୁସାରେ ଫିସ ନିର୍ଧାରଣ କରାଯିବା, କରୋନା ପାଇଁ ସ୍କୁଲ ଫିସ ଛାଡ଼ ନିର୍ଦ୍ଦେଶର କାର୍ଯ୍ୟକାରିତା ନେଇ ସ୍କୁଲ ଅନୁଯାୟୀ ରିପୋର୍ଟ ଦାଖଲ କରାଯିବା, ଆଇନତଃ ସ୍କୁଲ ବ୍ୟାଗ ଓଜନ ଦେଢ଼ କେଜି ରୁ ୫ କେଜି ପଯ୍ୟନ୍ତ ଥିବା ନିୟମ ପାଳନ କରାଯିବା ସାମିଲ ରହିଛି । ସେହିପରି ସବୁ ସ୍କୁଲକୁ ଏନସିଇଆରଟି ବହିରେ ପାଠ ପଢାଇବା, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫% ମାଗଣା ସିଟରେ ପୁଣିଥରେ ପୋର୍ଟାଲ ଖୋଲି ଆଡମିସନ କରାଯିବା, ବିନା ସ୍ୱୀକୃତିରେ ଚାଲୁଥିବା ବେଆଇନ ସ୍କୁଲ ବନ୍ଦ ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, ସର୍ବସାଧାରଣଙ୍କ ପଇସା ନେଇ ଶହ ଶହ କୋଟି ଟଙ୍କା କାରବାର କରୁଥିବାରୁ ପ୍ରାଇଭେଟ ସ୍କୁଲ ମାନଙ୍କର ସ୍ୱତନ୍ତ୍ର ଅଡିଟ କରାଯିବା ଆଦି ଦାବି ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନକଲି ଔଷଧ କାରବାରର ମୁଖ୍ୟ....

ତାଲା ପକାଇପାରେ ପୋଲିସ । ନକଲି ଔଷଧ ବିକ୍ରି ବ୍ୟବସାୟ ବଢାଇବା ପଛରେ କିଏ ? ଔଷଧ ନାଁରେ ଲୋକଙ୍କ ଜୀବନ ସହ ଖେଳ ଖେଳିବାର ନାଟକ କିଏ ରଚିଥିଲା ? ଏବଂ କଟକର ଏହି ଦୁଇ ଔଷଧ ବ୍ୟବସାୟୀଙ୍କ ସହ କିପରି ଯୋଗାଯୋଗ ହେଲା ? କାହିଁକି ଗ୍ଲେନମାର୍କ କମ୍ପାନୀର ନାଁକୁ ବ୍ୟବହାର କରୁଥିଲେ ? ରାଜ୍ୟ ବାହାରକୁ ଯାଇ ତଦନ୍ତକାରୀ ଟିମ୍ ଏହି ସବୁ ପ୍ରଶ୍ନର ଉତ୍ତର ଖୋଜିବ ବୋଲି ସୂଚନା ମିଳିଛି । ତେବେ ଏହା ପୂର୍ବରୁ ଦୁଇ ଅଭିଯୁକ୍ତ ସଞ୍ଜୟ ଜଲାଲ ଓ ରାହୁଲ କୟାଲ ଆତ୍ମସମର୍ପଣ କରିବା ପୋଲିସକୁ ଆବଶ୍ୟକ ପ୍ରମାଣ ଯୋଗାଇବ ବୋଲି ଆଶା କରାଯାଉଛି ।

### ଅଟୋରେ ଡ୍ରାଇଭରଙ୍କ ଘରକୁ ....

ଭାଇରାଲ ହୋଇଥିଲା । ଆପଣ ମୋ ଘରକୁ ଡିନର ପାଇଁ ଆସିବେ କି କହି ପ୍ରେମଭରା ନିମନ୍ତ୍ରଣ କରିଥିଲେ। ବିକ୍ରମ ଲଲତାନି ନାମକ ଜଣେ ଅଟୋ ଡ୍ରାଇଭର କେଜ୍ରିୱାଲଙ୍କୁ ଏଭଳି କହି ନିମନ୍ତ୍ରଣ କରିଥିଲେ। ପ୍ରତିଉତ୍ତରରେ କେଜ୍ରିୱାଲ 'ଜରୁର ଆୟେଙ୍ଗେ ବୋଲି କହିଥିଲେ। ମୁଁ ନିଶ୍ଚୟଆସିବି। କେଜ୍ରିୱାଲ କହିଥିଲେ ଯେ, ପଞ୍ଜାବରେ ମୁଁ ୨ ଜଣ ଅଟୋ ଡ୍ରାଇଭରଙ୍କର ଘରକୁ ଯାଇଥିଲି। ପଞ୍ଜାବର ଅଟୋ ଡ୍ରାଇଭର ମୋତେ ଭଲ ପାଆନ୍ତି। ସ୍ନେହ ଆଦର କରନ୍ତି। ଗୁଜରାଟରେ ଅଟୋ ଡ୍ରାଇଭର ମଧ୍ୟ ସମାନ ଢଙ୍ଗରେ ଆଦର କରନ୍ତି। ଆଜି ରାତିରେ ନିଶ୍ଚିତ ଡିନର କରିବି ବୋଲି କେଜ୍ରିୱାଲ କହିଥିଲେ। ଏହି ବାର୍ତ୍ତାଳାପ ମଧ୍ୟରେ ସନ୍ଧ୍ୟା ୮ଟାରେ ଭେଟଘାଟ ପାଇଁ ସ୍ଥିର ହୋଇଥିଲା। କଥାବାର୍ତ୍ତା ଛଳରେ ମୋତେ ହୋଟେଲରୁ ତୁମ ଅଟୋରେ ପିକ୍ କରିବ କି କେଜ୍ରିୱାଲ ବିକ୍ରମଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ ବିକ୍ରମ ଅତି ଖୁସିରେ ହଁ ଭରିଥିଲେ।

### ଜ୍ଞାନବ୍ୟାପୀ ମସଜିଦ ମାମଲା....

ଜ୍ଞାନବ୍ୟାପୀ ମାମଲାର ଶୁଣାଣି ଯୋଗ୍ୟ ନା ନାହିଁ ସେ ନେଇ ଜିଲ୍ଲା କୋର୍ଟରେ ଶୁଣାଣି ଚାଲିଛି। ସେପଟେ ଏହି ଶୁଣାଣିକୁ ଦୃଷ୍ଟିରେ ରଖି ଆଜି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କୋର୍ଟ ପରିସରରେ ଶହ ଶହ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ପୂରା ଅଞ୍ଚଳରେ ହାଇଅଲର୍ଟ ମଧ୍ୟ ଜାରି କରାଯାଇଥିଲା। ୧୮ ଅଗଷ୍ଟ ୨୦୨୧ରେ ଜ୍ଞାନବ୍ୟାପୀ ମସଜିଦ୍ ପରିସରରେ ଥିବା ଶୃଙ୍ଗାର ଗୌରୀ ମନ୍ଦିରରେ ୧୯୯୧ ମସିହା ପୂର୍ବରୁ ଯେପରି ପୂଜାର୍ଚ୍ଚନା ହେଉଥିଲା ଏବେ ବି ସେପରି ପୂଜାର୍ଚ୍ଚନା କରିବା ପାଇଁ ଆବେଦନକାରୀ ମହିଳାମାନେ ଦାବି କରିଥିଲେ। ଏପରିକି ମସଜିଦ ବାହ୍ୟ କାନ୍ଥରେ ଶୋଭା ପାଉଥିବା ହିନ୍ଦୁ ଦେବାଦେବୀଙ୍କ ନିୟମିତ ପୂଜାର୍ଚ୍ଚନା ପାଇଁ ମଧ୍ୟ ଅନୁମତି ଦେବାକୁ ଆବେଦନ କରାଯାଇଥିଲା।

### ଆର୍ଏସ୍ଏସ୍ ପ୍ୟାଣ୍ଟରେ....

ଏମାନେ ଭାରତ ଯୋଡୋ ଯାତ୍ରା ନୁହେଁ ନିଆଁ ଲଗାଇବା ଯାତ୍ରା କରୁଛନ୍ତି।' କେବଳ ସେତିକି ନୁହେଁ ବିଜେପି ଅନ୍ୟ ନେତାମାନେ ମଧ୍ୟ ସୋଶାଲ ମିଡିଆରେ କଂଗ୍ରେସ ଏହି ଫଟୋ ପୋଷ୍ଟକୁ ନେଇ ବିରୋଧ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଗିରିରାଜ କହିଛନ୍ତି, 'କଂଗ୍ରେସର ଏହା ହେଉଛି ପାରିବାରିକ ବୃତ୍ତି। ସେମାନେ ଦେଶ ଭାଙ୍ଗିବେ ନଚେତ ଦେଶ ଜାଳିଦେବେ।'

### ସରକାର-ଚୁକ୍ତିଭତ୍ତିକ କର୍ମଚାରୀ....

ଚାକିରୀ ଆଶାୟୀ ଓପିଏସ୍ ପରୀକ୍ଷା ଦେବେ। ସାକ୍ଷାତକାରର ସାମନା କରିବେ। ଆଉ ତାହା ପରେ ଯାଇ ୬ ବର୍ଷିୟା ଠିକାରେ ନିଯୁକ୍ତି ପାଇବେ। ସେମାନଙ୍କର ଦରମା ୨୩ ହଜାର, ୧୩ ହଜାର ଓ ୧୨ ହଜାର ରଖାଯାଇଥିଲା।ଏହାପରେ ସେମାନଙ୍କୁ ନିୟମିତ କରାଗଲେ, ଠିକା ସମୟର ୬ ବର୍ଷକୁ ସେଥିରେ ମିଶାଯିବାର ବ୍ୟବସ୍ଥା ନଥିଲା। ଏହି ପଦ୍ଧତିରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ପଦୋନ୍ନତିରେ ସମସ୍ୟା ଭୋଗିଛନ୍ତି। ସେହିପରି ଅବସରକାଳୀନ ସୁବିଧା, ମହଙ୍ଗା ଭତା, ଘରଭଡ଼ା ଆଦି ପାଇବାର ବ୍ୟବସ୍ଥା ନଥିଲା। ଏହାକୁ ବିରୋଧ କରି ଗତକାଲି ଯୋରଦାର ଆନ୍ଦୋଳନ କରାଯାଇଥିଲା।

## ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ପୂର୍ବତନ କେନ୍ଦ୍ରୀୟ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର, ୧୨/୯(ନି.ପ୍ର): ନିକଟରେ ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ତଥା ଏବର ଉପଦେଷ୍ଟା ଡା ଗୁରୁଚରଣ ମହାନ୍ତିଙ୍କ ବିୟୋଗରେ ଜଳେଶ୍ୱର ଶାଖା ପକ୍ଷରୁ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଭଞ୍ଜଶ୍ରୀ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱର ଶାଖା ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ ଜଳେଶ୍ୱର ଶାଖାର ଉପସଭାପତି ଅରୁଣ ବେଜ ଓ ଅଶୋକ ଦାସ, ସଂପାଦକ ସୁନିଲ ନାୟକ, ସାଗଠନିକ ସଂପାଦକ ମନୋରଂଜନ ଦାସ, ସହ ସଂପାଦକ ହେମନ୍ତ ଗିରି, କୋଷାଧ୍ୟକ୍ଷ ଡ. ଅଜିତ୍ କୁମାର ମହାନ୍ତି, ଡ. ରମାକାନ୍ତ ଭଂଜ, ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ବନମାଳୀ ଧଳ, ଭାସ୍କରଚନ୍ଦ୍ର ମିଶ୍ର ପ୍ରମୁଖ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଓଡିଶାର ବିଛିନ୍ନାଞ୍ଚଳରେ ଶିକ୍ଷାର ପ୍ରସାର ଲାଗି ଚାଟଶାଳି ଖୋଲି ପାଠ୍ୟଉପକରଣ ଯୋଗାଇବା, ଆମେରିକାରେ ଉତ୍କଳ ସମ୍ମିଳନୀର ଶାଖା ପ୍ରତିଷ୍ଠା କରିବାରେ ତାଙ୍କର ପ୍ରଚେଷ୍ଟା ଅତୁଳନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା ।

## ସୁଭଦ୍ରା ମହତାବ ସ୍ମୃତି ଦିବସ ପାଳିତ

ପୁରୀ,୧୨/୦୯ (ନି.ପ୍ର): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟିକା ସ୍ୱର୍ଗତ ସୁଭଦ୍ରା ମହତାବଙ୍କ ୪୪ ତମ ସ୍ମୃତି ଦିବସ ବଳଗଣ୍ଡି ସ୍ଥିତ ସୁଭଦ୍ରା ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେଡ଼ିର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଂଟିଆ, ମୁକ୍ତି ମଣ୍ଡପ ପଣ୍ଡିତ ସୂର୍ଯ୍ୟନାରାୟଣ ରଥ,ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ,ପ୍ରଜାତନ୍ତ୍ରର ଆଞ୍ଚଳିକ ମୁଖ୍ୟ ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ନାରୀ ଜାଗରଣ ଓ ନେତୃତ୍ୱ ଗୁଣର ଅଧିକାରୀ ଥିଲେ ସ୍ୱର୍ଗତ ସୁଭଦ୍ରା ମହତାବ । ଏହି ସ୍ମୃତି ସଭାରେ ବୁଦ୍ଧିଜୀବୀ, କବୟିତ୍ରୀ, କଳାକାର, ସାମ୍ବାଦିକ ଓ ମହିଳାମାନେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା ।

## ଖୋର୍ଦ୍ଧା ପୌର ପରିଷଦ ମଧ୍ୟରେ ସବୁ ଘରୋଇ ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର

ଖୋର୍ଦ୍ଧା, ୧୨/୦୯ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ସହର ପୌର ପରିଷଦ ମଧ୍ୟରେ ଛତୁ ଫୁଟିଲା ଭଳି ଗଢି ଉଠିଥିବା ଘରୋଇ ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର ହୋଇ ଯାଇଛି ଶୁଣିବାକୁ ମିଳେ। ଖୋର୍ଦ୍ଧା ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀମତୀ ସନ୍ଧ୍ୟା ରାଉତ ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ତରାଇ ପରିଦର୍ଶନ କରି ଖୋର୍ଦ୍ଧା ବ୍ଲକ୍ ଖୋର୍ଦ୍ଧା ପୌରପରି ସଦରେ ଥିବା ଘରୋଇ ସ୍କୁଲ ସ୍ୱୀକୃତି ପ୍ରତ୍ୟାହାର କରିଦେଇଛନ୍ତି। କେବଳ ଖୋର୍ଦ୍ଧା ଏସ, ଡି, ଏ , ସ୍କୁଲ ୫ ବର୍ଷ ପାଇଁ ସ୍ୱୀକୃତି ପାଇଛି । ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଫିସରୁ ଖବର ମିଳିଛି। କିଛି ବେକାର ଯୁବକ ଯୁବତୀ ସରକାରୀ ମୂଲ୍ୟବାନ ଜାଗା ବହୁ ଏକର ଜବର ଦଖଲ କରି ମାଡିବସି ଶିକ୍ଷା ବ୍ୟବସାୟ କରଣ କରି ଚାଲିଛନ୍ତି। ଏହି ଜାଗା ଉପରେ ମୂଲ୍ୟବାନ କୋଠା ଗଢି ଉଠିଛି। ଏହି ସ୍କୁଲ ମାନଙ୍କରେ ବେକାର ଉଚ୍ଚ ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେଇ ଜଣକୁ ୨୦୦୦ରୁ ୫୦୦୦ହଜାର ଦରମା ଦେଇ ଗୋଟି ଶ୍ରମିକ ଭାବେ ଖଟାଇ ରଖିଛନ୍ତି। ଉକ୍ତ ସ୍କୁଲ ମାନଙ୍କରେ ତାଲିମ ପ୍ରାପ୍ତ ଶିକ୍ଷକ ପ୍ରାୟ ନାହାଁନ୍ତି। ପିଲାଙ୍କ ଅଭିଭାବକ ମାନଙ୍କ ଠାରୁ ମୋଟା ଅଙ୍କରେ ମାସିକ ପାଉଣା ଓ ଆଡ଼ମିଶନ ବେଳେ ବିଭିନ୍ନ ଆଳ ଦେଖାଇ ବହୁ ଟଙ୍କା ନେଇଥାନ୍ତି। ସରକାରୀ ନିୟମ ଅନୁଯାୟୀ ଉକ୍ତ ଘରୋଇ ସ୍କୁଲ ମାଲିକ ନିଜର ଜାଗା, ଖେଳ ପଡ଼ିଆ ଆଦି ପ୍ରାୟ କିଛି ନାହିଁ। ଯେଉଁ ସରକାରୀ ଜଗା ବହୁ କୋଟି ଟଙ୍କା ମୂଲ୍ୟ, ଖୋର୍ଦ୍ଧା ଟାଉନ ମଧ୍ୟରେ ହେବ ତାକୁ ଜବର ଦଖଲ କରି ଦେଇଛନ୍ତି। କେତେ ଜଣ ମାଲିକ୍ ତାଙ୍କ ରହିବା ଘରକରି ପିଲା ଛୁଆ ଧରି ରହି ଆସୁଛନ୍ତି। ଖୋର୍ଦ୍ଧା ବ୍ଲକ୍ ଦକ୍ଷ ସଚ୍ଚୋଟ ଶିକ୍ଷା ଅଧିକାରୀ ଯାହା ତାଙ୍କ ତଦନ୍ତ ସମୟେ ଦେଖିଲେ, ତାହା ଖୋର୍ଦ୍ଧା ଜିଲ୍ଲା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ଗଣ ଶିକ୍ଷା ନିର୍ଦ୍ଦେଶକ ଏହି ଘରୋଇ ସ୍କୁଲ ସମୂହକୁ ୫ ବର୍ଷ ପାଇଁ ସ୍ୱୀକୃତି ଦେଇ ନାହାଁନ୍ତି। ଖୋର୍ଦ୍ଧା ମୁଖ୍ୟ ଦପ୍ତରରେ କେବଳ ଏସ ଡି ଏ ସ୍କୁଲ ସ୍ୱୀକୃତି ପାଇଛି।

## ମୁନିସମାଜ ମେଲକ ଶାଖା -ସଦ୍ଜ୍ଞାନ ଜାଗୃତି ସେବାଶ୍ରମର ବୃକ୍ଷରୋପଣ କାର୍ଯ୍ୟକ୍ରମ



ମେଲକ, ୧୨/୦୯ (ନି.ପ୍ର): ରବିବାର ଦିବା ୩.୩୦ସମୟରେ, ଆଶ୍ରମର ସାପ୍ତାହିକ ସତ୍ସଙ୍ଗର ପ୍ରଥମ ପର୍ଯ୍ୟାୟରେ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ବାରିକଙ୍କ ୭୪ ତମ ଶୁଭ ଜନ୍ମଦିନ ପାଳନ ଉଦ୍ଦେଶ୍ୟରେ, ତଳତାପଣ୍ଡା ଖେଳପଡିଆ ନିକଟରେ, ଆଜିର ମୁଖ୍ୟ ଅତିଥି ଶ୍ରୀଯୁକ୍ତ ହେମନ୍ତ କୁମାର ବିଶ୍ୱାଳଙ୍କ କର କମଳରେ ସର୍ବ ପ୍ରଥମେ ଏକ କୃଷ୍ଣଚୂଡ଼ା ବୃକ୍ଷ ରୋପଣ କରାଯାଇଥିଲା ଏବଂ ତତ୍ପୁର୍ଶ୍ୱରେ ସମସ୍ତ ସଦସ୍ୟ-ସଦସ୍ୟା ମାନଙ୍କ ସହଯୋଗରେ ବାଡ ଦ୍ୱାରା ଆବଦ୍ଧ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ, ଜନ୍ମଦିନ ପାଳନ ଉପଲକ୍ଷେ ଯୋଗୀ ଅନ୍ତର୍ଯ୍ୟାମୀ ମୁନିଙ୍କ ସଭାପତିତ୍ୱରେ ସମୂହ ପ୍ରଣବ ଶୁଭ ଭାବନା କରାଯାଇ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ମୁଖ୍ୟବକ୍ତା ଯୋଗୀ ମହେଶ୍ୱର ମୁନି ବେଦ ପାଠ, ଶାନ୍ତି ପାଠ କରିଥିଲେ । ତୃତୀୟ ପର୍ଯ୍ୟାୟରେ ସତସଙ୍ଗ ପରିଚାଳନା କରିଥିଲେ ଆଶ୍ରମର ସ୍ଥାୟି ସଭାପତି ମୁନି ରାଜ ଦାଶରଥି ରାଉତ ମହୋଦୟ । ଯୋଗ, ସ୍ୱାସ୍ଥ୍ୟ, ଆତ୍ମଜ୍ଞାନ ଓ ସ୍ୱତନ୍ତ୍ର ବିଚାର ଉପରେ ଆଲୋକପାତ କରାଯାଇଥିଲା । ସମସ୍ତଙ୍କର ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଉପରେ ଆଶୀର୍ବାଦ କରାଯାଇ ସଭାର ବୀରତି ଘୋଷଣା କରାଯାଇଥିଲା । ଉପସ୍ଥିତ ଥିଲେ-ଯୋଗୀ ମହେଶ୍ୱର ବାଗ, ଯୋଗଶିକ୍ଷୟତ୍ରୀ ହୀରା ସତମଣୀ ଜେନା, ଦୁଃଖ ହରି ଦାସ,ସଞ୍ଜିବ କୁମାର ଦଳାଇ, ସୁବାସ ଚନ୍ଦ୍ର ବେହେରା, ଗୋପିନାଥ ବାଗ, ହରେକୃଷ୍ଣ ରାଉଳ,ପୁରୁଷୋତ୍ତମ ଗାଣ, ମୁନି ନଗେନ୍ଦ୍ର ଜେନା, ମୁନି ରାଜ ସଦାଶିବ ଜେନା, ମୁନିମତୀ ଅନି ଦଳାଇ, ରଶ୍ମିତା ରାଉଳ ଏବଂ ମୁନିକୁମାରୀ ଅର୍ପିତା ରାଉଳ ଇତ୍ୟାଦି ।

## ବାସୁଦେବପୁର ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର



ଭଦ୍ରକ,୧୨/୦୯ (ନି.ପ୍ର): ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ବାସୁଦେବପୁର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ଚରଣ ସିଂ ମୀନା ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରିଥିଲେ । ତନ୍ମଧ୍ୟରେ ୫୮ ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଥିବା ବେଳେ ୧୧ ଟି ଥିଲା ସାମୂହିକ ସମସ୍ୟା ସମ୍ବନ୍ଧୀୟ । ବିଧାୟକ ବାସୁଦେବପୁର ବିଷ୍ଣୁବ୍ରତ ରାଉତରାୟ, ସଭାପତି ଜିଲ୍ଲାପରିଷଦ ପ୍ରଫୁଲ୍ଲ କୁମାର ଜେନା, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବି.ଡ଼ି.ଓ.ବାସୁଦେବପୁର ସତ୍ୟଜିତ୍ ରାଉତ ଏହି ଶିବିର ଆୟୋଜନ ଓ ପରିଚାଳନା ନେଇ ଆନୁସଙ୍ଗିକ ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାନା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଶୁଣାଣି ବେଳେ ଆବଶ୍ୟକମତେ ଉତ୍ତର ରଖିଥିଲେ। ସମାଧାନ ସମ୍ଭବ ଅଭିଯୋଗ ଗୁଡ଼ିକର ଯଥାଶୀଘ୍ର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ବିଶେଷ କରି ଜମିଜମା, ରେସନ୍ କାର୍ଡ଼, ସ୍କୁଲରେ ଶିକ୍ଷକ, ପ୍ରଧାନଶିକ୍ଷକ ନଥିବା, ପାନୀୟ ଜଳଯୋଗାଣ, ସାମାଜିକ ସୁରକ୍ଷାରେ ବିଭିନ୍ନ ଭତ୍ତା, ବିଦ୍ୟୁତ୍, ଗ୍ରାମାଞ୍ଚଳ ଉନ୍ନୟନ ଆଦି ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା ।

## ତ୍ରୁଟିପୂର୍ଣ୍ଣ ଚିକିତ୍ସାରେ ଛେଳି ମୃତ : ଥାନାରେ ମାମଲା

ଜଳେଶ୍ୱର, ୧୨/୯(ନି.ପ୍ର): ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ଗରିବ, ଖଟିଖିଆ ଆଦିବାସୀର ବହୁ ଛେଳି ମରିଥିବାର ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଆରୁହା ପଂଚାୟତର ନିମପୁର ଗ୍ରାମର ହରି ବେଶ୍ରା ଛେଳି ଓ କୁକୁଡା ପାଳନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଗତ ବନ୍ୟାପରେ ତାର ଗୋଟିଏ ଛେଳିକୁ ଜ୍ୱର ହେବାରୁ ସେ ନିକଟସ୍ଥ ଗୋମିତ୍ର ପ୍ରଭାକର ହୁଇଙ୍କୁ ଚିକିତ୍ସାଲାଗି ଯୋଗାଯୋଗ କରିଥିଲା । ପରଦିନ ହରିବେଶ୍ରା ଓ ତାର ସ୍ତ୍ରୀ ଘରେ ନ ଥିବା ବେଳେ ପ୍ରଭାକର ସମସ୍ତ ୬ଟି ଛେଳିଗୁଡିକୁ ଇଞ୍ଜେକ୍ସନ ଦେଇଥିବା ଥାନାରେ ଅଭିଯୋଗ କରି ନ୍ୟାୟ ପ୍ରାର୍ଥନା କରିଛି । ଏ ସମ୍ପର୍କରେ ଆଜି ଗୋଷ୍ଠି ପଶୁଚିକିତ୍ସକ ଡା ସୁନିଲ କୁମାର ଭୂୟାଁଙ୍କୁ ପଚାରିବାରୁ ସେ କିଛି ଜାଣିନଥିବା କହିଛନ୍ତି ।

## ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ ନେଇ ମାମଲା ରୁଜୁ

କୋରେଇ,୧୨/୦୯ (ନି.ପ୍ର): ସ୍ୱାମୀର ବାରମ୍ବାର ସ୍ତ୍ରୀକୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ପରେ ମରଣାନ୍ତକ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ ନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ବେଙ୍ଗାସାହିର ଗୋପି ମୁଣ୍ଡାଙ୍କ ସ୍ତ୍ରୀ ସୀତା ମୁଣ୍ଡାଙ୍କ ଅଭିଯୋଗ ମୁତାବକ ତାଙ୍କ ଝିଅ କଣ୍ଢେଇ ପ୍ରଧାନଙ୍କୁ ଜ୍ୱାଇଁ ଜଗା ପ୍ରଧାନ ବାରମ୍ବାର ମାରଧର କରେ। ହେଲେ ତାକୁ ମରଣାନ୍ତକ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ ଦେଇଛି । ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ୨୦୫/୨୨ ରୁଜୁ କରି ତଦନ୍ତ ଜାରି ରଖିଛି ।

## ବୈଶାଖୀ ମହୋତ୍ସବର ପ୍ରାଣପ୍ରତିଷ୍ଠାତା ବିଶିଷ୍ଟ ଯୁବକଳାକାର ସତ୍ୟନାଥ ମାଝୀଙ୍କ ଅକାଳ ବିୟୋଗ



ବାଲେଶ୍ୱର, ୧୨/୦୯ (ନି.ପ୍ର): କଳାସଂସ୍କୃତିର ନିରବଚ୍ଛିନ୍ନ ସାଧକ, ସମାଜସେବୀ ସତ୍ୟନାଥ ମାଝୀ ଯିଏ କଳାଜଗତରେ ବାବୁଲିଭାଇ ନାମରେ ଖ୍ୟାତ ଆଉ ନାହାନ୍ତି। ମାତ୍ର ୫୫ ବର୍ଷ ବୟସରେ ଗତ ଅଗଷ୍ଟ ୩୧ ତାରିଖ ରାତି ୪ଟା ୩୦ମିନିଟ୍ ସମୟରେ ତାଙ୍କର ହୃଦ୍ଘାତଜନିତ କାରଣରୁ ବାଲେଶ୍ୱର ସହର ଉପକଣ୍ଠସ୍ଥ ନିଜର କଞ୍ଚନିବାଗ ବାସଭବନରେ ପରଲୋକ ଘଟିଛି। ସେ ଏକଧାରାରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ମଂଚଶିଳ୍ପୀ, ସାମାଜିକକର୍ମୀ ଥିଲାବେଳେ ସବୁରି ଦୁଃଖର ଦୁଃଖୀ, ପରୋପକାରୀ ଯୁବକ ଥିଲେ। ସେ ଥିଲେ ବାଲେଶ୍ୱର ବଙ୍କାଖଜୁରୀ କାଦରାବାଦ୍ଠାରୁ ସାରଗାଁ ଗ୍ରାମପଞ୍ଚାୟତ ମାଟିର ସ୍ପନ୍ଦନ, ଯୁବକମାନଙ୍କର ଏକ ନିଆରା ଦୃଷ୍ଟାନ୍ତ। ବୈଶାଖୀ ମହୋତ୍ସବ କମିଟି, ଈଶାଣୀ ସୌଜନ୍ୟରେ ଗତ ୧୧ ତାରିଖ ସନ୍ଧ୍ୟାରେ ତାଙ୍କର ଏକାଦଶାହ ଶ୍ରଦ୍ଧାଞ୍ଜଳି ଅବସରରେ ବୈଶାଖୀ କମିଟିର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ସ୍ଥାନୀୟ ପବିତ୍ରରିଷ୍ଠା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଡ୍. ଅଶୋକ ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ, ଉପସଭାପତି ନରେନ୍ଦ୍ର ଦାସ, ଲକ୍ଷ୍ମୀଧର ସ୍ୱାଇଁ, ସାରିକା କର, ପୂର୍ଣ୍ଣଚନ୍ଦ୍ର ରାଉତ, ସୁଶାନ୍ତ ଶତପଥୀ, ବାସନ୍ତୀ ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧନାରେ ବାଲେଶ୍ୱର ଜିଲ୍ଲା ପରିଷଦର ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ, ସାରଗାଁ ଗ୍ରା.ପ. ସରପଞ୍ଚ ସାବିତ୍ରୀ ଶତପଥୀ, ସମିତି ସଦସ୍ୟ ସୂର୍ଯ୍ୟ ମିଶ୍ର, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ, ପୂର୍ବତନ ପୌରସଦସ୍ୟ ଭାଗବତ ସାହୁ, ପୌରସଦସ୍ୟ ମୀତା ପଟ୍ଟନାୟକ, ମୀନା ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ସୋନାଲି ବିଶ୍ୱାଳ, ବିଜୁ ଜନତା ଦଳର ସଦର ନିର୍ବାଚନମଣ୍ଡଳୀ ଅଧକ୍ଷ ବସନ୍ତ ପଣ୍ଡା, ବିଶିଷ୍ଟ ଶିଳ୍ପପତ୍ନୀ ଶ୍ରୀମତୀ ଅଲିଭା ଦାସ, କଞ୍ଚନିବାଗ-ପଦାଗାଁ-କାଦରାବାଦ ଦୁର୍ଗାପୂଜା କମିଟିର ସଭାପତି ଶଶିକାନ୍ତ ଜେନା, ସଂପାଦକ ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ବାବୁଲିପ୍ରେମୀମାନେ ଶୋକାଞ୍ଜଳି ପ୍ରଦାନ ପୂର୍ବକ ଦିବଂଗତ ସତ୍ୟନାଥ ମାଝୀଙ୍କ ଅକାଳ ବିୟୋଗରେ ଭାବୋଚ୍ଛ୍ୱାସ ପ୍ରକାଶ କରିଥିଲେ। ପରିଶେଷରେ ସତ୍ୟନାଥ ମାଝୀଙ୍କ କନିଷ୍ଠଭ୍ରାତା ସୁରେଶ ମାଝୀ (ଫୁଲୁଲୁ) ନିଜର ସଂକ୍ଷିପ୍ତ ବାଷ୍ପାକୁଳ ବକ୍ତବ୍ୟ ରଖିଥିଲାବେଳେ ବୈଶାଖୀ ମହୋତ୍ସବ କମିଟିର ସହସଂପାଦକ ପ୍ରଫୁଲ୍ଲ ନାୟକ ଶୋକାକୁଳ ବାବୁଲିପ୍ରେମୀମାନଙ୍କୁ ଧନ୍ୟବାଦ ଅର୍ପଣକରିଥିଲେ।

## ଗହିରସିମୂଳିଆ ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ



ମଥାନ, ୧୨/୦୯ (ନି.ପ୍ର): ରବିବାର ଗହିରସିମୂଳିଆ ଶିବମୁନି ଯୋଗାଶ୍ରମରେ, ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କର ୭୪ ତମ ଶୁଭ ଜନ୍ମଦିନ, ଆଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ ସୃଷ୍ଟିଧର ନାୟକଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇ ଯାଇଛି ।ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ ଏବଂ ମୁନି ସଙ୍ଗୀତ,ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ଆତ୍ମଦର୍ଶୀ ମୁନିରାଜ୍ଞୀ ରୁକ୍ମିଣୀ ନାୟକ ମହୋଦୟା । ଉପସ୍ଥିତ ଥିଲେ ମୁନି ଭକ୍ତ ହରି ବେହେରା, ମୁନି ରବିନ୍ଦ୍ର ବେହେରା, ମୁନି ମତୀ ଅନିମା ମହାପାତ୍ର, ମୁନିମତୀ ଇନ୍ଦ୍ରମଣୀ ମହାପାତ୍ର, ଏବଂ ମୁନିମତୀ ବାସନ୍ତୀ ବେହେରା ଇତ୍ୟାଦି ବହୁ ମୁନି, ମୁନିମତୀ ମାନେ । ପ୍ରଥମେ ଜୟଧ୍ୱନୀ, ସମୂହ ପ୍ରଣବ, ଶୁଭ ଭାବନା ମିଶ୍ରିତ ପ୍ରଣବ କରାଯାଇ, ବରିଷ୍ଠ ଯୋଗୀଙ୍କର ଦୀର୍ଘ ନୀରୋଗ ନିରାମୟ ଯୋଗମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଚକ୍ରଭେଦନ କ୍ରିୟା ଜାରି ରଖି ଚାଲିଥିଲେ, ଜଣେ ସୁଖ-ଶାନ୍ତି-ଆନନ୍ଦରେ ନିଶ୍ଚୟ ଜୀବିକା ନିର୍ବାହ କରି ପାରିବ ଏବଂ ତା'ର ସମସ୍ତ ଆବଶ୍ୟକତା ପ୍ରକୃତି ହିଁ ସର୍ବଦା ପୁରଣ କରିଚାଲିଥିବ-ଏହା ସମସ୍ତ ବକ୍ତା ଦୃଢତାର ସହିତ ପ୍ରକାଶ କରିଥିଲେ । ଶେଷରେ ମୁନି ଚକ୍ରଧର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବାଲେଶ୍ୱର, ମଙ୍ଗଳବାର, ୧୩ ସେପ୍ଟେମ୍ବର, ୨୦୨୨
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ପ୍ରଦର୍ଶନୀ ପଡ଼ିଆରେ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର, ୧୨/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବୟନିକା ଦ୍ୱାରା ୟୁନିଟ୍ -୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ୨୧ତମ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାର ଆୟୋଜିତ ହୋଇଛି । ଏହି 'ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା' ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ । ସୋମବାର ସନ୍ଧ୍ୟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଏହି ମେଳାକୁ ଉଦ୍ ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର (ମ୍ଧ) ବିଧାୟକ ଅନନ୍ତ ନାରାୟଣ ଜେନା, ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ବୟନଶିଳ୍ପ ନିର୍ଦ୍ଦେଶାଳୟ ଓ ବୟନିକାର ପଦାଧିକାରୀବୃନ୍ଦ ଯୋଗ ଦେଇଥିଲେ। ଏହି ମେଳାରେ ୨୧୫ଟି ଷ୍ଟଲ ଖୋଲାଯାଇଛି। ଏଥି ମଧ୍ୟରୁ ୧୧୫ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ସଂସ୍ଥା ଓ ସମିତିମାନଙ୍କୁ ପ୍ରଦର୍ଶନୀ ନିମନ୍ତେ ଦିଆଯାଇଛି। ଅନ୍ୟ ୧୦୦ଟି ଷ୍ଟଲ ଅନ୍ୟ ରାଜ୍ୟର ଅଂଶଗ୍ରହଣକାରୀ ସଂସ୍ଥାଙ୍କୁ ଆବଂଟନ କରାଯାଇଛି । ଏହି ମେଳାରେ ଉତରପ୍ରଦେଶ, ଜାମ୍ମୁ ଓ କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ହରିୟାନା ଏବଂ ଓଡ଼ିଶାର ବିଭିନ୍ନ ସଂସ୍ଥା/ସମିତି ଅଂଶଗ୍ରହଣ କରି ସେମାନଙ୍କର ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଓ ପରିଧାନର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଗୁଜୁରାଟର ପଟୋଲା, ଲକ୍ଷ୍ନୌର ଚିକେନକାରୀ, ଜାମ୍ମୁ ଓ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ି, ଦିଲ୍ଲୀ, ହରିୟାନାର ଫର୍ନିସିଙ୍ଗ୍ ବସ୍ତ୍ର, ପଞ୍ଜାବର କମ୍ବଳ ଓ କର୍ଣ୍ଣାଟକର ଶିଳ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଏହି ମେଳା ପ୍ରତ୍ୟହ ଦିବା ୧୧.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି।

# ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ପଦଯାତ୍ରା ଅକ୍ଟୋବର ୧୧ରୁ




ବାଲେଶ୍ୱର,୧୨/୦୯ (ନି.ପ୍ର): ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଉଦାସୀନତା ଅନ୍ତରାୟ ହୋଇଥିବା ନେଇ ଅଭିଯୋଗ ଉଠାଇଛି ଉତ୍ତର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ। ପର୍ଯ୍ୟଟନ ଶିଳ୍ପର ବିକାଶ ଦିଗରେ ସରକାର ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପରିଷଦ ଜନ ସଚେଜତନତା ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ହୋଟେଲ ଶ୍ରୀହରି ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ଆବାହାକ ଡ. ସନ୍ଦୀପ ପଟ୍ଟନାୟକ, ସଭାପତି କଳିଙ୍ଗ କେଶରୀ ଜେନା, କାର୍ଯ୍ୟକାରୀ ସଭାପତି ଅରଜିତ ଘୋଷାଲ, ସାଧାରଣ ସମ୍ପାଦକ ଗୌତମ ସେଠୀ, ଉପଦେଷ୍ଟା ଅସିତ ଦାସ, ଚନ୍ଦନ କୁମାର ଶତପଥୀ, ରଣଜିତ ପଣ୍ଡା ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ଉତ୍ତର ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଂଜ ଓ କେନ୍ଦୁଝର ପ୍ରଭୃତି ଜିଲାର ପର୍ଯ୍ୟଟନ କ୍ଷେତ୍ରର ଦୟନୀୟ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ପଡ଼ୋଶୀ ରାଜ୍ୟମାନଙ୍କରେ ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ଯୋଗୁଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସାଙ୍ଗକୁ ଆଖପାଖ ଅଞ୍ଚଳର ଉନ୍ନତି ପରିଲକ୍ଷିତ ହୋଇଛି। ମାତ୍ର ସରକାରୀ ଅବହେଳା ଯୋଗୁଁ ଉତ୍ତର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦୟନୀୟ ହୋଇପଡ଼ିଛି। ଉଲ୍ଲେଖନୀୟ ବିଷୟ ହେଲା ବ୍ରିଟିଶ ଅମଳର ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହୋଇ ଚାଲିଥିଲେ ବି କେନ୍ଦ୍ର କିମ୍ବା ରାଜ୍ୟ ସରକାର ଏ ଦିଗରେ ଯତ୍ନବାନ ନହେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଫଳରେ ବାହାର ରାଜ୍ୟ ତଥା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇ ଚାଲିଛି ବୋଲି ପରିଷଦର କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି। ଏନେଇ ବ୍ୟାପକ ଜନସଚେତନତା ସୃଷ୍ଟି ସହ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଆସନ୍ତା ଅକ୍ଟୋବର ମାସ ୧୧ ତାରିଖରୁ ମୟୂରଭଂଜରୁ ସଚେତନ ପଦଯାତ୍ରା ଆରମ୍ଭ କରାଯିବ। ଏଥି ସହିତ ଆସନ୍ତା ୨୦୨୩ ଜାନୁଆରୀ ୧୨ ତାରିଖ ଯୁବ ଦିବସରୁ ପର୍ଯ୍ୟଟନ ରଥ ପରିକ୍ରମା ପାଇଁ ପରିଷଦ ନିଷ୍ପତି ନେଇଥିବା ସେମାନେ କହିଛନ୍ତି। ଉତ୍ତର ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏଥିରେ ଅଧିକରୁ ଅଧିକ ଯୁବଗୋଷ୍ଠୀ ସାମିଲ ହେବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

# ଉପାନ୍ତ ନଛିମପୁରରେ କମ୍ପ୍ୟୁଟର ଶିକ୍ଷାଲାଗି ପ୍ରୟାସ



ଜଳେଶ୍ୱର, ୧୨/୯(ନି.ପ୍ର): ଓଡିଶା ଓ ପଶ୍ଚିମବଂଗ ସୀମା ନଛିମପୁର ଠାରେ ରିଦ୍ଧି ଇନିଷ୍ଟିଚ୍ୟୁଟ ଅଫ କମ୍ପୁଟର ଏଜୁକେସନ ନାମରେ ଏକ ଶିକ୍ଷା କେନ୍ଦ୍ର ଆଜି ପ୍ରତିଷ୍ଠା ହୋଇଛି । ଏହାକୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପରିଡା ଉଦ୍‌ଘାଟନ କରି ଉପାନ୍ତ ଅଂଚଳରେ କମ୍ପୁଟର ଶିକ୍ଷାର ପ୍ରସାର କରିବାରେ ଏହି ଅନୁଷ୍ଠାନ ସହାୟକ ହେବ ବୋଲି କହିଥିଲେ । ଏହା ନେସନାଲ ଏଜୁକେସନ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ଅନୁବନ୍ଧିତ ବୋଲି ପରିଚାଳନା ନିର୍ଦ୍ଦେଶକ ରାମକୃଷ୍ଣ ରାଉତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅନନ୍ତ କୁମାର ଗିରି, ରବିନ୍ଦ୍ର ଗିରି, ଆଶିଷ କୁମାର ଦେ, ପୂର୍ଣ୍ଣଚନ୍ଦ୍ର ଦାସ, ଦିଲ୍ଲିପ ଚନ୍ଦ୍ର ଗିରି, ଗିରିଧାରୀ ରାଜ, ଦୀନବଂଧୁ ପ୍ରଧାନ, ନରୋତ୍ତମ ପ୍ରଧାନ, ସୌମ୍ୟରଂଜନ କର ଅଭିଭାଷଣ ରଖିଥିବା ବେଳେ ପ୍ରଶିକ୍ଷକ ରବିନ୍ଦ୍ର ନାଥ ମିଶ୍ର ଓ ଶିବନାରାୟଣ ମିଶ୍ର ପରିଚାଳନା କରିଥିଲେ ।

# ଉତ୍କଳ ସର୍ବୋଦୟ ମଣ୍ଡଳର ଆଲୋଚନାଚକ୍ର

ବାଲେଶ୍ୱର,୧୨/୦୯ (ନି.ପ୍ର): ଉତ୍କଳ ସର୍ବୋଦୟ ମଣ୍ଡଳ, ବାଲେଶ୍ୱର ଶାଖାର ଏକ ଆଲୋଚନାଚକ୍ର ଗୋପାଳଗାଁ ସ୍ଥିତ ଓଏସିସି କଲେଜ ପରିସରରେ ସୋମାବର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସର୍ବୋଦୟ ମଣ୍ଡଳର ବାଲେଶ୍ୱର ଜିଲା ଆବାହକ ତଥା ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ମଣ୍ଡଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ, ସୁବ୍ରତା ମହାନ୍ତି, ନାମଦେବ କମିଲା, କବିତା ରାଣୀ ଦାସ ଏଥିରେ ବକ୍ତବ୍ୟ ପ୍ରଦାନ କରି ସାମ୍ପ୍ରତିକ ଅବକ୍ଷୟଗାମୀ ସାମାଜିକ ବ୍ୟବସ୍ଥାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ସାମାଜିକ ଅନୁଶାସନକୁ ଗୁରୁତ୍ୱ ଦିଆ ନଯିବା ଫଳରେ ପାରିବାରିକ ଶାନ୍ତି ନଷ୍ଟ ହେବାରେ ଲାଗିଛି ବୋଲି ବକ୍ତାମାନେ କହିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀ, ଜୟ ପ୍ରକାଶ ନାରାୟଣ ଓ ବିନୋବା ଭାବେଙ୍କ ଭଳି ମହାପୁରୁଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ପାରିଲେ ପୂର୍ବ ସାମାଜିକ ବ୍ୟବସ୍ଥା ପୁଣି ଫେରି ଆସିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତୀ ପଟ୍ଟନାୟକ, ବସନ୍ତଲତା ପଟ୍ଟନାୟକ, ନିରଂଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, କରୁଣାକର ଜେନା, ପପୁ ସେଠୀ, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଏଥିରେ ଯୋଗଦେଇ ବ୍ୟବସ୍ଥାର ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିବର୍ତ୍ତନ ପାରିବାରିକ ସ୍ତରରୁ ଆରମ୍ଭ କରିବା ଉଚିତ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ଓଡ଼ିଆ ସ୍ନାତକର ଏଣ୍ଟ୍ରାନ୍ସରେ ସୁଜାତା ଟପର



ବାଲିଆପାଳ, ୧୨/୦୯ (ନି.ପ୍ର): ଚଳିତବର୍ଷ ଓଡିଆ ବିଭାଗ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବାଲିଆପାଳ ବଡାଶ ଗ୍ରାମର ଝିଅ ସୁଜାତା ଦେ । ସେ ସର୍ବାଧିକ ୭୭.୨୭ ପ୍ରତିଶତ ରଖିଛନ୍ତି । ସେ ବାଣୀବିହାର ବିଶ୍ୱବିଦ୍ୟାଳୟରେ ପାଠପଢିବାକୁ ଇଚ୍ଛା ପ୍ରକାଶ କରିଥିବା ବେଳେ ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାର ଲକ୍ଷ୍ୟ ରଖିଛନ୍ତି । ସୁଜାତାଙ୍କ ବାପା ଅନନ୍ତ ଦେ ଜଣେ କ୍ଷୁଦ୍ର ଚାଷୀ ଏବଂ ମା ବାସନ୍ତୀ ଜଣେ ସୁ ଗୃହିଣୀ । ସୁଜାତା ନିଜର ସଫଳତା ପାଇଁ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟାପକ ଦୟାନିଧି ସାହୁ ଏବଂ ସମସ୍ତ ଅଧ୍ୟାପକ ମାନଙ୍କୁ ଶ୍ରେୟ ଦେଇଛନ୍ତି ।

# ସଦଭାବନା ସମିତି ଆନୁକୂଲ୍ୟରେ ସନ୍ଥ ଜୟନ୍ତୀ ପାଳିତ



ବାରିପଦା, ୧୨/୦୯ (ନି.ପ୍ର): ସଦଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ରଘୁନାଥପୁର ସ୍ଥିତ ଶ୍ରୀଶ୍ରୀହରିହର ମନ୍ଦିର ସଭାକକ୍ଷରେ ସନ୍ଥ ଜୟନ୍ତୀ ଏବଂ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଅତିବଡି ଜଗନ୍ନାଥ ଦାସଙ୍କ ପରି ସନ୍ଥ କବିଗଣଙ୍କ ପାଇଁ ବିଶ୍ୱରେ ଭାରତ ଆଧ୍ୟାତ୍ମିକତା ଜଗତର ଗୁରୁ ହୋଇ ପାରିଛି ବୋଲି ସଦଭାବନା ସମିତିର ପ୍ରତିଷ୍ଠାତା ଭୂମିପୁତ୍ର ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବକ୍ତବ୍ୟ ରଖିବା ସହିତ ସମିତିର ନୂତନ ସମ୍ପାଦକ ଡା. ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ସଦଭାବନା ସମିତିର ସମ୍ପାଦକ ଡା. ଜେନାଙ୍କ ସଂଯୋଜନା କ୍ରମେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଡ. ବିଜୟ କୁମାର ଅଗରୱାଲ, ବିଶେଷ ବକ୍ତା ମାନସ ଶେଖର ଭାଗବତ ପଣ୍ଡା, ପ୍ରଫେସର ଡ. ସଦାନନ୍ଦ ଦୀକ୍ଷିତ, ପଣ୍ଡିତ ସିଦ୍ଧେଶ୍ୱର ଶତପଥୀ, ଅଧ୍ୟାପକ ଗୋପବନ୍ଧୁ ଓ ଅଧ୍ୟାପକ ଜଗବନ୍ଧୁ ମିଶ୍ର ପ୍ରମୁଖ ଓଡ଼ିଶା ମାଟି ପୁରୀଠାରେ ଭୂମିଷ୍ଠ ଅତିବଡି ଜଗନ୍ନାଥ ଦାସଙ୍କ ଓଡିଆ ଭାଗବତ ପାଇଁ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀର ଆବଶ୍ୟକତା ଅତି ଜରୁରୀ ବୋଲି କହିଥିଲେ । ପ୍ରତ୍ୟେକ ମାସ ପୂର୍ଣ୍ଣମୀ ତିଥିରେ ସଦଭାବନା ସମିତି ତରଫରୁ ଏହି ମନ୍ଦିର ସଭା କକ୍ଷରେ ପବିତ୍ର ସର୍ବ ଧର୍ମ ସମ୍ପ୍ରଦାୟର ସନ୍ଥ ଜୟନ୍ତୀ ପାଳନ ହେବ ବୋଲି ସମିତି ସମ୍ପାଦକ ଡା. ଜେନା ପ୍ରକାଶ କରିଥିଲେ । ସମିତିର ନୂତନ ସଦସ୍ୟ ଭାବେ ବୀରେନ୍ଦ୍ର ନାଥ ବସା, ମାୟାଧର ପୋଥାଳ, ସୁନିଲ କୁମାର ସି, ମନମୋହନ ମହାପାତ୍ର, ନରେନ୍ଦ୍ର କୁମାର ପ୍ରଧାନ, ସର୍ବେଶ୍ୱର ପରିଡ଼ା, ଡା. ଧନଂଜୟ ପ୍ରଧାନ, ସୁଶାନ୍ତ କର, ସନତ କୁମାର ମଣ୍ଡଳ ଓ ହରିଶ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହିତ ଶ୍ରୀଶ୍ରୀ ହରିହର ମନ୍ଦିରର ସଭାକକ୍ଷ ପରିବେଶ ପାଇଁ ରଘୁନାଥପୁରର ଉଦ୍ୟୋକ୍ତା ବର୍ଗ ସାଧୁବାଦର ପାତ୍ର ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ ।

# ଓଡିଶା ଭଲିବଲ ସଂଘର ନୂତନ ଉପସଭାପତି ରବି ଦାସଙ୍କୁ ପାରାଦୀପରେ ଭବ୍ୟ ସମ୍ବର୍ଦ୍ଧନା



ପାରାଦୀପ, ୧୨/୦୯ (ନି.ପ୍ର): କଟକର ବାରବାଟୀସ୍ଥିତ ଓଡିଶା ଅଲମ୍ପିକ ସଙ୍ଘ ସମ୍ମିଳନୀ କକ୍ଷରେ ଓଡିଶା ଭଲିବଲ ସଙ୍ଘର ବାର୍ଷିକ ସାଧାରଣ ବୈଠକ ଓ ୨୦୨୨-୨୬ ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ କିସ ଓ କିଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସଭାପତି, ଡ଼ଃ. ଗଗନେନ୍ଦୁ ଦାସ ସମ୍ପାଦକ, ପାରାଦ୍ୱୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବୀନ୍ଦ୍ର କୁମାର ଦାସ ସଙ୍ଘର ଉପସଭାପତି, ଅନ୍ୟାନ୍ୟ ପଦବୀରେ ନୂତନ କାର୍ଯ୍ୟକର୍ତ୍ତା ନାଁ ଘୋଷଣା ହେଇଥିଲା । ତେବେ ଏହି ଖବର ପାଇବା ପରେ ପାରାଦୀପ ଭଲିବଲ ଓ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି । ଏହି ଅବସରରେ ସୋମବାର ସନ୍ଧ୍ୟାରେ ପାରାଦୀପ ର ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନୂତନ ଉପସଭାପତି ଶ୍ରୀ ଦାସଙ୍କୁ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର କାର୍ଯକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ, ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ, ପାରାଦୀପ ଭଲିବଲ ରେଫେରୀ ସଙ୍ଘ, ଓଡିଶା କଲାରିପାୟାଟୁ ସଙ୍ଘ,ପାରାଦୀପ ଜୁଡୋ ଆସୋସିଏସନ,କୁଜଙ୍ଗ କ୍ରିକେଟ କ୍ଲବ, ପାରାଦୀପ ର ସମସ୍ତ ଫୁଟବଲ, କ୍ରିକେଟ, ହକି, ଟେନିସ ଭଲିବଲ ସମେତ ବିଭିନ୍ନ ସଙ୍ଘ, କ୍ଲବ, ଅନୁଷ୍ଠାନ ଓ ଖେଳାଳି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସ ନୂତନ ସଭାପତି ଡ଼ଃ. ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଥିବାରୁ ପାରାଦୀପ ତଥା ଓଡ଼ିଶାର ଭଲିବଲ ଉନ୍ନତି ପାଇଁ କାର୍ଯ୍ୟ କରିପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ତେବେ ଏଥିପାଇଁ ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ପି.ଏଲ.ହରନାଦ, ଓଡିଶା ଫୁଟବଲ ଆସୋସିଏସନର ସମ୍ପାଦକ ଆର୍ଶୀବାଦ ବେହେରା ତଥା ସମସ୍ତ ଜିଲ୍ଲାର କର୍ମକର୍ତ୍ତାଙ୍କୁ ଶ୍ରୀ ଦାସ କୃତଜ୍ଞତା ଜଣାଇଛନ୍ତି ।

# ରାଜ୍ୟରେ ନୂଆ ୧୯୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୦୪୩୪ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୧୯୪ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୫ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୭୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୧୩୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୯୩୭୯ ରେ ପହଂଚିଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୧୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୯୪ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୧୧, କଟକ ଜିଲ୍ଲାରେ ୩୩, ଦେବଗଡ଼ ଜିଲ୍ଲାରେ ୩, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୬, ଝାରସୁଗୁଡ଼ା ଜିଲ୍ଲାରେ ୩, କଳାହାଣ୍ଡି ଜିଲ୍ଲାରେ ୧୬, କନ୍ଧମାଳ ଜିଲ୍ଲାରେ ୩, କେନ୍ଦ୍ରାପଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୩, ମୟୁରଭଞ୍ଜ ଜିଲ୍ଲାରେ ୨, ନବରଙ୍ଗପୁର ଜିଲ୍ଲାରେ ୧୧, ନୟାଗଡ ଜିଲ୍ଲାରେ ୬, ନୂଆପଡ଼ା ଜିଲ୍ଲାରେ ୧୧, ପୁରୀ ଜିଲ୍ଲାରେ ୪, ରାୟଗଡ଼ା ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୯, ସୋନପୁର ଜିଲ୍ଲାରେ ୪, ସୁନ୍ଦରଗଡ ଜିଲ୍ଲାରେ ୧୩ ଓ ଷ୍ଟେଟ ପୁଲରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଉର୍ଦ୍ଦୁ କବି ସମ୍ମିଳନୀ

ବାଲେଶ୍ୱର,୧୨/୦୯ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସର୍ବଭାରତ ସ୍ତରୀୟ ଉର୍ଦ୍ଦୁ କବି ସମ୍ମିଳନୀ (ମୁସୟେରା) ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ଉର୍ଦ୍ଦୁ ଭାଷା ସାହିତ୍ୟକୁ ଋଦ୍ଧୀମନ୍ତ କରିବାରେ ଏହାର କବିତା, ଗଜଲର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉର୍ଦ୍ଦୁଭାଷା ସାହିତ୍ୟର ବିକାଶ ଦିଗରେ ରାଜ୍ୟ ସରକାର ନେଉଥିବା ଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସମାଜସେବୀ ସୟଦ ସଲିମ ରାଜା ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସମ୍ପାଦକ ସୟଦ ମୁସିର ଆଲାମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମୁସୟେରା କାର୍ଯ୍ୟକ୍ରମରେ ରାଜ୍ର ତଥା ରାଜ୍ୟ ବାହାରୁ ୧୩ ଜଣ ଖ୍ୟାତନାମା କବିଙ୍କ ସମେତ ସ୍ଥାନୀୟ ବହୁ କବି ଏଥିରେ ଯୋଗଦେଇ ସ୍ୱରଚିତ କବିତା ସ୍ୱର ସହ ଗାନ କରଥିଲେ।

# ଉଦଳାରେ ମାଗଣା ହୃଦରୋଗ ଚିକିତ୍ସା ଶିବିର



ଉଦଳା, ୧୨/୦୯ (ନି.ପ୍ର): ରୋଟାରୀ କ୍ଲବ ଉଦଳାର ନେତୃତ୍ୱରେ ଆପୋଲ ହସପିଟାଲ, ଭୁବନେଶ୍ୱରର ସହଯୋଗରେ ଆଜି ସେପ୍ଟେମ୍ବର ୧୨ ତାରିଖ ସୋମବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଦିବସ ବ୍ୟାପି ହୃଦରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ମାଗଣାରେ ଯୋଗାଇ ଦିଆଯାଉଥିବା ଏହି ଶିବିରରେ କିପରି ବହୁ ଲୋକ ଉପକୃତ ହେବେ ସେଥିପାଇଁ ରୋଗାଟରୀ କ୍ଲବ ଉଦଳାର ସଭାପତି ହିରେନ କୁମାର ପଟ୍ଟନାୟକ ବହୁ ପୂର୍ବରୁ ଚିଠି କରି ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ପ୍ରକାଶ ଥାଉକି ଭାରତରେ ପ୍ରତିବର୍ଷ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ୪୭ ଲକ୍ଷ। ସେହିପରି ଗ୍ରାମାଞ୍ଚଳରେ ଏହି ମୃତ୍ୟୁ ସଂଖ୍ୟା ୧.୬ ପ୍ରତିଶତରୁ ୭.୪ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ବେଳେ ସହରାଞ୍ଚଳରେ ଏକପ୍ରତିଶତରୁ ୧୩.୨ ପ୍ରତିଶତ ହାରରେ ବଢୁଛି । ହୃଦ ରୋଗର ଲକ୍ଷଣ ଗୁଡ଼ିକ ହେଲା ଛାତିରେ ଯନ୍ତ୍ରଣା କିମ୍ବା ଅସୁବିଧା ଅନୁଭବ କରିବା । ଦାନ୍ତ, ମାଢ଼ି, ବେକ, ପିଠି, ହାତ ଓ କାନ୍ଧରେ ଯନ୍ତ୍ରଣା ଅନୁଭବ କରିବା । ବାନ୍ତି ଲାଗିବା, ଚାଲିଲେ ଧଇଁସଇଁ ଲାଗିବା, ଏହିସବୁ ଲକ୍ଷଣ ଦେଖା ଯାଉଥିଲେ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରିବା ଉଚିତ ବୋଲି ରୋଟାରୀ କ୍ଲବ ଉଦଳା ତରଫରୁ ସଚେତନତାର ବାର୍ତ୍ତା ବଣ୍ଟା ଯାଉଛି । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦଘାଟନ କରି ରୋଟାରୀ କ୍ଲବର ଏପରି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଇନରହୁଇଲ କ୍ଲବର ସଦସ୍ୟା ମାନେ ଶିବିରରେ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ । । ଆପୋଲ ହସପିଟାଲର ଡ଼ାକ୍ତର ସୌମ୍ୟ ମଙ୍ଗରାଜ ଏଠାରେ ୧୯୧ ଜଣ ବ୍ୟକ୍ତିଙ୍କର ଇସିଜି, ରକ୍ତଚାପ ଇତ୍ୟାଦି ପରୀକ୍ଷା କରିଥିଲେ। ଚିହ୍ନଟ ହୋଇଥିବା ହୃଦରୋଗୀଙ୍କୁ ଆପୋଲ ହସପିଟାଲ ଭୁବନେଶ୍ୱରରେ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ରୋଟାରୀ କ୍ଲବ ଉଦଳାର ପ୍ରତିଷ୍ଠତା ସଭାପତି ଇଞ୍ଜିନିୟର ସୁବାସ ଚନ୍ଦ୍ର ପଣ୍ଡା ଜଣାଇଥିଲେ । ଯେଉଁ ବ୍ୟକ୍ତି ମାନଙ୍କର ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଥିବ ସେମାନଙ୍କୁ ଆପୋଲରେ କୌଣସି ପଇସା ଖର୍ଚ୍ଚ କରିବା ପାଇଁ ପଡ଼ିବ ନାହିଁ ବୋଲି ସମ୍ପାଦକ ସୁଦର୍ଶନ ପ୍ରଧାନ ଅବଗତ କରାଇଥିଲେ । ଶିବିର ପରିଚାଳନାରେ ଡ଼କ୍ଟର ଶଚିଦାନନ୍ଦ ପରିଡ଼ା, ପୂର୍ଣ୍ଣ ଚନ୍ଦ୍ର ସାହୁ, ଦୀପକ ଦାସ, ଦୁଳମଣୀ ପୁହାଣ, ପ୍ରତାପ ମହାନ୍ତି, ଅଶୋକ ମହାନ୍ତି, ଅବଜବନ୍ଧୁ ବାରିକ , ଜୟଗୋପାଳ ରାୟ, ଜୟନ୍ତି ପଟ୍ଟନାୟକ, ପେମଲତା ପଣ୍ଡା, ମୀନାକ୍ଷୀ ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି, ମମତା ମହାନ୍ତି ସହଯୋଗ କରିଥିଲେ ।

# ରାଜଧାନୀରେ ୩୭ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୨/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୩୭୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୩୮୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୭୭୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୩୨ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ଭାଗବତ ଜନ୍ମ ଅବସରରେ ଭାଗବତ ପ୍ରବଚନ



ବାରିପଦା, ୧୨/୦୯ (ନି.ପ୍ର): ପବିତ୍ର ଭାଗବତ ଜନ୍ମ ଅବସରରେ ମୁର୍ଗାବାଡିସ୍ଥିତ ଭାଗବତ ଟୁଙ୍ଗିର ଦ୍ୱାଦଶ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀମଦ୍ ଭାଗବତ ମହାପୁରାଣ ଉପରେ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ରାଧାକୃଷ୍ଣ ବାଟିକାଠାରେ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ପ୍ରକାଶ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ଖ୍ୟାତନାମା ପ୍ରବଚକ ଭାଗବତଭୂଷଣ ଭାଗବତ ପଣ୍ଡା ଶ୍ରୀମଦ୍ ଭାଗବତ ମହାପୁରାଣ ଶ୍ରବଣ, ପଠନ ଓ ସେବା ଦ୍ୱାରା ମଣିଷ ଜୀବନର ସମସ୍ତ ସମସ୍ୟାର ସମାଧାନ ହେବା ସଙ୍ଗେ ସଙ୍ଗେ ମୁକ୍ତିର ମାର୍ଗ ଉନ୍ମୋଚିତ ହୋଇପାରିବ ବୋଲି କହିଥିଲେ। ମଣିଷ ହୃଦୟରେ ଭକ୍ତି, ଜ୍ଞାନ ଓ ବୈରାଗ୍ୟର ପରିପୁଷ୍ଟି ନିମିତ୍ତ ଭାଗବତ ଗ୍ରନ୍ଥ ହିଁ ଏକମାତ୍ର ଆଧାର ବୋଲି ଭାବ ଗଦ୍‌ଗଦ କଣ୍ଠରେ ପ୍ରକାଶ କରିଥିଲେ। ବ୍ୟକ୍ତିର ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନର ଶୃଙ୍ଖଳା ପାଇଁ ଭାଗବତରେ ଅନେକ ଉପାଦାନ ରହିଛି ବୋଲି ମଧ୍ୟ ବର୍ଣ୍ଣନା କରିବା ସହିତ ଶୁକଦେବ ଗୋସ୍ୱାମୀ ଗଙ୍ଗା ନଦୀ କୂଳରେ ବ୍ରହ୍ମଶାପରେ ଜର୍ଜରିତ ମହାରାଜା ପରିକ୍ଷିତଙ୍କୁ ଭାଗବତ ଶୁଣାଇ ମୁକ୍ତି ପ୍ରଦାନ କରିଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭାଗବତ ଟୁଙ୍ଗି କମିଟିର ସମ୍ପାଦକ ରସରାଜ ଖୁଣ୍ଟିଆ, କୋଷାଧ୍ୟକ୍ଷ ବାଞ୍ଛାନିଧି ଭଦ୍ର, କାର୍ଯ୍ୟକାରୀ ସଦସ୍ୟା ଗୀତାରାଣୀ ସାହୁ, ରବିନଚନ୍ଦ୍ର ସେନାପତି, ସୁଶାନ୍ତ ପଣ୍ଡା, ମଦନ ଚନ୍ଦ୍ର ମହାନ୍ତି, ବଂଶୀଧର ଦାସ, ଇଳାବତୀ ମହାନ୍ତି, ଫୁଲେଶ୍ୱରୀ ଦାଶ, ପ୍ରମିଳା ଦାଶ, ଅଜିତ କୁମାର ଘୋଷ ପ୍ରମୁଖ ଆୟୋଜକ ଥିବାବେଳେ, ରତ୍ନାକର ବେହେରା, କୃଷ୍ଣଚନ୍ଦ୍ର ଦେ, ସରୋଜିନି ବଳା, ସହଦେବ ପାତ୍ର, ଜଗଦୀଶ ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଭଜନ ପରିବେଷଣ କରିଥିବାବେଳେ ପରିଶେଷରେ ଗୀତାରାଣୀ ସାହୁ ସାଧୁବାଦ ଅର୍ପଣ କରିଥିଲେ। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ହରିକଥା ଶ୍ରବଣ କରିଥିଲେ। ପରିଶେଷରେ ସମସ୍ତ ଭକ୍ତଙ୍କୁ କମିଟି ତରଫରୁ ପ୍ରସାଦ ବିତରଣ କରାଯାଇଥିଲା।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo